

ଟି-୨୦ରୁ ଅବସର ନେଲେ ମିଚେଲ ଷ୍ଟାର୍କ

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

E-mail : sambadkalikanews@gmail.com



● ବର୍ଷ-୩୨ ● ସଂଖ୍ୟା-୨୧୬ ● ୩ ସେପ୍ଟେମ୍ବର ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-216 ● 3rd September 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

### ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା 'ସେମିକନ୍ ଇଣ୍ଡିଆ ୨୦୨୫' ଉଦ୍‌ଘାଟିତ

# ଭାରତ ସେମିକଣ୍ଡକ୍ଟର ପ୍ରଯୁକ୍ତିବିଦ୍ୟାରେ ବଡ ଉପଲବ୍ଧି ହାସଲ କରିଛି

**ନୂଆଦିଲ୍ଲୀ, ୨।୯**

ଭାରତ ସେମିକଣ୍ଡକ୍ଟର ପ୍ରଯୁକ୍ତିବିଦ୍ୟାରେ ବଡ ଉପଲବ୍ଧି ହାସଲ କରିଛି । ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀରେ 'ସେମିକନ୍ ଇଣ୍ଡିଆ ୨୦୨୫'ର ଉଦ୍‌ଘାଟନ କରିଛନ୍ତି । ଦେଶରେ ପ୍ରସ୍ତୁତ ହୋଇଥିବା ପ୍ରଥମ ସେମିକଣ୍ଡକ୍ଟର ଚିପକୁ ଲଞ୍ଚ କରାଯାଇଛି । କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏହି ଚିପ୍ ପ୍ରଦାନ କରିଛନ୍ତି । ଏହି ଅବସରରେ ସେ ବିକ୍ରମ ୩୨-ବିଟ୍ ପ୍ରୋସେସର୍ ଏବଂ ଅନ୍ୟ ୪ଟି ଅନୁମୋଦିତ ପ୍ରକଳ୍ପର ପରୀକ୍ଷା ଚିପ୍ ମଧ୍ୟ ପ୍ରଦାନ କରିଛନ୍ତି । ଏହା ଇସ୍ରୋର ସେମିକଣ୍ଡକ୍ଟର ଲ୍ୟାବ୍‌ରେ ପ୍ରସ୍ତୁତ କରାଯାଇଛି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ତେଲକୁ କଳା ସୁନା କୁହାଯାଏ, ସେହିପରି ସେମିକଣ୍ଡକ୍ଟର ଚିପ୍ସ ହେଉଛି ଡିଜିଟାଲ୍ ହୀରା । ଏକବିଂଶ ଶତାବ୍ଦୀର ପ୍ରଗତି ଏହି ଚିପ୍ସ ଉପରେ ଆଧାରିତ । ଆଗାମୀ ସମୟରେ ଏକ ଛୋଟ ଚିପ୍ ବହୁତ ପ୍ରଗତି ଏବଂ ନବସୃଜନ ଆଣିବ । ଏହି ବିପ୍ଳବରେ ଭାରତ ଏକ ବଡ଼ ଭୂମିକା ଗ୍ରହଣ କରିବାକୁ ଯାଉଛି ।

ଏହି ଅବସରରେ ଆଇଟି ମନ୍ତ୍ରୀ ଶ୍ରୀ





ବୈଷ୍ଣବ କହିଛନ୍ତି, କିଛି ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଚିନ୍ତାଧାରା ସହ 'ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ' ଆରମ୍ଭ ହୋଇଥିଲା । ମାତ୍ର ସାଢେ ୩ ବର୍ଷ ମଧ୍ୟରେ ଭାରତ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି । ଆଜି ଭାରତରେ ପାଞ୍ଚଟି ସେମିକଣ୍ଡକ୍ଟର ୟୁନିଟ୍ ଉପରେ କାମ ଦ୍ରୁତ ଗତିରେ ଚାଲିଛି । ମନ୍ତ୍ରୀ ବୈଷ୍ଣବ କହିଛନ୍ତି ଯେ ଆଜି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପ୍ରଥମ ମେଡ୍-ଇନ୍-ଇଣ୍ଡିଆ ଚିପ୍ ହସ୍ତାନ୍ତର କରିବା ଏହି ଯାତ୍ରାରେ ଏକ *(ପୃଷ୍ଠା ୭ରେ)*

## ଚର୍ଚ୍ଚାରେ ଓଡ଼ିଶା ନିର୍ମିତ ୩ ସେମିକଣ୍ଡକ୍ଟର ଚିପ୍

**ନୂଆଦିଲ୍ଲୀ, ୨।୯**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେମିକନ୍ ଇଣ୍ଡିଆ-୨୦୨୫ ସମ୍ମିଳନୀରେ ଥିବା 'ଓଡ଼ିଶା ପାଭିଲିୟନ'କୁ ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି । ଏହି ପାଭିଲିୟନ ରାଜ୍ୟର ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଉଦ୍ଭାବନୀ ସାମର୍ଥ୍ୟ, ପ୍ରଗତିଶୀଳ ନୀତି, ଏବଂ ବିନିଯୋଗ-ଅନୁକୂଳ ପରିବେଶକୁ ପ୍ରଦର୍ଶନ କରିଛି ।

ସ୍ୱଦେଶୀ ଜ୍ଞାନକୌଶଳରେ ସେମିକଣ୍ଡକ୍ଟର ଚିପ୍ ପ୍ରସ୍ତୁତିରେ ଓଡ଼ିଶାକୁ



ଐତିହାସିକ ସଫଳତା ମିଳିଛି । ନୂଆଦିଲ୍ଲୀରେ ଅନୁଷ୍ଠିତ 'ସେମିକନ୍ ଇଣ୍ଡିଆ-୨୦୨୫'ର ଉଦ୍‌ଘାଟନୀ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଓଡ଼ିଶାରେ ନିର୍ମିତ ତିନୋଟି ସେମିକଣ୍ଡକ୍ଟର ଚିପକୁ ପ୍ରଦାନ କରିଛନ୍ତି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ଏହି ଚିପଗୁଡ଼ିକ ଓଡ଼ିଶାର ଶିକ୍ଷା ଅନୁଷ୍ଠାନମାନଙ୍କ ଉଦ୍ଭାବନୀ କ୍ଷମତାକୁ ପ୍ରତିଫଳିତ କରୁଛି ଏବଂ ରାଜ୍ୟକୁ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ପ୍ରତିଷ୍ଠିତ କରୁଛି । ଓଡ଼ିଶାର ତିନୋଟି 'ମେଡ୍ ଇନ୍ ଇଣ୍ଡିଆ' ଚିପ୍ । *(ପୃଷ୍ଠା ୭ରେ)*

### ପ୍ରବଳ ବର୍ଷାରେ ବୁଡ଼ିଲା ରାସ୍ତା ଓ ପୋଲ

# ମାଲକାନଗିରିରୁ ମୋଟୁ ଓ ଆନ୍ଧ୍ର ଯୋଗାଯୋଗ ବିଚ୍ଛିନ୍ନ

**ମାଲକାନଗିରି, ୨।୯**
**ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲାରେ ସୋମବାର ସନ୍ଧ୍ୟା ସମୟରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଲଗାଣ ବର୍ଷା ହେବା ଫଳରେ ୩୨୬ ନମ୍ବର ଜାତୀୟ ରାଜପଥ ଉପରେ ଥିବା ୪ଟି ପୋଲ ଉପରେ ୫ ଫୁଟ ବନ୍ୟାଜଳ ପ୍ରବାହିତ ହେଉଛି । ଫଳରେ ଓଡିଶା ସୀମାନ୍ତ ମୋଟୁ ସହ ପଡ଼ୋଶୀ ରାଜ୍ୟ ଆନ୍ଧ୍ର ଓ ତେଲଙ୍ଗାନାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ବ୍ରିଜର ଉଭୟ ପାର୍ଶ୍ୱରେ ଯାତ୍ରୀ ଏବଂ ଶହ ଶହ ଯାନବାହନ ଅଟକି ରହିଛି । ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଲୋକଙ୍କ ଅଭିଯୋଗ ଗତ ଏକ ମାସ ଭିତରେ ପାଞ୍ଚ ଥର ଉକ୍ତ ବ୍ରିଜ ଗୁଡିକ ବୁଡ଼ି ସାରିଛି । ତଳୁଆ ବ୍ରିଜ ହୋଇଥିବା କାରଣରୁ ବାରମ୍ବାର ବୁଡୁଛି । ୩୨୬ ନମ୍ବର ଜାତୀୟ ରାଜପଥ ଉପରେ ଥିବା କାଙ୍ଗୁରୁକୋଣ୍ଡା, ଏମଭି ୯୬, ଏମଭି ୯୦ ଓ ମହାରାଜପଲ୍ଲି ବ୍ରିଜ ବନ୍ୟା ପାଣିରେ ବୁଡି ରହିଛି । ଏହି ଅଞ୍ଚଳରେ ନୂତନ ବ୍ରିଜ ଗୁଡିକ ନିର୍ମାଣାଧୀନ ହେଉଥିବା ବେଳେ ପୋଲ କାର୍ଯ୍ୟ ଅଧାରେ ଅଟକି ରହିଛି । କେବେ କାର୍ଯ୍ୟ ସମାପ୍ତ ହେବ ଏବଂ ଲୋକେ ସୁରଖୁରରେ ଗମନାଗମନ କରିପାରିବେ ତାହା ଏପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ ।



## ରାଜ୍ୟରେ ବନ୍ୟା ସ୍ଥିତି ନିୟନ୍ତ୍ରଣାଧୀନ



**ଭୁବନେଶ୍ୱର, ୨।୯**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଲଗାତାର ବର୍ଷା କାରଣରୁ ବିଭିନ୍ନ ନଦୀର ଜଳସ୍ତର ବଢ଼ିବାରେ ଲାଗିଛି, ହେଲେ ରାଜ୍ୟରେ ବନ୍ୟା ସ୍ଥିତି ନିୟନ୍ତ୍ରଣରେ ରହିଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ପାଣିପାଗ ବିଭାଗର ଆକଳନ ଅନୁସାରେ ୧ ରୁ ୫ ତାରିଖ ଲଘୁଚାପ ସୃଷ୍ଟି ହେବ । ମଙ୍ଗଳବାର ସକାଳ ୫.୩୦ ରେ ବଙ୍ଗୋପ ସାଗରର ଉତ୍ତର ପଶ୍ଚିମ ଦିଗରେ ଲଘୁଚାପ ସୃଷ୍ଟି ହୋଇଛି । ଏହି କାରଣରୁ ଓଡ଼ିଶାର ୩୦ ଜିଲ୍ଲାରେ ୪୦ରୁ ୪୫ କିମି ପବନ ସହ ବର୍ଷା ହେବ । ସେ କହିଛନ୍ତି ଯେ ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁରଓ ଦେଓଗଡ ଜିଲ୍ଲା ପାଇଁ ୱାର୍ଣ୍ଣିଂ ଜାରି ହୋଇଥିଲା । ଅଧିକ ବର୍ଷା ପାଇଁ ମାଲକାନଗିରି, ନୟାଗଡ, ବୌଦ୍ଧ, ସୋନପୁର, ବଲାଙ୍ଗୀର ପାଇଁ ୱାର୍ଣ୍ଣିଂ ଜାରି କରାଯାଇଛି । ।

### ଫୁଲବାଣୀ ଓ ତାଳଚେର ସରକାରୀ ମେଡିକାଲ କଲେଜକୁ ଏମ୍‌ବିବିଏସ୍ ପାଇଁ ୧୦୦ ଲେଖାଏଁ ଆସନ

# ୨୦୨୫-୨୬ ଶିକ୍ଷା ବର୍ଷରୁ ପାଠ ପଢ଼ା ଆରମ୍ଭ

**ଭୁବନେଶ୍ୱର, ୨।୯**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଆଉ ଦୁଇଟି ସରକାରୀ ମେଡିକାଲ କଲେଜ ପାଇଁ ୨୦୦ ଆସନ ଅନୁମୋଦିତ ହୋଇଛି । ଜାତୀୟ ମେଡିକାଲ କମିଶନ୍ ଏହି ମଞ୍ଜୁରୀ ଦେଇଛନ୍ତି । ଫୁଲବାଣୀ ସରକାରୀ ମେଡିକାଲ କଲେଜ ପାଇଁ ୧୦୦ଟି ସିଟ୍ ଅନୁମୋଦିତ ହୋଇଥିବା ବେଳେ, ତାଳଚେର ସ୍ଥିତ ପବିତ୍ର ମୋହନ ପ୍ରଧାନ ସରକାରୀ ମେଡିକାଲ କଲେଜ ପାଇଁ ମଧ୍ୟ ୧୦୦ ଟି ସିଟ୍ ଅନୁମୋଦିତ ହୋଇଛି ।

ଚଳିତ ୨୦୨୫-୨୬ ଶିକ୍ଷା ବର୍ଷରୁ ପାଠ ପଢା ଆରମ୍ଭ ହେବ ।

ଜାତୀୟ ମେଡିକାଲ କମିଶନ୍ ଦ୍ୱାରା ଏହି ମଞ୍ଜୁରୀକୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ସ୍ୱାସ୍ଥ୍ୟ ଶିକ୍ଷା କ୍ଷେତ୍ରରେ



ଓଡ଼ିଶା ଆଉ ଏକ ମାଇଲ ଖୁଣ୍ଟ କରି ପାରିଛି । ଗୋଟିଏ ବର୍ଷରେ ୨୦୦ ଅଧିକ ଓଡ଼ିଆ ଛାତ୍ରଛାତ୍ରୀ ଚଳିତ ଶିକ୍ଷା ବର୍ଷ ଠାରୁ ଡାକ୍ତରୀ ଶିକ୍ଷା ଗ୍ରହଣ କରି ପାରିବେ ।

ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଓଡ଼ିଶାର ସ୍ୱାସ୍ଥ୍ୟ ସେବା ଓ ସ୍ୱାସ୍ଥ୍ୟ ଶିକ୍ଷାରେ ଉନ୍ନତି ପାଇଁ ରାଜ୍ୟ ସରକାର ନିରନ୍ତର ଉଦ୍ୟମ କରି ଚାଲିଛନ୍ତି । ଏହି ମଞ୍ଜୁରୀ ଦ୍ୱାରା ସରକାରଙ୍କ ଉଦ୍ୟମ ସଫଳ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଆଜିର ମୁଖ୍ୟ ଖବର


- ସମ୍ବଲପୁରରେ ପିସି ବ୍ରିଜ୍ ତଳେ ଭିସୁଟ୍ ଛାତ୍ରଙ୍କ ମୃତଦେହ ଉଦ୍ଧାର ।
- ସେପ୍ଟେମ୍ବର ୭ରେ ମୀନରାଶିରେ ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଓ ୨୧ରେ କନ୍ୟାରାଶିରେ ଆଂଶିକ ସୂର୍ଯ୍ୟଗ୍ରହଣ
- ଭୁବନେଶ୍ୱର ଝାରପଡ଼ା ଦୁର୍ଗା ପୂଜା ସମିତିରେ ଦୁଇଟି ଦଳ
- ମାଦକ ବିରୋଧୀ ଅଭିଯାନ "ଅପରେସନ ପ୍ରହାର" ଆରମ୍ଭ : ଧାରାବାହିକ ଭାବେ ଚାଲିଛି ଗିରଫଦାରୀ ଓ ବିପୁଳ ମାଦକ ଦ୍ରବ୍ୟ ଜବତ ।
- ଭୁବନେଶ୍ୱରରେ ପ୍ରବାସୀ ଶ୍ରମିକଙ୍କୁ ଭିଡ଼ ଆକ୍ରମଣ; ପଶ୍ଚିମ ବଙ୍ଗ ପୋଲିସ ଓଡ଼ିଶା ପୋଲିସକୁ ଅବଗତ କଲା ଅନ୍ୟୂନ ୮ ଶ୍ରମିକ ଆହତ ।
- ୨୯୦ କି.ମି. ବିସ୍ତୃତ ଡେବ୍ରିଗଡ଼ ବନ୍ୟଜୀବ ଅଭୟାରଣ୍ୟକୁ ଜାତୀୟ ଉଦ୍ୟାନରେ ଅପଗ୍ରେଡ୍ କରିବା ପାଇଁ ପ୍ରସ୍ତୁତ ।
- ଓଡ଼ିଶାର ଛାତ୍ରମାନେ ୭ ଦିନରେ ୭୦ କିଲୋ ଚକୋଲେଟ୍‌ରେ ତିଆରି କଲେ ମୋଦୀଙ୍କ ପ୍ରତିମା ।
- ଚାଷୀ ଆନ୍ଦୋଳନ ପରେ ଖାଦ୍ୟ ସାର ବଣ୍ଟନ ନିଶ୍ଚିତ କରିବାକୁ ସରକାରୀ ଆଦେଶ ।
- ବଲାଙ୍ଗିରରେ ପୋଲିସ୍‌କୁ ଆକ୍ରମଣ, ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ।


# ସୁଦାନରେ ଭୂସ୍ଖଳନ : ଗୋଟିଏ ଗାଁର ହଜାରେ ମୃତ

**ନୂଆଦିଲ୍ଲୀ, ୨।୯**

ସୁଦାନର ପଶ୍ଚିମ କ୍ଷେତ୍ର ଅନ୍ତର୍ଗତ ଦାରଫୁରରେ ଭୂସ୍ଖଳନ କାରଣରୁ ପ୍ରାୟ ୧୦୦୦ ଲୋକଙ୍କ ମୃତ୍ୟୁ ହୋଇଥିବା ନେଇ ଖବର ସାମ୍ନାକୁ ଆସିଛି ।

ଏହି ଦେଶକୁ ନିୟନ୍ତ୍ରଣ କରୁଥିବା ବିଦ୍ରୋହୀ ଗୋଷ୍ଠୀ – ସୁଦାନ ଲିବରେସନ ମୁଭମେଣ୍ଟ-ଆର୍ମି ସୋମବାର କହିଛି ଯେ କିଛି ଦିନର ପ୍ରବଳ ବର୍ଷା ପରେ ରବିବାର ତାରାସିନ ଗାଁରେ ଭୂସ୍ଖଳନ ହୋଇଛି । ରିପୋର୍ଟ ଅନୁଯାୟୀ, ଏହି ଗାଁ କେନ୍ଦ୍ରୀୟ ଦାରଫୁରର ମାରାହ ପର୍ବତମାଳାର ମଧ୍ୟଭାଗରେ ଅଛି ।

ସୁଦାନ ଲିବରେସନ ମୁଭମେଣ୍ଟ-ଆର୍ମି ପକ୍ଷରୁ ମିଳିଥିବା ପ୍ରାରମ୍ଭିକ ସୂଚନା ଅନୁଯାୟୀ,



ତାରାସିନ ଗାଁରେ ରହୁଥିବା ପ୍ରାୟ ସମସ୍ତ ଲୋକଙ୍କ ମୃତ୍ୟୁ ହୋଇଛି । କେବଳ ଜଣେ ବ୍ୟକ୍ତି ବଞ୍ଚିଛନ୍ତି ।

ସେନା କହିଛି ଯେ ପଶ୍ଚିମ ସୁଦାନର ମାରାହ ପର୍ବତମୟ ଅଞ୍ଚଳରେ ଭୂସ୍ଖଳନରେ ଏକ ଗାଁ ନଷ୍ଟ ହୋଇଯାଇଛି ଏବଂ ଅତି କମରେ ୧୦୦୦ ଲୋକଙ୍କ ମୃତ୍ୟୁ ହୋଇଛି ।

ଏହି ଅଘଟଣ ୩୧ ଅଗଷ୍ଟ ରାତିରେ ଘଟିଥିଲା । ଦୁଇ ବର୍ଷ ଧରି ଚାଲିଥିବା ଗୃହଯୁଦ୍ଧ ଯୋଗୁଁ ସୁଦାନର ଅଧାରୁ ଅଧିକ ଜନସଂଖ୍ୟା ଅନାହାର ସଙ୍କଟର ସମ୍ମୁଖୀନ ହେଉଛନ୍ତି ଏବଂ ଲକ୍ଷ ଲକ୍ଷ ଲୋକ ବାସହୀନ ହୋଇଯାଇଛନ୍ତି ।

ଏଠାକାର ଲୋକମାନେ ପୁରୁଷ, ମହିଳା ଏବଂ ଶିଶୁ ସମେତ *(ପୃଷ୍ଠା ୭ରେ)*

### ସତର୍କ କଲା ପାଣିପାଗ ବିଭାଗ

## ସେପ୍ଟେମ୍ବରରେ ଅଧିକ ବର୍ଷା ହେବାର ସମ୍ଭାବନା

**ଭୁବନେଶ୍ୱର, ୨।୯ : ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡ଼ି) ଅନୁଯାୟୀ, ଚଳିତ ସେପ୍ଟେମ୍ବର ମାସରେ ଓଡ଼ିଶାରେ ସାଧାରଣ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି । ଏନେଇ ଆଇଏମ୍‌ଡ଼ି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଭାରତରେ ସେପ୍ଟେମ୍ବରରେ ସାଧାରଣଠାରୁ ଅଧିକ ବର୍ଷା ହେବ ଏବଂ ମାସ ଆରମ୍ଭ ସୁଦ୍ଧା ୧୦୭% ବର୍ଷା ହୋଇଛି, ଯାହା ସାଧାରଣଠାରୁ ୭% ଅଧିକ । ସାଧାରଣତଃ ମୌସୁମୀ ସମୟରେ ୧୩ରୁ ୧୪ଟି ଲଘୁଚାପ ଓ ଅବପାତ ସୃଷ୍ଟି ହୋଇଥାଏ, କିନ୍ତୁ ଏଥର ୧୬ଟି ଲଘୁଚାପ ଓ ଅବପାତ ହେବାର ଆକଳନ ରହିଛି । ଲଘୁଚାପ ହେଲେ ଓଡ଼ିଶାର ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ଅଧିକ ବର୍ଷା ହେବ । ବର୍ତ୍ତମାନ ସୃଷ୍ଟି ହୋଇଥିବା ଏକ ଲଘୁଚାପ ରବିବାର ସୁଦ୍ଧା ଉପକୂଳ ଅତିକ୍ରମ କରିବ ବୋଲି ପୂର୍ବାନୁମାନ କରାଯାଇଛି । ଏହା ଫଳରେ ରାଜ୍ୟର କିଛି ଜିଲ୍ଲାରେ ୨୦ ସେମିରୁ ଅଧିକ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

# ଡଲାର ତୁଳନାରେ ଟଙ୍କା ହ୍ରାସ

**ନୂଆଦିଲ୍ଲୀ, ୨।୯**

ବିଶ୍ୱସ୍ତରୀୟ ଉତ୍ତେଜନା ଏବଂ ଆମେରିକୀୟ ଶୁଳ୍କର ପ୍ରଭାବ ଭାରତୀୟ ଟଙ୍କାକୁ ଦୁର୍ବଳ କରୁଛି । ଆମେରିକୀୟ ଡଲାର ତୁଳନାରେ ଟଙ୍କା ସର୍ବକାଳୀନ ସର୍ବନିମ୍ନ ସ୍ତରରେ ପହଞ୍ଚିଛି । ସୋମବାର ଟଙ୍କା ୮୮.୩୩ରେ ପହଞ୍ଚିଛି । ଏହା ଗତ ଶୁକ୍ରବାରର ୮୮.୩୦ ଟଙ୍କା ଅପେକ୍ଷା ଅଧିକ ରହିଛି । ତେବେ ଟଙ୍କାର ମୂଲ୍ୟ ହ୍ରାସ ଆଗାମୀ ସମୟରେ ଦେଶର ଅର୍ଥନୀତିକୁ ବଡ଼ କ୍ଷତି ପହଞ୍ଚାଇପାରେ ବୋଲି ଅର୍ଥ ବିଶେଷଜ୍ଞ



ମତପୋଷଣ କରିଛନ୍ତି । ଏହା ଦ୍ୱାରା ଦେଶ ୫ଟି ବଡ଼ କ୍ଷତି ସହିବାର ଆଶଙ୍କା ରହିଛି ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିବା ପରଠାରୁ, ଭାରତୀୟ ମୁଦ୍ରା ନିଜର ଗତି ପରିବର୍ତ୍ତନ କରିଛି । ପରିସଂଖ୍ୟାନ ଦର୍ଶାଉଛି ଯେ, ଭାରତୀୟ ମୁଦ୍ରା ନିଜର ସବୁଠାରୁ ଖରାପ ସମୟ ଦେଇ ଗତି କରୁଛି । ଏହାର ପତନ ପଛରେ ମୁଖ୍ୟ କାରଣ ହେଉଛି ଶୁଳ୍କ, ଏହା ବ୍ୟତୀତ, ଆମଦାନୀକାରୀଙ୍କ ଦ୍ୱାରା ନିରନ୍ତର ହେଜିଂ ଚାହିଦା *(ପୃଷ୍ଠା ୭ରେ)*

## ରାଜଧାନୀରେ ପ୍ରତିଷ୍ଠା ହେବ ଡପଲର ରାଡାର ସିଷ୍ଟମ

**ଭୁବନେଶ୍ୱର, ୨।୯ : ନ୍ୟୁଜ୍ ବ୍ୟୁରୋ**

ରାଜଧାନୀରେ ଡପଲର ରାଡାର ସିଷ୍ଟମ ପ୍ରତିଷ୍ଠା ହେବା ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ଖୁବଶୀଘ୍ର ବାଲେଶ୍ୱର ଓ ସମ୍ବଲପୁରରେ ରାଡାର ସିଷ୍ଟମ କାର୍ଯ୍ୟକ୍ଷମ ହେବ । ବାଲେଶ୍ୱର ଓ ସମ୍ବଲପୁରରେ ଭିତ୍ତିଭୂମି କାର୍ଯ୍ୟ ସରିଛି । ଖୁବ୍ କମ୍ ଦିନରେ କାର୍ଯ୍ୟକ୍ଷମ ହେବା ନେଇ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ । ରାଡାର ସିଷ୍ଟମ କାର୍ଯ୍ୟକ୍ଷମ ହେବା ଦ୍ୱାରା ପାଣିପାଗର ନିଖୁଣ ଆକଳନ କରାଯାଇପାରିବ ।

## ଏକାଳ ପଖାଳ



ଭୁବନେଶ୍ୱର ଆହୁରି ବଢିବ
ବଡ ହେବ କଳେବର
ନେତାଙ୍କ ବୟାନ ସଫା ପୂରାପୂରି
ବିକାଶଟା ଯୋରଦାର
ଜନତା ଅପେକ୍ଷା କର
ଏବେ ତ ମାତ୍ର କେନ୍ଦ୍ରରେ ଚମକିଛି
ଆମ ସେମି କଣ୍ଡକ୍ଟର ।

# ଚାଇନାରେ ମୋଦିଙ୍କ ସହ ବଡ଼ ଡିଲ୍ କଲେ ପୁଟିନ୍ !



**ବେଜିଂ, ୨।୯**

ଚାଇନାରେ ଅନୁଷ୍ଠିତ ଏସ୍‌ସିଓ ସମ୍ମିଳନୀ ସମୟରେ, ତିନି ବଡ଼ ଶକ୍ତି ଭାରତ, ଚାଇନା ଏବଂ ରୁଷକୁ ଗୋଟିଏ ମଞ୍ଚରେ ଏକାଠି ଦେଖିବାକୁ ମିଳିଥିଲା । ପ୍ରଧାନମନ୍ତ୍ରୀ ମୋଦି, ରୁଷ ରାଷ୍ଟ୍ରପତି ପୁଟିନ ଏବଂ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ ପରସ୍ପରକୁ ଭେଟି ଏକ ବୈଠକ କରିଥିଲେ । ଏସ୍‌ସିଓ ସମ୍ମିଳନୀ କାର୍ଯ୍ୟକ୍ରମ ପରେ, ପ୍ରଧାନମନ୍ତ୍ରୀ ମୋଦି ଏବଂ ରାଷ୍ଟ୍ରପତି ପୁଟିନଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା । ଗୋଟିଏ ପଟେ ଆମେରିକା ବର୍ତ୍ତମାନ ରୁଷରୁ ତେଲ କିଣିବା ଏବଂ ଏହାକୁ ଟାର୍ଗେଟ କରିବା ପାଇଁ ଭାରତ ଉପରେ ଅତିରିକ୍ତ ଶୁଳ୍କ ଲାଗୁ କରୁଛି । ଏହି ସମୟରେ, ଦୁଇ ଦେଶ ମଧ୍ୟରେ ଏହି ଆଲୋଚନା ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା ।

ଚାଇନାରେ ଅନୁଷ୍ଠିତ ଏସ୍‌ସିଓ ସମ୍ମିଳନୀ ପରେ, ପ୍ରଧାନମନ୍ତ୍ରୀ ମୋଦି ଏବଂ ରାଷ୍ଟ୍ରପତି ପୁଟିନଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା । ଚାଇନାର ତିଆନଜିନରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଦ୍ୱିପାକ୍ଷିକ ବୈଠକ ସମୟରେ, ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ମୁଁ ସର୍ବଦା ଅନୁଭବ କରେ ଯେ ଆପଣଙ୍କ ସହିତ ସାକ୍ଷାତ ଏକ ସ୍ମରଣୀୟ ବୈଠକ । ଆମେ ଅନେକ ବିଷୟ ଉପରେ ସୂଚନା ବାଣ୍ଟିବାର ସୁଯୋଗ ପାଇଛୁ । ଆମେ ନିରନ୍ତର ଯୋଗାଯୋଗରେ *(ପୃଷ୍ଠା ୭ରେ)*

## ଚନ୍ଦ୍ରଗ୍ରହଣ: ରବିବାର ୧୨ଟା ୫୭ ମିନିଟ୍‌ରୁ ପାକ ତ୍ୟାଗ

**ପୁରୀ, ୨।୯ : ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୭ ସେପ୍ଟେମ୍ବର ରବିବାର ଚନ୍ଦ୍ରଗ୍ରହଣ ଉପଲକ୍ଷେ ଶ୍ରୀମନ୍ଦିରରେ ନୀତିକାନ୍ତି ନିର୍ଘଣ୍ଟ ସ୍ଥିର ହୋଇଛି । ଛତିଶା ନିଯୋଗ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଗ୍ରହଣ ନୀତି ଅନୁଯାୟୀ, ରବିବାର ମଧ୍ୟାହ୍ନ ୧୨ଟା ୫୭ ମିନିଟରୁ ପାକ ତ୍ୟାଗ କରାଯିବ ଏବଂ ଦେବ ନୀତି ନିଷେଧ ରହିବ ।

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଓ ଅନ୍ୟାନ୍ୟ ସୂଚନା ଅନୁଯାୟୀ, ଏହି ଚନ୍ଦ୍ରଗ୍ରହଣ ରାତି ୯ଟା ୫୭ ମିନିଟ୍‌ରେ ସ୍ପର୍ଶ କରିବ ଏବଂ ରାତି ୧ଟା ୨୭ ମିନିଟ୍‌ରେ ସର୍ବମୋକ୍ଷ ହେବ । ଏହା ଏକ ଆଂଶିକ ଚନ୍ଦ୍ରଗ୍ରହଣ ହେବ, ଯାହା ଭାରତରେ ଦୃଶ୍ୟମାନ ହେବ । ଗ୍ରହଣ ସମାପ୍ତ ପରେ ରାତି ୨ଟାରେ ଶ୍ରୀମନ୍ଦିରରେ ଦ୍ୱାରଫିଟା ନୀତି



ଅନୁଷ୍ଠିତ ହେବ ।

ପୁରୀ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ଗ୍ରହଣ ସମୟରେ ମନ୍ଦିରରେ ସମସ୍ତ ନୀତିକାନ୍ତି ବନ୍ଦ ରହିବ ଏବଂ ସର୍ବମୋକ୍ଷ ପରେ ଆବଶ୍ୟକୀୟ ପୂଜାର୍ଚ୍ଚନା କରାଯିବ । ଏହି ଗ୍ରହଣ ଓଡ଼ିଶା *(ପୃଷ୍ଠା ୭ରେ)*





# ୨୫ ଲକ୍ଷର ଟଙ୍କାର ସୁନା ଅଳଙ୍କାର ଲୁଟ୍‌:ଚାକରାଣୀ ଅଟକ

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

କଣ୍ଟାବାଞ୍ଜି ଆଶ୍ରମ ପଡ଼ାରେ ରହୁଥିବା ନଶିମା ତପସୁମ ଘରୁ ପ୍ରାୟ ୨୫ ଲକ୍ଷ ଟଙ୍କାର ସୁନା ଗହଣା ଚୋରି ହୋଇଥିବା କଣ୍ଟାବାଞ୍ଜି ଥାନାରେ ଅଭିଯୋଗ ହୋଇଛି । ପୋଲିସ ଅଭିଯୋଗକୁ ଭିତ୍ତି କରି ନଶିମା ତପସୁମଙ୍କ ଘରେ କାମ କରୁଥିବା ଜଣେ ଚାକରାଣୀକୁ ଅଟକ ରଖି ଅଧିକ ତଦନ୍ତ ଆରମ୍ଭ କରିଛି । ନଶିମା ତପସୁମଙ୍କ ସ୍ୱାମୀ ରେଳ ବିଭାଗରେ ଗାର୍ଡ ଭାବେ ଚାକିରି କରୁଥିବା ବେଳେ ଦେଢ଼ ବର୍ଷ ହେବ ତାଙ୍କ ମୃତ୍ୟୁ ହୋଇସାରିଛି । ନଶିମା ତପସୁମ ସୁନା ଗହଣା ପିନ୍ଧୁଥିବା ସୌଖିନ ଥିବା ବେଳେ ଯେଉଁ ସବୁ ସୁନା ଚୋରି ହୋଇଛି ତାର ବିଲ୍ ମଧ୍ୟ ରହିଛି । ଅନ୍ୟପକ୍ଷରେ ନଶିମା ତପସୁମ ପୋଲିସକୁ ବିଲ୍ ଦେଉଥିବା ବେଳେ ପୋଲିସ ଥାନା ଅଧିକାରୀ ରଶ୍ମିତା ବେହେରା ବିଲ୍ ଗ୍ରହଣ କରୁନାହାନ୍ତି । ନଶିମା ତପସୁମ ପୋଲିସକୁ ଦେଇଥିବା ଏତଲାରେ ୨୫ ଲକ୍ଷର ସୁନା ଗହଣା ଚୋରି ହୋଇଥିବା ଉଲ୍ଲେଖ କରିଥିବା ବେଳେ ପୋଲିସ ୧୫ ଲକ୍ଷ ଟଙ୍କାର ସୁନା ଗହଣା ଚୋରି ହୋଇଥିବା ଦର୍ଶାଇଛନ୍ତି । ସେହିପରି କଣ୍ଟାବାଞ୍ଜି ସହର କିଛି ନାମିଦାମୀ ସୁନା ବ୍ୟବସାୟୀ କରୁଥିବା ଦୋକାନୀ ଚୋରି ସୁନା କିଣିଥିବା ବେଳେ ତାଙ୍କ ଠାରୁ କିଛି ସୁନା ମଧ୍ୟ ଜବତ ହୋଇଛି । ହେଲେ ପୋଲିସ ସୁନା ବ୍ୟବସାୟୀଙ୍କୁ ଅନୁକମ୍ପା ଦେଖାଇ ଏତଲାରେ ନାଁ ଉଲ୍ଲେଖ କରିନାହିଁ । ପୋଲିସ ଏହି ଘଟଣାକୁ ଏକ ପ୍ରକାର ଚପେଇ ଦେବାକୁ ଚେଷ୍ଟା କରୁଛି । ତେବେ ଏନେଇ କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡିଙ୍କୁ ପଚାରିବାରୁ ତଦନ୍ତ ଚାଲିଚି, ଥାନା ଅଧିକାରୀ ଏହି ମାମଲାର ତଦନ୍ତକାରୀ ଅଧିକାରୀ ଅଛନ୍ତି, କଣ ହେଇଛି କଣ ନାହିଁ ମୁଁ ଦେଖୁଛି ବୋଲି କହିଛନ୍ତି ।

### ।।।।।।।।।।। ଯାଜପୁର ଜିଲ୍ଲାର ଟ୍ୟାକ୍ସ ବାର୍ ଆସୋସିଏସନ୍ ପକ୍ଷରୁ ଆଲୋଚନା ଚକ୍ର ।।।।।।।।।।।

# ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି ବଳରେ ଓଡ଼ିଶା ବିକଶିତ ହୋଇପାରିବ:ସୌମ୍ୟରଞ୍ଜନ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**





ଯାଜପୁର ଜିଲ୍ଲା ଟ୍ୟାକ୍ସ ବାର୍ ଆସୋସିଏସନ୍ ତରଫରୁ ସ୍ୱର୍ଗତଃ ମଦନ ମୋହନ ସ୍ୱାଇଁଙ୍କ ୮୪ତମ ଜନ୍ମ ଜୟନ୍ତୀ ଅବସରରେ ଏକ ଆଲୋଚନାଚକ୍ର ସ୍ଥାନୀୟ ବ୍ୟାସଦେବ ଟାଉନ୍‌ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏହାର ବିଷୟ ବସ୍ତୁ 'ବିକଶିତ ଓଡ଼ିଶା ୨୦୩୬ : ସ୍ୱପ୍ନ ଓ ବାସ୍ତବତା ଏବଂ ଗଣ ସଙ୍ଗଠନର ଭୂମିକା' ରହିଥିଲା । ଆସୋସିଏସନ୍‌ର ସଭାପତି ବିବେକାନନ୍ଦ ମହାନ୍ତି ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନା ଚକ୍ରକୁ କୋରାଇ ବିଧାୟକ ଆକାଶ ଦାସ ନାୟକ ମହୋଦୟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସମସ୍ତଙ୍କ ସହଯୋଗରେ ବିକଶିତ ଓଡ଼ିଶା, ୨୦୩୬ର ସ୍ୱପ୍ନ ବାସ୍ତବରେ ପରିଣତ ହେବ ସମସ୍ତଙ୍କ ସହଯୋଗରେ ବିଶେଷ କରି ଯୁବକ ଓ ଛାତ୍ରବର୍ଗଙ୍କ ଉଦ୍ୟମରେ ହେବ ବୋଲି ପ୍ରକାଶ କରିଥିଲେ । ଏବଂ ସମାଜରେ ଭାଇଚାରା ପରସ୍ପର ଭଲ ପାଇବା ଭୟ ନ ରହିବା ହେଲେ ରାଜ୍ୟ ପ୍ରକୃତ ବିକଶିତ ହେବ ବୋଲି ମତ ଦେଇଥିଲେ । ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ମହୋଦୟ ଭାଗ ନେଇ ଏହି ବିଷୟ ବସ୍ତୁ ସହିତ ଟ୍ୟାକ୍ସ ବାର୍ ଆସୋସିଏସନ୍ ସହିତ ବିଭିନ୍ନ ସମାଜ ମୂଳକ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ଓଡ଼ିଶାର ପ୍ରତ୍ୟେକ ଦିଗରୁ ବିଶେଷ କରି ବେରୋଜଗାର, ବେକାରୀ, ଶିଶୁ ମହିଳା ମୃତ୍ୟୁ, ଅନାହାର ମୃତ୍ୟୁ ବନ୍ଦ ହୋଇପାରିଲେ ବିକାଶ ସମ୍ଭବ ହେଇପାରିବ । ବିଗତ ୨୦ ବର୍ଷରେ ବିକାଶ ହୋଇଥିଲେ ମଧ୍ୟ ଆମେ ବିକାଶଶିଳ ଅବସ୍ଥାରେ ଅଛୁ ବିକଶିତ ହେବକୁ ହେଲେ ସ୍ଥାନୀୟ ନିଯୁକ୍ତି ସହିତ ପ୍ରାକୃତିକ ସମ୍ପଦକୁ ପ୍ରକୃତ ବିନିଯୋଗ କରି ଛୋଟ ଛୋଟ ଶିଳ୍ପ ପ୍ରତିଷ୍ଠା କଲେ ଏହା ସମ୍ଭବ ହେଇପାରିବ ଏବଂ ମୁଖ୍ୟ ବକ୍ତା ଭାବେ ଆଲୋଚନରେ ଇଷ୍ଟର୍ନ ମିଡ଼ିଆ ଲିମିଟେଡ ତଥା ଆମ ଓଡ଼ିଶା ଓ ସମ୍ବାଦ ପରିବାରର ମୁଖ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ମହୋଦୟ ଯୋଗଦେଇ ସରକାରଙ୍କର ଦୃଢ଼ ଇଚ୍ଛା ଶକ୍ତି ବଳରେ ହିଁ ଓଡ଼ିଶା ବିକଶିତ ହେଇପାରିବ । ସରକାରୀ ଯୋଜନା ଉଚିତ ଭାବରେ ପରିଚାଳନା ଦୁର୍ନୀତି ରୋକିବା ଏବଂ ଲୋକମାନଙ୍କ ଅଭିଯୋଗକୁ ସକାରାତ୍ମକ କରିବାରେ ପ୍ରକୃତ ଓଡ଼ିଶା ବିକଶିତ ହେଇପାରିବ । ସମ୍ମାନିତ ଅତିଥି ଭାବେ ବିଧାୟକ ପାଟଣା ଅଖିଳ ଚନ୍ଦ୍ର ନାୟକ ମୋହଦୟ ଯୋଗଦେଇ କେନ୍ଦୁଝର ଜିଲ୍ଲା ଯାଜପୁର ଜିଲ୍ଲା ଉପରେ ନିର୍ଭରଶୀଳ ଏବଂ ଯାଜପୁର ଜିଲ୍ଲା କେନ୍ଦୁଝର ଜିଲ୍ଲା ନିର୍ଭରଶୀଳ, କେନ୍ଦୁଝର ଯାଜପୁର ଅଙ୍ଗାଙ୍ଗି ଭାବରେ ଜଡ଼ିତ ଏବଂ ମୋହନ ସରକାର ଓଡ଼ିଶାକୁ ସମ୍ପୂର୍ଣ୍ଣ ବିକଶିତ କରିବା ପାଇଁ ବଦ୍ଧ ପରିକର ବୋଲି ପ୍ରକାଶ କରିଥିଲେ ଓ ଅତିରିକ୍ତ କମିଶନର ସତ୍ୟ ନାରାୟଣ ପଣ୍ଡା ମହୋଦୟ ଯୋଗଦେଇ ଟିକସ ଆଦାୟରେ ଜଣାପଡ଼େ ଅଞ୍ଚଳ ତଥା ରାଜ୍ୟ କେତେ ବିକଶିତ । ଯାଜପୁର ରେଞ୍ଜ ଓଡ଼ିଶାରେ ଟିକସ ଆଦୟରେ ୨ୟ ସ୍ଥାନ ହାସଲ କରିଥିବାରୁ ଏହା ଆମ ପାଇଁ ଖୁସିର କଥା ଏବଂ ରାଜ୍ୟ ବିକାଶଶୀଳ ଆଗକୁ ହେଇପାରିବ ବୋଲି ଆଶାବାଦୀ । ସମ୍ପାଦକ ଧନେଶ୍ୱର ବାରିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲା ବେଳେ ମଞ୍ଚ ପରିଚାଳନା କରିଥିଲେ ଉପସଭାପତି ସସ୍ମିତା ସ୍ୱାଇଁ ଏବଂ ଯୁଗ୍ମ ସମ୍ପାଦକ ଅଶୋକ କୁମାର ଶର୍ମା ଧନ୍ୟବାଦ ଜ୍ଞାପନ କରିଥଲେ । ସଭାରେ ବିଭିନ୍ନ ପ୍ରତିଭା ସମ୍ପନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଆଦର୍ଶ ମା' ସାରଥୀ ରାଣୀ ସ୍ୱାଇଁ ଆଦର୍ଶ, ପିତା ସତ୍ୟନାରାୟଣ ମହାନ୍ତି, ଆଦର୍ଶ ଦମ୍ପତି ପ୍ରସନ୍ନ କୁମାର ସାମଲ, ଖ୍ୟାମାମୟୀ ସାମଲ, ଆଦର୍ଶ ଓକିଲ ନଟବର ପଣ୍ଡା, ଆଦର୍ଶ ଉଦ୍ୟୋଗପତି ପ୍ରଲୁବ୍ଧ ଜେନାଙ୍କୁ ଅତିଥିମାନେ ମାନପତ୍ର, ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଉକ୍ତ ସଭାରେ ବିଭିନ୍ନ ଓକିଲ ସଂଘ, ସାମ୍ବାଦିକ ସଂଘ, ବଣିକ ସଂଘ, ବିଭିନ୍ନ ସାମାଜିକ ସଂଗଠନର କାର୍ଯ୍ୟକର୍ତ୍ତା ସହିତ ଅନେକ ଶିକ୍ଷାବିତ ବୁଦ୍ଧିଜୀବୀ ଯୋଗଦେଇଥିଲେ । ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଲକ୍ଷ୍ମୀଧର ସାହୁ ରଞ୍ଜନ କୁମାର ମଲ୍ଲିକ, ସୂର୍ଯ୍ୟମଣି ପାଢ଼ୀ, ଅଜୟ କୁମାର ବିଶ୍ୱାଳ, ଦୂର୍ବାଦଳ ବସ୍ତୁ, ହେମନ୍ତ କୁମାର ପଥାଳ, ମାନସ ରଞ୍ଜନ ସାମଲ, ରମାକାନ୍ତ ନନ୍ଦ, ଦିଲ୍ଲୀପ କୁମାର ମଲ୍ଲିକ, ଅକ୍ଷୟ କୁମାର ବାରିକ, ରତିକାନ୍ତ ବେହେରା, ପ୍ରବୀର କୁମାର ରାଉତ ଓ ଚନ୍ଦନ କୁମାର ମଲ୍ଲିକ ପ୍ରମୁଖ ପରି ଚାଳନାରେ ସହଯୋଗ କରିଥିଲେ ।

## ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଅଘଟଣ:ଜଳିଗଲେ ନାବାଳକ

**କଟକ, ନ୍ୟୁଜ୍ ବ୍ୟୁରୋ**

ମହଙ୍ଗା ପଡ଼ିଲା ନିଆଁ ସହ ଖେଳ । ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଅଘଟଣ । ପାଟିରେ ପେଟ୍ରୋଲ ରଖି ନିଆଁକୁ ଫୁଙ୍କିବା ବେଳେ ଜଳିଗଲେ ନାବାଳକ । ରବିବାର ରାତିରେ ଗଞ୍ଜାମ ସଦର ଥାନା ଅନ୍ତର୍ଗତ ନଳିହାଡ ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି । ନାବାଳକଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁସାରେ, ରବିବାର ରାତିରେ ନଳିହାଡ ଗାଁରେ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଦୁଇ ନାବାଳକ ନିଆଁ ସହ ଖେଳୁଥିଲେ । ପେଟ୍ରୋଲ ପିଇ ପାଟିରେ ନିଆଁକୁ ଫୁଙ୍କୁଥିବା ବେଳେ ଗାଁର ଶିବ ସ୍ୱାଇଁ (୧୪ବର୍ଷ)ଙ୍କ ଶରୀରରେ ଅଚାନକ ନିଆଁ ଲାଗିଯାଇଥିଲା । ସେ ଗୁରୁତର ଭାବେ ପୋଡ଼ି ଯାଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ବ୍ରହ୍ମପୁର ସ୍ଥିତ ବଡ଼ ମେଡ଼ିକାଲକୁ ଆଣିଥିଲେ । ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଶିବକୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସଦର ଥାନା ପୋଲିସ ଘଟଣାର ତଦନ୍ତ କରୁଛି । ପୋଲିସର କହିବା ଅନୁସାରେ, ନିଆଁ ସହ ଏଭଳି ଖେଳ ନଖେଳିବାକୁ ପରିବାର ସଦସ୍ୟ କିମ୍ବା ଆଖପାଖ ଲୋକ ମନା କରିବାରଥିଲା । ନିଆଁ କେବେବି ଖେଳାଣା ନୁହେଁ । ଗୋଟିଏ ମୁହୂର୍ତ୍ତର କାର୍ଯ୍ୟ ସାରା ଜୀବନକୁ ଦୁର୍ଭାଗ୍ୟକୁ ଠେଲି ଦେଇପାରେ ।





## ନୂଆଖାଇ ଭେଟଘାଟ:କୃତି କଳାକାରମାନେ ହେଲେ ସମ୍ମାନିତ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ନିଆଁଲି ମଲି ନାଟ୍ୟ କଳାପରିଷଦ ଗୌରେନ ମୁଣ୍ଡା ମାହାର ପାଲି ଛକଠାରେ ନୂଆଖାଇ ଭେଟଘାଟ ବରଗଡ ଗୌରେନ ମୁଣ୍ଡା – ସ୍ଥାନୀୟ ଶନି ମନ୍ଦିର ଛକ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହିଭେଟଘାଟ ଉତ୍ସବରେ ନାଟ୍ୟ ଭୂଷଣ ଇନ୍ଦ୍ରମଣି ବାରିକଙ୍କ ସଭାପତିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ କଳାକାର ସଂଘ ସଭାପତି ରଂଜନ କୁମାର ପଣ୍ଡା ଗାଇସିଲେଟ ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ସରପଞ୍ଚ ଗୌରେନ ମୁଣ୍ଡା, ବିଳାଶିନି ସାହୁ ଗୌରେନମୁଣ୍ଡା ଗ୍ରାମ ପଞ୍ଚାୟତ ମୁଖ୍ୟବକ୍ତା ରୂପେ ଯାଗେଶ୍ୱର ନନ୍ଦ ସମିତି ସଭ୍ୟ ଓ ଅନ୍ୟତମ ବରେଣ୍ୟ ଅତିଥି କଂସ ମହାରାଜ ଅକ୍ଷୟ ଭୋଇ ଓ ନାଟ୍ୟକାର ନିର୍ଦ୍ଦେଶକ ଗୁରୁ ହୃଶିକେଶଦାସ କଳା ପରିଷଦର ସାଧାରଣ ସମ୍ପାଦକ ରାଧେଶ୍ୟାମ ତ୍ରିପାଠୀ ଓ କୋଷାଧ୍ୟକ୍ଷ ଦିଲିପ ପାଣି ମଞ୍ଚାସିନ ଥିଲେ । ଏହି ଭେଟଘାଟ ଉତ୍ସବରେ ଆମର ଶିଘାତିହାର ନୂଆଁଖାଇ ଉପରେ ଅତିଥି ମାନେ ବିଭିନ୍ନ ବକ୍ତବ୍ୟ ରଖିଥିଲେ । ଏହି ଉତ୍ସବରେ ପଶ୍ଚିମ ଓଡ଼ିଶାର ଅନେକ ନାଟ୍ୟ କଳାକାର ମାନଙ୍କୁ ସମ୍ମାନିତ କରାଯାଇଥିଲା । ବରଗଡ଼ ଜିଲ୍ଲା ସମ୍ବଲପୁର ଜିଲ୍ଲା ବଲାଙ୍ଗୀର ଜିଲ୍ଲା ଦେବଗଡ଼ ଜିଲ୍ଲାର ନାଟ୍ୟ କଳାକାର ମାନଙ୍କୁ ସମ୍ମାନିତ କରାଯାଇଥିଲା ଓ ଦ୍ୱିତୀୟ ଅଧିବେଶନରେ ଅଞ୍ଚଳ ନୃତ୍ୟ ଶିକ୍ଷୀମାନଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଭାଗ ନେଇଥିଲେ ଅନେକ ନୃତ୍ୟ ଶିକ୍ଷୀମାନେ ବିଚାରକ ଭାବରେ ଥିଲେ ରାଜକୁମାର ସାହୁ ଓ କୁମୁଦ ଚନ୍ଦ୍ର ନାୟକ ଏବଂ ଲମ୍ବୋଦର ସାହୁ ତିନି ଜଣ ନୃତ୍ୟ ପ୍ରତିଯୋଗିଙ୍କୁ ମାନପତ୍ର ଓ ଉପଢ଼ୌକନ ଅର୍ଥ ରାଶି ପ୍ରଦାନ କରଯାଇଥିଲା । ଏହି କାର୍ଯ୍ୟକ୍ରମରେ କୃତି କଳାକାର ମାନଙ୍କୁ ସମ୍ମାନିତ କରାଯାଇଥିଲା । ସେମାନେ ହେଲେ ନାଟ୍ୟ ଗୁରୁ ଗଙ୍ଗାଧର ସାହୁ ଓ କଣ୍ଠଶିଳ୍ପୀ କମଲ ଛତର ଦଶରଥ ବାଗ କଣ୍ଠଶିଳ୍ପୀ ଏବଂ ଅନ୍ୟାନ୍ୟ କଳାକାର ମାନଙ୍କୁ ସମ୍ମାନିତ କରାଯାଇଥିଲା ସେମାନେ ହେଲେ ବିଶିଷ୍ଟ କଳାକାର କିଶୋର କୁମାର ପଟେଲ, ନେହେରୁ ସରାଫ, ନବିନଷାଣ୍ଡ, ବିରଞ୍ଚି ବରିହା, ମଧୁସୂଦନ ବରିହା, ମେଘନାଦ ଖର୍ସେଲ, ବରିଷ୍ଠ କଳାକାର ସୁଦର୍ଶନ ବରିହା, ବାବାଜୀ ପୁଟେଲ, ଆଶୁତୋଷ ବାରିକ, ଅଭିମନ୍ୟୁ ଥନାପତି, ସିତାରାମ ସେଠ ସତ୍ୟରଞ୍ଜନ ଦଳପତି ଉଦଘୋଷକ ଭାବରେ ମଞ୍ଚ ପରିଚାଳନା କରିଥିଲେ । ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ କଳା ପରିଷଦର ପ୍ରତିଷ୍ଠାତା ଇନ୍ଦ୍ରମଣି ବାରିକ । ତିନି ହଜାର ଦର୍ଶକ ମନଭରି ଉପଭୋଗ କରିଥିଲେ ।

## ବାପାଙ୍କ ଦୁର୍ବ୍ୟବହାର ସହିନପାରି କଲେଜ ଛାତ୍ରୀ ଜୀବନ ହାରିଲେ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ଘରର ମୁରବୀ ମଦ ପିଇ, ମାତାଲ ହୋଇ ନିଶାସକ୍ତ ଅବସ୍ଥାରେ ନିଜ ପରିବାରକୁ ନିର୍ଯାତନା ଦେବା ବର୍ତ୍ତମାନ ସବୁ ସ୍ଥାନରେ ଦେଖିବାକୁ ମିଳୁଛି । କିନ୍ତୁ ବାପାର ଅପବ୍ୟବହାରରେ ଅତିଷ୍ଟ ହୋଇ ଜଣେ କଲେଜ ଛାତ୍ରୀ ଆତ୍ମହତ୍ୟା କରିଥିବା ଘଟଣା ଖପ୍ରାଖୋଲ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଏହିପରି ଅଭାବନୀୟ ଘଟଣା ଘଟିଛି ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ, ଘୁନସର ପଞ୍ଚାୟତ, ଲାଠୋର ଥାନା ଅନ୍ତର୍ଗତ ଝାକ୍ରିପାଲି ଗ୍ରାମରେ । ସନ୍ଧ୍ୟାରେ ଝାକ୍ରିପାଲି ଗ୍ରାମରେ ଗଣେଶ ପୂଜା ବିସର୍ଜନ କରିବା ସମୟରେ ଆନନ୍ଦ ଉଲ୍ଲାସର ସହ ନାଚ ଗୀତ ସହିତ ବିସର୍ଜନ କରାଯାଇଥିବା ବେଳେ ଗ୍ରାମର ନାରାୟଣ ମାଝୀଙ୍କ ସାନ ଝିଅ ଦୀପାଞ୍ଜଳି ମାଝୀ (୧୯) ସାଙ୍ଗ ମାନଙ୍କ ସହ ବିସର୍ଜନ ଉତ୍ସବରେ ଯୋଗଦେଇ ନାଚି ଥିଲେ । ତାଙ୍କ ବାପା ଝିଅର ନାଚିବା ଦେଖି କ୍ରୋଧରେ ତାଙ୍କୁ ସମସ୍ତଙ୍କ ସମ୍ମୁଖରେ ଦୁର୍ବ୍ୟବହାର କରିଥିବା ତାଙ୍କ ପରିବାର ଲୋକ କହିଛନ୍ତି । ଏହାକୁ ସହ୍ୟ କରିନପାରି ଦୀପାଞ୍ଜଳି ତାଙ୍କ ଜମି ନିକଟରେ ଥିବା ପିଜୁଳି ଗଛରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ପରିବାର ଲୋକ ଦେଖିଥିଲେ । ଘଟଣାର ଖବର ଲାଠୋର ପୋଲିସକୁ ଜଣେଇଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ତଦନ୍ତ ଆରମ୍ଭ କରିଥିଲେ । ଏନେଇ ଲାଠୋର ଥାନା ୟୁଡି କେସ୍ ନଂ ୬/୨୦୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଥିବା ଲାଠୋର ଥାନାଧିକାରୀ ରାକେଶ ବେହେରା ସୂଚନା ଦେଇଛନ୍ତି । ଅନ୍ୟପଟେ ପୁଅ ଝିଅ ପ୍ରତି ଭଲ ମନ୍ଦରେ ବାପା, ମା' ରାଗିବା ଭଳି ଘଟଣାକୁ ପୁଅ ଝିଅ ବୁଝିନପାରି ଆତ୍ମହତ୍ୟା କରିବା ଜଘନ୍ୟ ଅପରାଧ ବୋଲି ବୁଦ୍ଧିଜୀବୀ ମାନଙ୍କ ମହଲରେ ଆଲୋଚନା ସୃଷ୍ଟି ହେଉଛି ।

## 'ପୂଣ୍ୟତୋୟା ବୈତରଣୀ କୂଳରେ ଥିବା ନାଭିଗୟା ତୀର୍ଥ ଭାରତ ବର୍ଷରେ ଅନନ୍ୟ'



**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଯାଜପୁର ପୌର ପରିଷଦ ଆନୁକୂଲ୍ୟରେ ସ୍ୱାୟତ୍ତ ଶାସନ ଦିବସ – ୨୦୨୫ ପାଳିତ ହୋଇଯାଇଛି । ପୌର ପରିଷଦ ଅଧ୍ୟକ୍ଷା ରଞ୍ଜୁଲତା ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯାଜପୁର ଲୋକସଭା ସାଂସଦ ଡ଼ା. ରବୀନ୍ଦ୍ର ନାରାୟଣ ବେହେରା ସ୍ୱାୟତ୍ତ ଶାସନ ଦିବସରେ ଯାଜପୁର ସହରବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଯାଜପୁରର ଇତିହାସ, ପୁରାଣ କହେ ପୁଣ୍ୟତୋୟା ବୈତରଣୀ କୂଳରେ ପ୍ରସିଦ୍ଧ ନାଭିଗୟା ତୀର୍ଥ ଭାରତ ବର୍ଷରେ ଅନନ୍ୟ । ଯାଜପୁରର ଏକ ସଭ୍ୟତା ଥିଲା । ମା' ବିରଜାଙ୍କ କ୍ଷେତ୍ରକୁ ଆଗାମୀ ଦିନରେ ରେଳର ସଂଯୋଗ ହେବ । ଓଡ଼ିଶାର ଏକ ସର୍ବ ପୁରାତନ ଯାଜପୁର ମ୍ୟୁନିସିପାଲିଟିର ମୌଳିକ ଆବଶ୍ୟକତା ପୂରଣ କରି ବିକଶିତ ସହରରେ ପରିଣତ କରାଯିବ । ମା' ବିରଜା ପରିକ୍ରମା ପ୍ରକଳ୍ପ, ବିରଜା ହେରିଟେଜ୍ ହାଟ ନିର୍ମାଣ କରାଯିବ । ସହରର ପରିସୀମା ବୃଦ୍ଧି କରି ସହରବାସୀଙ୍କୁ ସମସ୍ତ ପ୍ରକାର ସୁବିଧା ପ୍ରଦାନ କରାଯିବ । ଉକ୍ତ ସଭାରେ ଯୋଗଦେଇ ବିଧାୟିକା, ଯାଜପୁର ସୁଜାତା ସାହୁ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଯାଜପୁର ଜିଲ୍ଲା ସର୍ବଦା ବିକାଶ କ୍ଷେତ୍ରରେ ଅଗ୍ରସର ବୋଲି କହିଥିଲେ । ଉକ୍ତ ସଭାରେ ଯୋଗଦେଇ ଜିଲ୍ଲାପାଳ ଅମ୍ବର କୁମାର କର ଯାଜପୁର ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରିବା ସହ ଆଗାମୀ ଦିନରେ କିପରି ଯାଜପୁର ଜିଲ୍ଲାର ଅଧିକ ବିକାଶ ହୋଇପାରିବ ଏବଂ ଯାଜପୁର ପୌର ପରିଷଦର ଉନ୍ନୟନ ମୂଳକ କାର୍ଯ୍ୟ ଆହୁରି ଉନ୍ନତ ହୋଇପାରିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ । ଉକ୍ତ ସଭାରେ ଉପାଧ୍ୟକ୍ଷ, ପୌର ପରିଷଦ ସନ୍ତୋଷ କୁମାର ମଲ୍ଲିକ ଯାଜପୁର ପୌର ପରିଷଦର ବିଭିନ୍ନ ଉନ୍ନତି ମୂଳକ ପଦକ୍ଷେପ ବିଷୟରେ ବର୍ଣ୍ଣନା କରିଥିଲେ । ଯାଜପୁର ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ ।

## ଆମ୍ବୁଲାନ୍ସରେ ଅକ୍ସିଜେନ୍ ଅଭାବରୁ ରୋଗୀଙ୍କ ଜୀବନ ଗଲା

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଆମ୍ବୁଲାନ୍ସରେ ଅକ୍ସିଜେନ ନଥିବାରୁ ଚାଲିଗଲା ରୋଗୀର ଜୀବନ । ଗୁରୁତର ରୋଗୀକୁ କଟକ ସ୍ଥାନାନ୍ତରିତ କରାଯାଉଥିବା ସମୟରେ ଘଟିଛି ଅଭାବନୀୟ ଘଟଣା । ଜଗତସିଂହପୁରରେ ଘଟିଛି ଏପରି ଅଭାବନୀୟ ଘଟଣା । ଅକ୍ସିଜେନ ନଥିବାରୁ ମହିଳା ରୋଗୀଙ୍କର ଜୀବନ ଚାଲିଯାଇଥିବାର ଅଭିଯୋଗ ହୋଇଛି । ଏହାକୁ ନେଇ ଉତ୍ତ୍ୟକ୍ତ ଲୋକେ ଆମ୍ବୁଲାନ୍ସକୁ ଭଙ୍ଗାରୁଜା କରିବା ସହ ଜଗତସିଂହପୁର ସଦର ଥାନା ପୋଲିସର ଜିମା ଦେଇଥିବା ବେଳେ ଆମ୍ବୁଲାନ୍ସ ଚାଳକ ଫେରାର୍ ହୋଇଯାଇଛି । ସୂଚନାଥାଉକି, ଜଗତସିଂହପୁର ଥାନା ଅଳା ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣଖଣ୍ଡ ଗ୍ରାମର କମଳା ପଣ୍ଡା ନାମକ ଜଣେ ୫୮ ବର୍ଷୀୟ ମହିଳା ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ରବିବାର ବିଳମ୍ବିତ ରାତିରେ ଜଗତସିଂହପୁର ମେଡିକାଲ ଓ ପରେ ମା' କୁତାମଚଣ୍ଡୀ ନାମକ ଏକ ଘରୋଇ ଆମ୍ବୁଲାନ୍ସରେ କଟକ ସ୍ଥାନାନ୍ତର କରାଯାଉଥିଲା । ମାତ୍ର ଏହି ଘରୋଇ ଆମ୍ବୁଲାନ୍ସରେ କେବଳ ଫାଙ୍କା ସିଲିଣ୍ଡର ଥିବାବେଳେ ସେଥିରେ ଅକ୍ସିଜେନ ନଥିଲା । ଯାହାଫଳରେ ବାଟରେ ଅକ୍ସିଜେନ ଆବଶ୍ୟକ ପଡିବାରୁ ଆମ୍ବୁଲାନ୍ସରେ ଥିବା କର୍ମଚାରୀ ରୋଗୀଙ୍କ ମୁହଁରେ କେବଳ ଖାଲି ଅକ୍ସିଜେନ ମାସ୍କ ଲଗାଇଥିଲେ । ଫଳରେ ଅକ୍ସିଜେନ ଅଭାବରୁ ରୋଗୀଙ୍କର ମୃତ୍ୟୁ ହୋଇଯାଇଥିବାର ଅଭିଯୋଗ ହୋଇଛି । ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ ସମ୍ପନ୍ନ କରାଯାଇଛି ।

# ଉମରକୋଟରେ ଛତିଶଗଡ଼ି ହାତୀପଲଙ୍କ ଆତଙ୍କ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**





ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକରେ ଆତଙ୍କ ଖେଳାଉଛି ଛତିଶଗଡି ହାତୀ । ଛତିଶଗଡ଼ ସୀତାନଦୀ ଅଭୟାରଣ୍ୟରୁ ଦୁଇଟି ହାତୀ ଚାଲିଆସିଥିବା ବେଳେ ଏହି ଦୁଇଟି ହାତୀ ତୋହରା ପଞ୍ଚାୟତର ଅନେକ ସ୍ଥାନର ମକା ଜମିରେ ପଶି ଫସଲ ନଷ୍ଟ କରିବା ସହ ମକା ଖାଉଥିବା ଦେଖିବାକୁ ମିଳିଛି । ନିଜ ମକା ଫସଲ ନଷ୍ଟ ହେଉଥିବା ଶୁଣି ମହୁଲପାରା ଗ୍ରାମର କିଛି ଲୋକେ ହାତୀକୁ ଘଉଡେଇବା ପାଇଁ ଖୁଡିଙ୍ଗିମାଲ୍ ଡଙ୍ଗରିଗୁଡା ପାଖରେ ଥିବା ମକା ଜମିରେ ଯାଇଥିବା ବେଳେ ଟେପସିଂ ମାଝି ନାମକ ଜଣେ ନାବାଳକକୁ ହାତୀ ଆକ୍ରମଣ କରିଥିଲା । ସେହି ପାଖରୁ ଚମ୍ପା ମାଝୀ ଟେପସିଂଙ୍କୁ ସାହସିକତା ଦେଖାଇ ହାତୀ କବଳରୁ ରକ୍ଷା କରିଥିଲେ । ସେଠାରୁ କୌଣସି ପ୍ରକାରେ ଟେପସିଂ ମାଝିକୁ ଉଦ୍ଧାର କରି ରାଇଘର ମେଡ଼ିକାଲରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି । ହାତୀ ଟେପସିଂ ମାଝିଙ୍କ ଅଣ୍ଟା ଏବଂ ଗୋଡ଼ ଉପରେ ଚଢ଼ିଯାଇଥିବାର ସୂଚନା ମିଳିଛି । ଏହାକୁ ନେଇ ବର୍ତ୍ତମାନ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି । ଏ ପର୍ଯ୍ୟନ୍ତ ବନ ବିଭାଗ ପକ୍ଷରୁ କିନ୍ତୁ ହାତୀକୁ ଘଉଡ଼େଇବା ପାଇଁ କୌଣସି ବ୍ୟବସ୍ଥା କରାଯାଇନଥିବା ବେଳେ ଲୋକଙ୍କୁ ସଚେତନ ମଧ କରିନଥିବା କହିଛନ୍ତି । ସଂଯୁକ୍ତ କୃଷକ ସଂଗଠନ, ସଂକଳ୍ପ ପରିବାର, କୋଶଲ ସେନା ଓ ଜନସାଧାରଣ ମିଶିରାସ୍ତା ମରାମତି କଲେ । ବରଗଡ :ଭଟଲି ରାସ୍ତା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସଂଯୋଗ କରୁଥିବା ଏକମାତ୍ର ପ୍ରମୁଖ ରାସ୍ତା ବରଗଡ଼ ରାଣାପ୍ରତାପ ସ୍କୁଲ ପାଖ ଓଭରବ୍ରିଜ୍ ତଳେ ଦୀର୍ଘଦିନ ହେଲା ଶୋଚନୀୟ ଅବସ୍ଥାରେ ପଡିରହିଥିଲା । ବର୍ଷା ସମୟରେ ପାଖାପାଖି ଦୁଇରୁ ତିନିଫୁଟ ପାଣି ଜମିରହୁଥିଲା ଦୀର୍ଘ ଦୁଇମାସ ଧରି ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଆସୁଥିଲେ ମଧ୍ୟ ତାର ସମାଧାନ କରାଯାଇନଥିଲା । ପ୍ରତ୍ୟେକ ଦିନ ଏଠାରେ ଛୋଟ ବଡ଼ ଦୁର୍ଘଟଣା ଘଟୁଥିଲା ଏଣୁ ବରଗଡ଼ ସଂଯୁକ୍ତ କୃଷକ ସଂଗଠନ, ସଂକଳ୍ପ ପରିବାର, କୋଶଳ ସେନା ସହିତ ସ୍ଥାନୀୟ ବାସିନ୍ଦା ବାହାରି ନିଜ ନିଜ ଭିତରେ ୫୦, ୧୦୦ ଟଙ୍କା କଲେକ୍ସନ୍ କରି ଉକ୍ତ ରାସ୍ତାର ମରାମତି କରିଥିଲେ । ଉକ୍ତ ରାସ୍ତାର ମରାମତି ସମୟରେ ସ୍ୱତଃପ୍ରବୃତ୍ତ ଭାବରେ ଶତାଧିକ ଲୋକ ଖବର ସଂଗ୍ରହ କରିବା ପାଇଁ ଆସିଥିବା ସାମ୍ବାଦିକ ବନ୍ଧୁମାନେ ମିଶି ଶ୍ରମଦାନ କରିଥିଲେ ଓ ମାତ୍ର ଦୁଇ ଘଣ୍ଟାର ପରିଶ୍ରମ ପରେ ଉକ୍ତ ରାସ୍ତାର ମରାମତି ସମ୍ପୂର୍ଣ୍ଣ କରିଥିଲେ । ଉକ୍ତ କାର୍ଯ୍ୟ ଦେଖି ଜନସାଧାରଣ ପ୍ରଂଶସା କରିଥିଲେ ।



## ବାରିପଦାରେ ରେକର୍ଡ ସଂଖ୍ୟକ ୬୫୦ ୟୁନିଟ୍ ରକ୍ତ ସଂଗ୍ରହ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦା ପୌରପାଳିକା ପକ୍ଷରୁ ତିନି ଦିନିଆ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ ପାଳନ ଅବସରରେ ସୋମବାର ଏକ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ରକ୍ତ ଅଭାବ ଜନିତ ସମସ୍ୟାକୁ ଦୁରୀଭୂତ କରିବା ଲକ୍ଷ୍ୟରେ ପୌରପାଳିକା କଲ୍ୟାଣ ମଣ୍ଡପ ପରିସରରେ ଶିବିର ଆୟୋଜନ କରାଯାଇଥିଲା । ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରହିତରେ ଆୟୋଜିତ ରକ୍ତଦାନ ଶିବିରରେ ଅତିଥି ଭାବେ ବାରିପଦା ଉପଜିଲ୍ଲାପାଳ ଡ଼ଃ ଦୟାସିନ୍ଧୁ ପରିଡା ଓ ମୟୁରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତି ଯୋଗଦେଇ ଉଦ୍‌ଘାଟିତ କରିଥିଲେ । ରକ୍ତଦାନ ଶିବିରରେ ସମୁଦାୟ ୬୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । ଯାହାକି ଗତ ୪ ବର୍ଷ ମଧ୍ୟରେ ରେକର୍ଡ ସଂଖ୍ୟକ ରକ୍ତ ସଂଗ୍ରହ ହୋଇଛି । ସେଥି ମଧ୍ୟରେ ଅନେକ ସଂଖ୍ୟକ ମହିଳାମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିଛନ୍ତି । ରକ୍ତଦାନ ଶିବିରକୁ ଉତ୍ସାହିତ କରିବା ପାଇଁ ବାରିପଦା ଉପଜିଲ୍ଲାପାଳ ଡ଼ଃ ଦୟାସିନ୍ଧୁ ପରିଡା, ବାରିପଦା ତହସିଲଦାର ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସପନ କୁମାର ସାହୁ, ଓ୍ୱାଟ୍‌କୋ ସାଧାରଣ ପରିଚାଳକ ଗୁଲଶନ ସାହୁ, ଉପ ନଗରପାଳ ସୀମା ଦାସ, କାଉନସିଲର ଦିଗ୍‌ବିଜୟ ହାଁସଦା, ପୂଜା ତରେଇ, ଶିବଶଙ୍କର ପାତ୍ର ରକ୍ତଦାନ କରିଛନ୍ତି । ଏଥିସହିତ ସ୍ୱେଚ୍ଛାକୃତ ଭାବେ ଗୋଟିଏ ପରିବାର ସ୍ୱାମୀ ଅମିତ ମହାପାତ୍ର ଓ ସ୍ତ୍ରୀ ରିତା ମହାନ୍ତି ଏବଂ ମା' ମଧୁସ୍ମିତା ନାୟକ ଓ ଝିଅ ଆଦ୍ୟାଶା ନାୟକ ରକ୍ତଦାନ କରିଛନ୍ତି । ନଗରପାଳ ଶ୍ରୀ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ବାରିପଦା ପୌରାଞ୍ଚଳର ୨୮ ଗୋଟି ଓ୍ୱାର୍ଡର ଜନସାଧାରଣ ସ୍ୱେଚ୍ଛାକୃତ ଭାବେ ଅଂଶଗ୍ରହଣ କରି ରକ୍ତଦାନ କରିଥିଲେ । ବାରିପଦା ରକ୍ତ ଭଣ୍ଡାରର ଡା ସୌମ୍ୟରଞ୍ଜନ ନାୟକ, ଡା ନିଳେଶ ଦାସ, ଡା ଭାଗ୍ୟଶ୍ରୀ ନାୟକ ଏବଂ ଉଦଳା ରକ୍ତ ଭଣ୍ଡାରର ଡା ଖଗେଶ୍ୱର ସିଂ ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ରକ୍ତ ସଂଗୃହୀତ କରିଥିଲେ । ରେଡ଼କ୍ରସ ଆଜୀବନ ସଦସ୍ୟ ସମାଜସେବୀ ଅମର ସେଠୀ ଉପସ୍ଥିତ ରହି ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ । ଶିବିରରେ ଡିଭାଇନ୍ ଇଞ୍ଜିନିୟରିଂ କଲେଜ, ବିଜୁ ପଟ୍ଟନାୟକ ନର୍ସିଂ କଲେଜ, ସାରଦା ଦେବି ନର୍ସିଂ କଲେଜ, ଏମ୍‌ପିକେ ନର୍ସିଂ କଲେଜ, ସାଇ ଆଦର୍ଶ କଲେଜ, ଲିଜେଣ୍ଡ ଅଟୋ ମେଟିକ, ପୌର କର୍ମଚାରୀ, ବିଭିନ୍ନ ଓ୍ୱାର୍ଡର ଯୁବକ, ଯୁବତୀ, ମହିଳା, ବିଭିନ୍ନ ଅନୁଷ୍ଠାନ ଓ ସଙ୍ଗଠନ ମାନେ ଯୋଗଦେଇ ରକ୍ତଦାନ କରିଛନ୍ତି । ସମସ୍ତ ଓ୍ୱାର୍ଡ କାଉନସିଲର ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ସମସ୍ତଙ୍କ ସହଯୋଗରେ ମେଗା ରକ୍ତଦାନ ଶିବିର ସଫଳ ହୋଇଛି । ସୂଚନା ଯୋଗ୍ୟ ଯେ, ନୂତନ ପରିଷଦ ଗଠନ ହେବାପରେ ସ୍ୱାୟତ୍ତ ଶାସନ ଦିବସ ରକ୍ତଦାନ ଶିବିରରେ ୨୦୨୨ରେ ୩୨୩ ୟୁନିଟ୍, ୨୦୨୩ରେ ୪୦୭ ୟୁନିଟ୍, ୨୦୨୪ରେ ୪୬୩ ୟୁନିଟ୍ ସଂଗୃହିତ ହୋଇଥିଲା । ଚଳିତ ବର୍ଷ ସର୍ବାଧିକ ୬୫୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମେଶବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**





**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୩।୯।୨୦୨୫, ଭାଦ୍ରବ ଦି୧୮ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୩୧।୩୮ ଚନ୍ଦ୍ରୋଦୟ- ଦିଘ ୨।୫୨।୦୭**

**ଏକାଦଶୀ-** ରାଘ ୪।୨୨ ପର୍ଯ୍ୟନ୍ତ । **ପୂର୍ବାଷାଢ଼ା ନକ୍ଷତ୍ର-** ରାଘ ୧୧।୦୭ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ନିଶାନ୍ତ ଘ ୫।୨୧ ମଧ୍ୟେ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର । ନିଘ ୫।୨୧ ଗତେ ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । ରାଘ ୪।୨୨ ଗତେ ସିଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ରାଘ ୪।୨୨ ପରେ ପୋଇ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୫ ଗତେ ଘ ୭।୧୪ ମଧ୍ୟେ । ଦିଘ ୧।୪୯ ଗତେ ଘ ୫।୦୭ ମଧ୍ୟେ । **ପର୍ବୋତ୍ସବ-** ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ (ସ୍ମାର୍ତ୍ତ), ଶରଣ ପଞ୍ଚକ ଆରମ୍ଭ ।

**ମେଷ:** ମନରେ ପ୍ରସନ୍ନତା ଜାତ ହେବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଦେହ ଓ ମନରେ ପ୍ରସନ୍ନ ଭାବ ଜାତ ହେବ । ରୋଜଗାରରେ ଉନ୍ନତି ଦେଖାଦେବ । ପରିବାରରେ ସୁଖ ଶାନ୍ତି ବିରାଜମାନ କରିବ ।

**ବୃଷ:** ଶରୀର ସୁସ୍ଥ ରହିବ । ଚାକିରୀ କ୍ଷେତ୍ରରେ ଅସଫଳତା ଦେଖାଦେବ । ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ରୋଜଗାର ମଧ୍ୟମ ଧରଣର ହେବ । ଘରେ କଳହ ଓ ଅଶାନ୍ତି ଦେଖାଦେବ ।

**ମିଥୁନ:** ପାରିବାରିକ ପ୍ରୀତି ଲାଭ ହେବ । ସାମାଜିକ ସ୍ତରରେ ସମ୍ମାନିତ ହେବେ । ଦୂରକୁ ଯାତ୍ରା କରି ସଫଳତା ପ୍ରାପ୍ତ ହେବ । ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମଧ୍ୟ ପ୍ରାପ୍ତ ହେବ । ଖର୍ଚ୍ଚର ପରିମାଣ ଅଧିକ ହେବ ।

**କର୍କଟ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ମାଲିମୋକଦ୍ଦମାରେ ସଫଳତା ପ୍ରାପ୍ତ ହେବ । ଦେବ ଦର୍ଶନ ସହିତ ଭ୍ରମଣ ଯୋଗ । ଦେହ ଓ ମନ ଭଲ ରହିବ । ଗୃହେ ଆନନ୍ଦ ପ୍ରାପ୍ତି ହେବାର ସୂଚନା । ବନ୍ଧୁ ଦର୍ଶନ ।

**ସିଂହ:** ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ବ୍ୟବସାୟ ମଧ୍ୟମ ଧରଣର ହେବ । ସତ କଥା କହି ଅନ୍ୟମାନଙ୍କ ପାଖରେ ବିରୋଧି ହେବେ । ଶତ୍ରୁ ଭୟ ଲାଗି ରହିବ । ପାରିବାରିକ ଅଶାନ୍ତି ଓ କଳହ ଦେଖାଦେଇପାରେ ।

**କନ୍ୟା:** ଆଜି ଆପଣଙ୍କର ଯଶ ହାନି ଘଟିପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ଶାନ୍ତି ରହିବ । ମହିଳାମାନେ ଖୁସୀ ହେବେ । ଅନ୍ୟମାନଙ୍କ ପାଖରେ ସମାଲୋଚିତ ହେବେ । ଦୂରଯାତ୍ରା କରିପାରନ୍ତି ।

**ତୁଳା:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ରୋଜଗାର ସ୍ଥିର ରହିବ । ଘରେ କଳହ ଦେଖାଦେଇପାରେ । ବନ୍ଧୁଙ୍କ ସାହାଯ୍ୟ ସହଯୋଗ ପାଇ ଉପକୃତ ହେବେ । ମନ ଅସ୍ଥିର ରହିବ ।

**ବିଛା:** ପରିଶ୍ରମ ଅଧିକ ହେବ । ଏଣୁ ବିଶ୍ରାମ କରିବା ପାଇଁ ସମୟ ପାଇବେ ନାହିଁ । ସୁଖ ଖବର ମିଳିପାରେ । ଆୟ ଓ ବ୍ୟୟ ସମାନ ରହିବ । ବନ୍ଧୁମାନେ ବିଦ୍ରୋହ କରିପାରନ୍ତି । ଗୃହେ ଜଞ୍ଜାଳ ଦେଖାଦେବ ।

**ଧନୁ:** ପାରିବାରିକ ସୁଖ ସନ୍ତୋଷ ଲାଭ ହେବ । କର୍ମକ୍ଷେତ୍ରରେ ପଦସ୍ଥ କର୍ମକର୍ତ୍ତାଙ୍କ ସାନ୍ନିଧ୍ୟ ଲାଭ କରିବେ । ଦେବ ଦର୍ଶନ ସହିତ ଦେବ ପୂଜାର ସୁଯୋଗ । ନୂତନ ଦ୍ରବ୍ୟ ମଧ୍ୟ କ୍ରୟ କରିପାରନ୍ତି । ମହିଳାମାନେ କର୍ତ୍ତବ୍ୟନିଷ୍ଠ ହେବେ ।

**ମକର:** ସାମାଜିକ ସ୍ତରରେ ସମ୍ମାନିତ ହେବେ । ଘରେ ସୁଖ ଲାଭ ହେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ବ୍ୟବସାୟରେ ଲାଭବାନ୍ ହେବେ । ଦେହ ଓ ମନ ଭଲ ରହିବ । ଗୃହେ ଆନନ୍ଦ ଦେଖାଦେବ ।

**କୁମ୍ଭ:** କର୍ମକ୍ଷେତ୍ରରେ ପଥରୋଧର ସମ୍ମୁଖୀନ ହେବେ । ମୂଲ୍ୟବାନ କଥାକୁ ଅଧିକ ଗୁରୁତ୍ୱ ଦେଇ ଚିନ୍ତିତ ହୋଇପାରନ୍ତି । ଘରେ ଅଶାନ୍ତି ଦେଖାଦେବ । ଆୟ ସ୍ଥିର ରହିବ । ଶରୀର ସୁସ୍ଥ ରହିବ । ମନ ଅସ୍ଥିର ରହିବ ।

**ମୀନ:** କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନର ଅଧିକାରୀ ହେବେ । ମନରେ ପ୍ରସନ୍ନ ଭାବ ରହିବ । ସୁଖ ଖବର ମିଳିପାରେ । ରୋଜଗାରରେ ଉନ୍ନତି । ପାରିବାରିକ ସୁଖ ଓ ଶାନ୍ତି ବିରାଜମାନ କରିବ । ବନ୍ଧୁ ଦର୍ଶନର ଯୋଗ ରହିଛି ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଜଳବାୟୁ ପରିବର୍ତ୍ତନ ସାମାଜିକ ଅଭିବୃଦ୍ଧି ଉପରେ ପଡୁଛି

ଜଳବାୟୁ ପରିବର୍ତ୍ତନର ସିଧାସଳଖ କୁପ୍ରଭାବ ପିଲାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ଅଭିବୃଦ୍ଧି ଉପରେ ପଡୁଛି। ତାପମାତ୍ରା ବୃଦ୍ଧି, ଜଙ୍ଗଲ ନିଆଁ, ବାତ୍ୟା, ବନ୍ୟା, ମରୁଡ଼ି ଓ ସମୁଦ୍ର ପତ୍ତନ ବୃଦ୍ଧି ଭଳି ଜଳବାୟୁ ସମ୍ବନ୍ଧୀୟ ଚାପ ସାମ୍ପ୍ରତିକ ଦଶନ୍ଧିର ଶିକ୍ଷାଗତ ଫଳାଫଳକୁ ଘୋର ପ୍ରଭାବିତ କରିବ ବୋଲି ଜଣାପଡ଼ିଛି। ଏହି ବିପଦକୁ ଏକ ନୂତନ ବୈଶ୍ୱିକ ରିପୋର୍ଟରେ ଦର୍ଶାଯାଇଛି। ୟୁନିସେଫ୍‌ର ଆକଳନ ଅନୁଯାୟୀ, କେବଳ ୨୦୨୪ରେ ଜଳବାୟୁ ବିପଦ ଯୋଗୁଁ ଅନ୍ୟୂନ ୨୪୨ ନିୟୁତ ପିଲାଙ୍କ ସ୍କୁଲ୍ ଶିକ୍ଷା ବାଧାପ୍ରାପ୍ତ ହୋଇଥିଲା, ଯେଉଁଥିରେ ଗ୍ରୀଷ୍ମ ପ୍ରବାହ ଥିଲା ସବୁଠାରୁ ବଡ଼ କାରଣ। ଚଳିତ ବର୍ଷ କାଶ୍ମୀରରେ ମଧ୍ୟ ଏହା ଦେଖିବାକୁ ମିଳିଛି। ଏହି ବିପଦ କେବଳ ଶିକ୍ଷା ପ୍ରାପ୍ତିରେ ବାଧା ସୃଷ୍ଟି କରେ ନାହିଁ ବରଂ ଅସମାନତାକୁ ବୃଦ୍ଧି କରେ ଏବଂ ଶିଶୁମାନଙ୍କୁ ଶ୍ରମିକ ହେବାକୁ କିମ୍ବା ଭିକ୍ଷା ବୃତ୍ତି ଆପଣାଇବାକୁ ବାଧ୍ୟ କରେ।

ଅତ୍ୟଧିକ ଦୀର୍ଘ ସମୟ ଧରି ଗ୍ରୀଷ୍ମ ପ୍ରବାହ, ମରୁଡ଼ି, ବାତ୍ୟା, ବନ୍ୟା ଆଦି ଲାଗି ରହିବା କାରଣରୁ ଶିଶୁମାନେ ପାଣିପାଗ ସମ୍ବନ୍ଧୀୟ ସଙ୍କଟ ଜନିତ ବିପଦରେ ଅଧିକ ପ୍ରଭାବିତ ହୁଅନ୍ତି। ଶ୍ରେଣୀଗୃହରେ ସେମାନଙ୍କ ଉପସ୍ଥିତିରେ ବ୍ୟାଘାତ ସୃଷ୍ଟି ହେବାରୁ ପାଠ ପଢ଼ିବାରେ ଧ୍ୟାନ ଦେଇପାରନ୍ତି ନାହିଁ। ଚରମ ପାଣିପାଗ ଜନିତ କାରଣରୁ ବାତ୍ୟା ଓ ବନ୍ୟା ରାସ୍ତାଘାଟ ଓ ବିଦ୍ୟାଳୟ ଭଳି ଭିତ୍ତିଭୂମିକୁ ଦୋହଲାଇ ଦିଏ। ଏହାଦ୍ୱାରା ପିଲାମାନେ ବିଦ୍ୟାଳୟକୁ ଯିବା ଆସିବାରେ ବହୁବିଧ ସମସ୍ୟା ଉପୁଜେ। ଏହା ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥାଏ। ୨୦୨୪ ମସିହାରେ ପାଣିପାଗ ଜନିତ ଘଟଣା ଯୋଗୁଁ ପ୍ରତି ୭ ଜଣରେ ୨ ଜଣ ଛାତ୍ରଛାତ୍ରୀ ପାଠ ପଢ଼ିବାରୁ ବଞ୍ଚିତ ହୋଇଥିଲେ ବୋଲି ଜାତିସଂଘ ରିପୋର୍ଟରେ ଦର୍ଶାଯାଇଛି। ଭାରତ ଭଳି ଦେଶରେ ଅଧିକାଂଶ ନିମ୍ନ ଓ ମଧ୍ୟମ ଆୟକାରୀ ବର୍ଗର ପିଲା ପ୍ରତି ବର୍ଷ ଜଳବାୟୁ ପରିବର୍ତ୍ତନ କାରଣରୁ ନିରବଚ୍ଛିନ୍ନ ଶିକ୍ଷା ଗ୍ରହଣ କରିବାର ଲାଭ ପାଇପାରୁନାହାନ୍ତି। ବିଦ୍ୟାଳୟ ବନ୍ଦ ସହିତ ଗମନାଗମନ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ଜନିତ ସମସ୍ୟା ହେତୁ ଲକ୍ଷାଧିକ ପିଲାଙ୍କର ପାଠପଢ଼ାରେ ଅନିୟମିତତା ଏବଂ ଅଧାରୁ ପାଠ ଛାଡ଼ିବା ଆଶଙ୍କା ବୃଦ୍ଧି ପାଉଛି। ୨୦୧୯ରେ ଭୟଙ୍କର ପାଣିପାଗ ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଥିବା ୧୦ଟି ଦେଶ ମଧ୍ୟରୁ ୮ଟି ନିମ୍ନ ଓ ମଧ୍ୟମ ଆୟକାରୀ ଦେଶ ଥିଲା।

# ସ୍ୱାୟତ୍ତ ଶାସନ ଓ ଆମ ବିକାଶ

ପ୍ରଜ୍ଞା ପ୍ରସାଦ ତଥାଗତ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ରମ୍ଭା, ଗଞ୍ଜାମ

"ଜନତାଙ୍କ ପାଇଁ, ଜନତାଙ୍କ ଦ୍ୱାରା, ଜନତାଙ୍କର ଶାସନ"—ଗଣତନ୍ତ୍ରର ଏହି ପ୍ରାଚୀନ ପରିଭାଷାକୁ କେବଳ ରାଜଧାନୀରେ ବସିଥିବା ଶାସନତନ୍ତ୍ର ପୂରଣ କରିପାରିବ କି? ଗାଁ ମାଟି, ସହରର ଗଳିରେ, ମଶାଣି ସେ ପାଖ ବସ୍ତିରେ ଯଦି ବିକାଶର ଶବ୍ଦ ନ ଶୁଭିବ ତେବେ ସେହି ଗଣତନ୍ତ୍ର କେବଳ ରାଜନୈତିକ ଅଭିଧାନର ଏକ ଶବ୍ଦ ବ୍ୟତିରେକ ଆଉ କିଛି ନୁହେଁ। ସେଥିପାଇଁ ତ ଏହି ପ୍ରଶ୍ନର ଉତ୍ତର ଦେବାକୁ ଆସିଥାଏ—"ସ୍ୱାୟତ୍ତ ଶାସନ।" । ମହାତ୍ମା ଗାନ୍ଧୀ ଯେଉଁ "ଗ୍ରାମ ସ୍ୱରାଜ"ର ପରିକଳ୍ପନା କରିଥିଲେ, ତାହା ଥିଲା ଏକ ସଚେତନ, ସ୍ୱୟଂସମ୍ପୂର୍ଣ୍ଣ ଓ ନିର୍ବିବାଦୀୟ ଗ୍ରାମ ସମାଜ। ଗ୍ରାମକୁ ସେ କହୁଥିଲେ "ରାଷ୍ଟ୍ରର ଆତ୍ମା"। ସ୍ୱାଧୀନତାର ପରବର୍ତ୍ତୀ ଅବସ୍ଥାରେ ସମ୍ବିଧାନର ୭୩ତମ ଓ ୭୪ତମ ସଂଶୋଧନ ମାଧ୍ୟମରେ ପଞ୍ଚାୟତିରାଜ ଓ ନଗରନିଗମକୁ ସାମ୍ବିଧାନିକ ମାନ୍ୟତା ମିଳିଲା।ଏହାର ମୌଳିକ ସିଦ୍ଧାନ୍ତ ଥିଲା—ଲୋକମାନଙ୍କୁ ନିଜର ସମସ୍ୟାର ସମାଧାନରେ ସିଧାସଳଖ ସାମିଲ କରିବା। ଗ୍ରାମସଭା କିମ୍ବା ୱାର୍ଡସଭାରେ ଯେତେବେଳେ ଜଣେ କୃଷକ ପାଣିର ସମସ୍ୟା ଉଠାନ୍ତି, ଜଣେ ମା' ଶିକ୍ଷାଳୟର ଅବସ୍ଥା କଥା କହନ୍ତି କିମ୍ବା ଜଣେ ଯୁବକ ବେକାରୀର ଯନ୍ତ୍ରଣା ପ୍ରକାଶ କରନ୍ତି—ସେତେବେଳେ ଜାଣିବେ ଯେ, ଗଣତନ୍ତ୍ର ଜୀବନ୍ତ ରହିଛି। ସ୍ୱାୟତ୍ତ ଶାସନ ଏହି ସାଧାରଣ ଜନତାଙ୍କ କଣ୍ଠସ୍ୱରକୁ ଆଇନର ଶକ୍ତି ଦେଇଥାଏ।

ଯେତେବେଳେ ବିକାଶ କଥା ଆସେ, ବିକାଶ କେବଳ ବଡ଼ ନଗରୀୟ ପ୍ରକଳ୍ପ କିମ୍ବା ରାଜ୍ୟ ସ୍ତରର ଯୋଜନାରେ ମାପାଯାଇପାରିବ ନାହିଁ। ଗ୍ରାମରେ ସ୍ୱଚ୍ଛ ପାଣି ଟାଙ୍କି, ସହରରେ ରୋଗୀ ପାଇଁ ଆମ୍ବୁଲାନ୍ସ,ଏକ ବସ୍ତିରେ ସୁନ୍ଦର ବିଦ୍ୟାଳୟ—ଏହି ସବୁ ସ୍ଥାନୀୟ ପଦକ୍ଷେପରେ ଓ ଛୋଟ ଛୋଟ ସୁବିଧାରେ ହିଁ ପ୍ରକୃତ ବିକାଶ ଲୁଚିରହିଥାଏ। "ସ୍ୱାୟତ୍ତ ଶାସନ" ସେହି ସ୍ଥାନୀୟ ଆବଶ୍ୟକତାକୁ ଚିହ୍ନଟ କରି, ସମାଧାନ ଖୋଜିବାର ଏକ ପ୍ରଣାଳୀ ଅଟେ। ସ୍ୱାୟତ୍ତ ଶାସନ କେବଳ ଏକ ପ୍ରଶାସନିକ ପଦ୍ଧତି ନୁହେଁ, ବରଂ ଏହା ସାମାଜିକ ନ୍ୟାୟର ଏକ ଉତ୍କୃଷ୍ଟ ମାଧ୍ୟମ। ମହିଳାଙ୍କ ପାଇଁ ୩୩% ଆରକ୍ଷଣ, ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ବିଶେଷ ସ୍ଥାନ—ଏସବୁ ଦ୍ୱାରା ସମାଜର ବଂଚିତ ଓ ପଛୁଆ ଶ୍ରେଣୀଙ୍କୁ ନେତୃତ୍ୱରେ ଭାଗିଦାରୀ କରାଯାଉଛି। ଯେତେବେଳେ ଗ୍ରାମର ଜଣେ ଗୃହଣୀ ସରପଞ୍ଚ ଆସନ ଅଳଙ୍କୃତ କରନ୍ତି, ସେତେବେଳେ କେବଳ ତାଙ୍କର ନୁହେଁ, ସମଗ୍ର ନାରୀଶକ୍ତିର ମର୍ଯ୍ୟାଦା ବଢ଼େ। କିନ୍ତୁ ଏ ସମସ୍ତ ବିଧି ବ୍ୟବସ୍ଥା ସତ୍ତ୍ୱେ ପ୍ରକୃତରେ କଣ ସ୍ୱାୟତ୍ତ ଶାସନ ଦ୍ୱାରା ବିକାଶ ହୋଇ ପାରୁଛି ?

ଆର୍ଥିକ ସ୍ୱାଧୀନତାର ଅଭାବ ଏ ଦିଗରେ ଏକ ଆହ୍ୱାନ। ଅନେକ ପଞ୍ଚାୟତ ଓ ନିଗମରେ ଅର୍ଥର ଅଭାବ ନୂତନ ଯୋଜନାକୁ ସୀମିତ କରିଦେଉଛି ବୋଲି ବହୁ ଅଭିଯୋଗ ହୁଏ। ଦ୍ୱିତୀୟ ଚ୍ୟାଲେଞ୍ଜ ହେଉଛି ପ୍ରଶାସନିକ ଦକ୍ଷତାର ଅଭାବ। ସ୍ୱାୟତ୍ତ ଶାସନ ବ୍ୟବସ୍ଥା ସହ ଜଡ଼ିତ ଥିବା ସଦସ୍ୟମାନେ ବେଳେବେଳେ ପ୍ରଶିକ୍ଷଣର ଅଭାବରୁ କାମକୁ ସୁଚାରୁ ରୂପେ ସମ୍ପାଦନ କରିପାରନ୍ତି ନାହିଁ। ଦୁର୍ନୀତି ଓ ରାଜନୈତିକ ହସ୍ତକ୍ଷେପ ମଧ୍ୟ ଅନେକ ସ୍ଥାନରେ ଏହି ସ୍ୱାୟତ୍ତତାକୁ ହ୍ରାସ ଓ ବିପଥଗାମୀ କରାଉଛି। ଅନେକ ସ୍ଥାନରେ ନିର୍ବାଚିତ ପ୍ରତିନିଧି ନିଜେ ବ୍ୟବସ୍ଥା ସହ ସଂପୃକ୍ତ ନ ରହି ସେମାନଙ୍କ ପତି, ପୁତ୍ର ତଥା ପ୍ରତିନିଧିଙ୍କ ଦ୍ୱାରା କାର୍ଯ୍ୟ କରୁଛନ୍ତି। ଏହିପରି ବିଭିନ୍ନ ବିସଙ୍ଗତି ଅନେକ ସ୍ଥାନରେ ଦୃଷ୍ଟିଗୋଚର ହୁଏ। ତଥାପି ମଧ୍ୟ ଏହି ସବୁ ବାଧା ସତ୍ତ୍ୱେ ସ୍ୱାୟତ୍ତ ଶାସନ ଆମ ଗଣତନ୍ତ୍ରର ସର୍ବଶ୍ରେଷ୍ଠ ପ୍ରୟାସ ଓ ଅବଦାନ। ସ୍ୱାୟତ୍ତ ଶାସନର ସଫଳତା ପ୍ରଧାନତଃ ଜନତାଙ୍କର ସଚେତନତା ଉପରେ ନିର୍ଭରକରେ। ଯେତେବେଳେ ଲୋକେ ପ୍ରଶ୍ନ କରିବେ, ଅଭିମତ ଦେବେ ସେତେବେଳେ ପ୍ରଶାସନ ମଧ୍ୟ ଅଧିକ ପାରଦର୍ଶୀ ହେବ।

ସ୍ୱାୟତ୍ତ ଶାସନ ଆମକୁ ଏହି ଶିକ୍ଷା ଦିଏ ଯେ—"ବିକାଶ କେବଳ ଉପରୁ ତଳକୁ ଆସୁଥିବା ସୁବିଧାରେ ନୁହେଁ; ବରଂ ତଳସ୍ତରରୁ ଉପରକୁ ଗଢ଼ି ଉଠୁଥିବା ସହଭାଗୀତାରେ ହିଁ ସମ୍ଭବ ହେବ। 'ନାଗରିକ ଯଦି ସଚେତନ ତେବେ ଗ୍ରାମ ଓ ସହର ସୁଦୃଢ଼। ଗାନ୍ଧୀଜୀଙ୍କ କଥାକୁ ଯଦି ସ୍ମରଣ କରିବା—"ଭାରତର ଆତ୍ମା ଗ୍ରାମରେ ବସେ।" ତେବେ ସେହି ଆତ୍ମାକୁ ଯଦି ଅଧିକ ସ୍ୱାୟତ୍ତ, ସୁଦୃଢ଼ ଓ ପାରଦର୍ଶୀ କରାଯାଇ ପାରିବ ତେବେ ଆମ ବିକାଶ କେବଳ ରାଜନୈତିକ ଭାଷଣରେ ନୁହେଁ, ବରଂ ଏହା ହେବ ଜନସାଧାରଣଙ୍କର ଦିନଚର୍ଯ୍ୟାରେ ପ୍ରତିଫଳନ।

# ପାକିସ୍ତାନ ବିଷବଳୟରେ 'ରଜନୀଗନ୍ଧା'



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ପୃଥିବୀରେ ଜନ୍ମ ହେବାପରେ ପ୍ରତ୍ୟେକର ପଛରେ ମୃତ୍ୟୁ ତା'ର ଧୀର ପାଦ ପକାଇ ଚାଲିଥିବା କାହାକୁ ଅଜଣା ନାହିଁ। ତଥାପି ମଣିଷ ଅନ୍ୟର ମୃତ୍ୟୁର କାରଣ ହୋଇଥାଏ। ଆଧୁନିକ ବିଜ୍ଞାନର ଅଗ୍ରଗତିରେ ଉତ୍‌ଫୁଲ୍ଲିତ ମାନବ ବିଶ୍ୱ ସୃଷ୍ଟିର ଅନନ୍ତ ରହସ୍ୟ କଥା ଚିନ୍ତା ନକରି ତାକୁ ଧ୍ୱଂସ କରିଦେବା ନିମନ୍ତେ ଉପାୟ ଖୋଜି ଚାଲିଛି। ଏହା ହିଁ ବିଡ଼ମ୍ବନା। ତଥାପି ସୃଷ୍ଟି ଧ୍ୱଂସ ହୋଇନାହିଁ ଓ ଜୀବଜଗତ ବଞ୍ଚି ରହିଛି। ଯେତେବେଳେ ଏହି ଧ୍ୱଂସ କଥା କାହାରି ମନରେ ଆସିଯାଏ ସେତେବେଳେ ଦେହ ଶିହରି ଉଠେ ଓ ଅନ୍ତରାତ୍ମାରେ କେହି କହିଉଠେ "ନାହିଁରେ! ଏଥିରେ ଆଗକୁ ଯାଅନାହିଁ।" ସେଥିପାଇଁ ବହୁ ଯୋଗଜନ୍ମାଙ୍କର ଆବିର୍ଭାବ ଏହି ଧରାଧାମରେ ହୋଇଛି ଓ ସେମାନଙ୍କ କାର୍ଯ୍ୟକୁ ନେଇ ପୁଲକିତ ହୋଇଉଠିଛି ଧରା। ଆଉ ସୃଷ୍ଟିରେ ବହିଯାଇଛି ଅମୃତର ସ୍ରୋତ। ଏହା ହିଁ ସଂସାରର ବିଚିତ୍ରତା। ମାନବକୁ ଧ୍ୱଂସ କରିଦେବା ନିମନ୍ତେ ଯେଉଁ ପ୍ରକାରର ଚେଷ୍ଟା ଦିନେ ଚାଲିଥିଲା ତାହାର ଏକ ଲୋମହର୍ଷଣକାରୀ କଥା ଏଠାରେ ବର୍ଣ୍ଣନା କରାଯାଇଛି।

ଘଟଣାଟି ଘଟିଛି ପାକିସ୍ତାନ ଅଧିକୃତ କାଶ୍ମୀରର ହାଇଦ୍ରାବାଦ୍ ସହରରେ। ଏହି ସହରଟି ଭାରତ-ପାକ୍ ସୀମାନ୍ତ ରାଜସ୍ଥାନର ମୁନ୍ନାଗଡ଼ ନିକଟବର୍ତ୍ତୀ। ଆମେରିକା ଗୁଇନ୍ଦା ବିଭାଗର ବିବରଣୀ ଅନୁଯାୟୀ ଏହି ସହରରେ ଗୁପ୍ତ ଭାବରେ ରହିଥିଲା ଏକ ବିଜ୍ଞାନାଗାର ବା ଲାବୋରେଟୋରି। ଯାହାକୁ ମୃତ୍ୟୁର ବିଜ୍ଞାନାଗାର କହିଲେ ଅତ୍ୟୁକ୍ତି ହେବନାହିଁ। ପାକିସ୍ତାନ ଅଧିକୃତ କାଶ୍ମୀର ବାସିନ୍ଦା ଡ. ସାଜିଦ୍ ଇକ୍‌ବାଲ୍, ଡ. ଅରସାଦ୍ ଆୟୁବ୍, ଡ. ନିଆମତ୍ ଅଲ୍ଲି ଓ ଡ. ରଫିକ୍ ଅବଦୁଲ୍ଲା ପାଞ୍ଚବର୍ଷ ପର୍ଯ୍ୟନ୍ତ କଠିନ ପରିଶ୍ରମ କରି ଏହି ବିଜ୍ଞାନାଗାରରେ "Impostaria" ବା "ମୃତ୍ୟୁର ଫୁଲ" ତିଆରିରେ ସଫଳ ହୋଇପାରିଥିଲେ। ଏହା ରଜନୀଗନ୍ଧା ପ୍ରଜାତିର ଓ ଏତେ ବିଷାକ୍ତ ଯେ ଏହାର ସୁଗନ୍ଧ ନାକରେ ପଶିଲେ ମାତ୍ର ୪୦ ସେକେଣ୍ଡରେ ପ୍ରାଣ ନେଇଯିବାର ଶକ୍ତି ଥିଲା। ଫୁଲଟିର ସୁଗନ୍ଧ ରଜନୀଗନ୍ଧାଠାରୁ କୌଣସି ଗୁଣରେ କମ୍ ନଥିଲା। ପାକିସ୍ତାନ ଏଭଳି ଫୁଲ ତିଆରି ପରେ ପ୍ରଥମ ପରୀକ୍ଷା ଭାରତବର୍ଷରେ ହିଁ କରିବା ନିମନ୍ତେ ସ୍ଥିର କରିଦେଇଥିଲା। ଏହାପରେ ବଙ୍ଗଳାଦେଶ ଓ ମିଆଁମାରରେ ଏହାକୁ ସଂପ୍ରସାରିତ କରିଥାନ୍ତା।

ଡ. ସାଜିଦ୍ ଇକ୍‌ବାଲ୍ ଏହି ଗବେଷଣାଗାରର ମୁଖ୍ୟ ଥିଲାବେଳେ ତାଙ୍କର ସହକାରୀ ଥିଲେ ଡ. ଜାଭେଦ୍ ଗୌତମୀ। ଏହି ଜାଭେଦ୍ ଗୌତମୀ ଥିଲେ ଅଧିକୃତ କାଶ୍ମୀର 'ସିଷ୍ଟରଇଗ୍‌ନେକ୍' କଲେଜର ଜଣେ ଛାତ୍ରୀ। ସେଠାରେ ରସାୟନ ବିଜ୍ଞାନରେ ସ୍ନାତକ ପାଠପଢ଼ା ସାରି ଡ. ସାଜିଦ୍‌ଙ୍କୁ ଏପରି ଗବେଷଣାରେ ସାହାଯ୍ୟ କରିବା ପାଇଁ ସେ ନିୟୋଜିତ ହୋଇଥିଲେ। ଅନ୍ୟତମ Training Research Worker ଥିଲେ ତମିମ୍ ହୁସେନ୍। ପାକ୍-ଆଫଗାନ୍ ସୀମା ନିକଟର କୌଣସି ଗ୍ରାମରେ ତାଙ୍କର ଥିଲା ଜନ୍ମସ୍ଥାନ ଓ ସେ ଥିଲେ ଜଣେ Bio-Chemistryର ଛାତ୍ର। ତମିମ୍ ହୁସେନ୍ ଡ. ରଫିକ୍ ଅବ୍‌ଦୁଲ୍ଲାଙ୍କର ସହକାରୀ ଥିଲେ ମଧ୍ୟ ଅଲ୍‌କାଇଦା ମୁଖ୍ୟ ମୁଲ୍ଲା ଉମର ସହ ସଂପର୍କ ହେତୁ ତାଙ୍କୁ ସନ୍ଦେହ ଚକ୍ଷୁରେ ସମସ୍ତେ ଦେଖୁଥିଲେ। ବିଜ୍ଞାନାଗାର ଭିତର ଓ ବାହାରର ସୁରକ୍ଷା ବଡ଼ କଡ଼ା ଥିଲା। ସାଧା ପୋଷାକରେ ସିକ୍ୟୁରିଟି ଗାର୍ଡମାନେ ଫାଟକ ପାଖରେ ଜଗି ରହୁଥିଲେ। ପାକିସ୍ତାନ ସରକାରଙ୍କର ବିଦେଶ ମନ୍ତ୍ରଣାଳୟଦ୍ୱାରା ଏହି ଗବେଷଣାଗାର ମୁଖ୍ୟତଃ ପରିଚାଳିତ ହେଉଥିବାରୁ ସୁରକ୍ଷାର ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମାତ୍ର ଏହିଭଳି ନିରାପତ୍ତା ସତ୍ତ୍ୱେ ବିଜ୍ଞାନାଗାରରୁ "Impostaria" ଫୁଲଟି ଦିନେ ଚୋରି ହୋଇଯାଇଥିଲା। ଏ ସମ୍ପର୍କରେ ବିସ୍ତୃତ ବିବରଣୀ ବିଜ୍ଞାନାଗାରର ଅନ୍ୟତମ ବୈଜ୍ଞାନିକ ଡ. ଅରସାଦ୍ ଆୟୁବ୍‌ଙ୍କଠାରୁ ପରେ ମିଳିଥିଲା। ଯାହାକି ଥିଲା ଲୋମହର୍ଷଣକାରୀ।

ବିଜ୍ଞାନାଗାରର ମୁଖ୍ୟ ଡ. ସାଜିଦ୍ ଅବ୍‌ଦୁଲ୍ଲାଙ୍କ ପାଖରେ କାର୍ଯ୍ୟରତା ସହକାରୀ ଜାଭେଦ୍ ଗୌତମୀ ଥିଲେ ଅତି ସୁନ୍ଦରୀ। ୨୨ବର୍ଷର ଏହି ଯୁବତୀଙ୍କୁ ଦେଖିଲେ ଯେକୌଣସି ଲୋକ ସହଜରେ ଆଖି ଫେରାଇ ଆଣି ପାରୁନଥିଲା। ସେ ଥିଲେ ହେମାଙ୍ଗୀ ଓ କ୍ଷୀଣୋଦରୀ। ତାଙ୍କ ଇନ୍ଦୁ ନିନ୍ଦିତ ମୁଖମଣ୍ଡଳର ତୀକ୍ଷ୍ଣ ନାସା, କଳା ଭ୍ରମର ତୁଲ୍ୟ ଦୁଇ ଭ୍ରୂଲତା ମଧ୍ୟରେ ତ୍ରସ୍ତ ହରିଣୀ ଭଳି ଚକ୍ଷୁ ଚାଳନା, କୁନ୍ଦ ପୁଷ୍ପ ନିନ୍ଦିତ ଦନ୍ତ ପନ୍ତି ସହ ପକ୍ୱ ବିମ୍ବ ଫଳ ଭଳି ଅଧରଦ୍ୱୟ, କର୍ଣ୍ଣଦ୍ୱୟରେ ଦୋଳାୟିତ ସ୍ୱର୍ଣ୍ଣ କୁଣ୍ଡଳର ଆଭାରେ ଝଲକିତ ଗଣ୍ଡ ଦେଶ, ଭୂଲୁଣ୍ଠିତ ଘନକୃଷ୍ଣ କେଶଗୁଚ୍ଛ, ଉନ୍ନତ ବର୍ତ୍ତୁଳ ବକ୍ଷୋଜ ଓ ଚାଲିଲାବେଳେ ଚଞ୍ଚଳିତ ପୃଥୁଳ ନିତମ୍ବଦ୍ୱୟ ଯେକୌଣସି ବୟସର ଲୋକକୁ ସହଜରେ ଆକର୍ଷିତ କରିପାରୁଥିଲା। ପ୍ରକୃତରେ ସେ ଥିଲେ ମଦାଳସା। କହିବାକୁ ଗଲେ ସ୍ରଷ୍ଟାଙ୍କ ସୃଷ୍ଟିରେ ଜାଭେଦ୍ ଗୌତମୀ ଥିଲେ ଅନନ୍ୟା। ବିଜ୍ଞାନାଗାରରେ ପଶିବା ପରଠାରୁ ଡ. ସାଜିଦ୍ ଅବଦୁଲ୍ଲାଙ୍କ ପାଖରେ କାୟା ସହ ଛାୟା ପରି ରହୁଥିବାରୁ ଅନ୍ୟର ସଂପର୍କରେ ସେ ଆସିପାରୁନଥିଲେ। ତେଣୁ ଗୌତମୀଙ୍କୁ ଦେଖି ତା ପ୍ରତି ଆକୃଷ୍ଟ ହେଉଥିଲେ ମଧ୍ୟ ବିଜ୍ଞାନଗାରରେ କାମ କରୁଥିବା ଅନ୍ୟମାନେ ତାଙ୍କୁ ଅତ୍ୟନ୍ତ ଭୟ କରୁଥିଲେ।

ଗବେଷଣାଗାରର ସମସ୍ତ କାର୍ଯ୍ୟ ଠିକ୍ ଭାବରେ ଚାଲିଥିଲା। ଦିନେ ରାତ୍ରୀ ୨ଟାରେ ମୁଖ୍ୟ ଗବେଷଣାଗାରର ସତର୍କ ଘଣ୍ଟି ବାଜି ଉଠିଲା। କାର୍ଯ୍ୟରତ ଅନ୍ୟମାନେ ସେଠାକୁ ଦୌଡ଼ି ଯାଇ ଦେଖନ୍ତି ତ ବିଜ୍ଞାନଗାର ମଧ୍ୟରୁ କୌଣସି ଶବ୍ଦ ଆସୁନାହିଁ। ବାହାରୁ ଶୁଣାଯାଉନାହିଁ Testtubeର ଟିନ୍‌ଟିନ୍ ବା ପାଣି ଝରାର ଠପଠପ୍ ଶବ୍ଦ। ମାତ୍ର ସତର୍କ ଘଣ୍ଟି କାହିଁକି ବାଜି ଉଠିଲା ତାହା ଅନ୍ୟମାନଙ୍କ ଆଶଙ୍କାର କାରଣ ହୋଇଗଲା। ଡ. ଅବ୍‌ଦୁଲ୍ଲାଙ୍କ ବ୍ୟତୀତ ଏହି ମୁଖ୍ୟ ଗବେଷଣାଗାରରେ ପଶିବାକୁ କାହାର ଅନୁମତି ନଥିଲା। ପାସ୍‌ୱାର୍ଡ଼ ଅନୁସାରେ ତାହାର କବାଟ ଖୋଲେ ଓ ବନ୍ଦ ବି ହୁଏ। ଯେହେତୁ ରକ୍ଷା ମନ୍ତ୍ରଣାଳୟଦ୍ୱାରା ଏହା ପରିଚାଳିତ ତେଣୁ ସେହିଭଳି ଗୋପନୀୟ ସୁରକ୍ଷାର ବନ୍ଦୋବସ୍ତ ମଧ୍ୟ ସେଠାରେ କରାଯାଇଥିଲା। ଏହି ପାସ୍‌ୱାର୍ଡ଼ କଥା ମଧ୍ୟ ଅନ୍ୟ ବୈଜ୍ଞାନିକମାନଙ୍କୁ ଥିଲା ଅଜଣା। କେବଳ ଡ. ସାଜିଦ୍ ଇକ୍‌ବାଲ୍ ଓ ଜାଭେଦ୍ ଗୌତମୀଙ୍କୁ ତାହା ଜଣାଥିଲା। ତେଣୁ ସବୁ ବୈଜ୍ଞାନିକ ଉତ୍ସୁକ ହୋଇ ମୁଖ୍ୟ ପରୀକ୍ଷାଗାର ସମ୍ମୁଖରେ ପହଞ୍ଚି ଦେଖିଲେ ଯେ କବାଟ ବନ୍ଦ ଅଛି। ମାତ୍ର ଆଘାତ ଦେଲା ମାତ୍ରେ ବିନା ପାସ୍‌ୱାର୍ଡ଼ରେ କବାଟ ଖୋଲିଗଲା ଓ ତାହା ଭିତରେ ଯାହା ଦେଖାଗଲା ସେଥିରେ ସମସ୍ତେ ଭୟରେ ଥରି ଉଠିଲେ। ଭିତରେ ପଶିବା ପରେ ଦେଖିବାକୁ ମିଳିଲା ଯେ ଡ. ସାଜିଦ୍ ଚଟାଣରେ ପଡ଼ିଛନ୍ତି ଏବଂ ତାଙ୍କ ମୁଣ୍ଡରୁ ରକ୍ତସ୍ରାବ ହୋଇଚାଲିଛି ଓ ବିଜ୍ଞାନାଗାରର ସମସ୍ତ ଜିନିଷ ଘରଟିରେ ଏଣେତେଣେ ପଡ଼ିଛି। ସମସ୍ତେ ଡ. ସାଜିଦ୍‌ଙ୍କୁ ଉଠେଇବାକୁ ଚେଷ୍ଟା କଲେ। ସେତେବେଳକୁ ହୋସ୍‌ରେ ଥିବା ଡ. ସାଜିଦ୍ କେବଳ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିଦେଲେ। ଡ. ସାଜିଦ୍‌ଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତେ ଉପରକୁ ଚାହିଁ ଦେଖିଲେ ଯେ "Impostaria" ଫୁଲଟି ସେଠାରେ ଆଉ ନାହିଁ। ଫୁଲ ଥିବା ବାକ୍ସଟି ସମ୍ପୂର୍ଣ୍ଣ ଗାଏବ୍ ହୋଇଯାଇଛି। ଏପରି ଘଟଣାରେ ସମସ୍ତେ ଭୟ ପାଇଗଲେ ଯେ ଏହା ଯଦି କୌଣସି ଦୁର୍ବୃତ୍ତଙ୍କ ହାତରେ ପଡ଼ିଯାଏ ତେବେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବା ସହ ପାକିସ୍ତାନ ସରକାର ମଧ୍ୟ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଏହି ଚିନ୍ତାରେ ସମସ୍ତେ ଆତଙ୍କିତ ହୋଇପଡ଼ିଲେ।

ଏହି "Impostaria" ରଜନୀଗନ୍ଧା ପ୍ରଜାତିର ଫୁଲ ରାସାୟନିକ ପ୍ରକ୍ରିୟାରେ ହିଁ ସୃଷ୍ଟି। ମାତ୍ର ଏହା କିଭଳି ଭାବରେ ଫୁଟି ପାରିଲା ତାହାର ଫର୍ମୁଲା ଥିଲା ଅତ୍ୟନ୍ତ ଗୋପନୀୟ। ଡ. ସାଜିଦ୍ ଇକ୍‌ବାଲ୍‌ଙ୍କ ବ୍ୟତୀତ ତାହା ଅନ୍ୟ କେହି ଜାଣିନଥିଲେ। ଫୁଲଟି ଦେଖିବାକୁ ଥିଲା ଅତି ସୁନ୍ଦର। ମାତ୍ର ଏହି ସୁନ୍ଦରତା ଓ ମଧୁର ମହକ ପଛରେ ଲୁଚି ରହିଥିଲା ଭୟଙ୍କର ଜହର। ସେହି ଫୁଲର ମହକକୁ ଆଘ୍ରାଣ କରୁଥିବା ଜୀବର ଜୀବନ ମାତ୍ର ୪୦ସେକେଣ୍ଡରେ ଚାଲିଯାଉଥିଲା। ଅଦ୍ଭୁତ ପ୍ରକାରରେ ଫୁଲର ରଙ୍ଗ ବଦଳିବା ସହିତ ତାହାର ମହକ ମଧ୍ୟ ବଦଳି ଯାଉଥିଲା। ଡ. ସାଜିଦ୍‌ଙ୍କୁ ଗବେଷଣାଗାରୁ ମେଡ଼ିକାଲ୍ ନିଆଗଲା ଏବଂ ସେଠାରେ ଚିକିତ୍ସା ଚାଲିଥିଲେ ମଧ୍ୟ ତାଙ୍କ ମୁହଁରୁ କୌଣସି କଥା ଆଉ ଶୁଣିବାକୁ ମିଳିନଥିଲା। ସବୁ ବୈଜ୍ଞାନିକ ଡାକ୍ତରଖାନାରେ ଠୁଳ ହୋଇଥିବା ବେଳେ ଡ. ସାଜିଦ୍‌ଙ୍କ ଅତି ପ୍ରିୟ ଗୌତମୀଙ୍କୁ ସେଠାରେ ଦେଖିବାକୁ ମିଳିନଥିଲା।

ଦିନେ ଲଫାପାରେ ଚିଠିଟିଏ ସେଠାର ଅନ୍ୟତମ ବୈଜ୍ଞାନିକ ଡ. ଅରସାଦ୍ ଆୟୁବ୍‌ଙ୍କ ନାମରେ ମିଳିଲା। ସେଥିରେ ଲେଖା ଥିଲା "ଡ. ଆୟୁବ୍! ଯେତେବେଳେ ଆପଣ ଏହି ପତ୍ରଟି ପଢ଼ିବେ ସେତେବେଳେ ମୁଁ ଓଟ ଉପରେ ବସି କାଶ୍ମୀରର ଏହି ଉପାନ୍ତ ମରୁଭୂମି ପାର ହୋଇଯାଇଥିବି। ଯିବା ଆଗରୁ ମୁଁ ଆପଣଙ୍କୁ ଜଣାଇ ଦେଉଛି ଯେ ସେହି "Impostaria" ଫୁଲ ଉପରେ ଏସିଡ଼୍ ଢାଳି ମୁଁ ନଷ୍ଟ କରିଦେବା ସହ ଡ. ସାଜିଦ୍‌ଙ୍କ ଫର୍ମୁଲାକୁ ମଧ୍ୟ ପୋଡ଼ି ପାଉଁଶ କରିଦେଇଛି। ମୁଁ ଜଣେ ନାରୀ। ମଣିଷ ସମାଜ ପ୍ରତି ମୋର ମମତା ଅଛି। ଭଗବାନଙ୍କ ସୃଷ୍ଟିକୁ ମୁଁ ଧ୍ୱଂସ କରିବାକୁ ଚାହୁଁନାହିଁ। ତେଣୁ ଡ. ସାଜିଦ୍ ଇକ୍‌ବାଲ୍‌ଙ୍କ ପାଖରେ ସହକାରିଣୀ ଭାବରେ କାର୍ଯ୍ୟ କରୁଥିବାବେଳେ ତାଙ୍କୁ ପ୍ରଥମେ ପ୍ରେମରେ ଫସାଇ ମୋର ଦେହଦାନ କରିଥିଲି। ସେ ମୋତେ ଏତେ ଭଲ ପାଉଥିଲେ ଯେ ତାଙ୍କ ଗବେଷଣାର ସମସ୍ତ ତଥ୍ୟ ମୋତେ ଦେଇଦେଲେ। ଜଣେ ନାରୀର ଦେହଦାନ ଫଳରେ ଯଦି ମାନବ ସମାଜ ଧ୍ୱଂସରୁ ରକ୍ଷା ପାଇପାରିଲା ତେବେ ମୋ ଜୀବନ ସାର୍ଥକ ହୋଇଛି ବୋଲି ମୁଁ ଭାବୁଛି। ଡ. ସାଜିଦ୍ ଯେଉଁଭଳି ଅମାନବୀୟ କାର୍ଯ୍ୟ କରିଚାଲିଥିଲେ ତାଙ୍କୁ ଈଶ୍ୱର କେବେହେଲେ କ୍ଷମା ଦେବେ ନାହିଁ କି ସେ ଆଉ ନିଜ ଶଯ୍ୟାରୁ ଉଠିପାରିବେ ନାହିଁ। ମୋ ସୁନ୍ଦର ଶରୀର ସମ୍ଭବତଃ ଏହି କାର୍ଯ୍ୟ କରିବା ପାଇଁ ଥିଲା ଈଶ୍ୱରଙ୍କ ଦାନ। ଯଦି ଆପଣ ବିଜ୍ଞାନାଗାର ମଧ୍ୟରେ ରହିଥାନ୍ତି ତେବେ ତୁରନ୍ତ ତାକୁ ଛାଡ଼ି ଚାଲିଯାଆନ୍ତୁ। କାରଣ ମୁଁ ସେହି ଭୟାନକ ବିଜ୍ଞାନାଗାରରେ ଟାଇମ୍ ବମ୍ ଖଞ୍ଜି ଦେଇଆସିଛି। ମୋ ଛାଡ଼ିବାର ଠିକ୍ ୩୬ଘଣ୍ଟା ପରେ ତାହା ଫୁଟିଯିବ। ମୁଁ ଅନ୍ୟର କିଛି କ୍ଷତି କରୁନାହିଁ। ଏହି କାର୍ଯ୍ୟ ନିମନ୍ତେ ମୁଁ ନିଜକୁ ଗୌରବାନ୍ୱିତ ମନେକରୁଛି। ମୋ ପଛରେ ପାକିସ୍ତାନ ସରକାର ତାଙ୍କ ଗୁପ୍ତଚର ଲଗାଇ ମୋତେ ଧରିନେଇ ମାରିଦେଇ ପାରନ୍ତି। ମାତ୍ର ମୁଁ ସେତେବେଳକୁ ଭାରତର ରାଜସ୍ଥାନ ସୀମାନ୍ତରେ ପହଞ୍ଚି ଯାଇଥିବି। ଭାରତକୁ ଯିବା ନିମନ୍ତେ ବହୁ ଆଗରୁ ମୁଁ ପାସପୋର୍ଟ ସହ ଭିସା ମଧ୍ୟ କରିସାରିଛି। ଧରାହେଲେ ଭାରତରେ ଦଣ୍ଡ ଭୋଗିପାରେ। ମାତ୍ର ମୋର ଏହି ସୁନ୍ଦର ଶରୀର ହିଁ ମୁଁ ଆଶା କରୁଥିବା ସବୁ ଅଘଟଣରୁ ମୋତେ ବଞ୍ଚାଇ ଦେଇପାରିବ। ମାତ୍ର ମଣିଷ ସମାଜକୁ ମୃତ୍ୟୁ ମୁଖରୁ ବଞ୍ଚାଇ ପାରିଛି ତାହାହିଁ ଦେଇଛି ମୋତେ ଆଶ୍ୱାସନା ଓ ଆନନ୍ଦ। ଏହି କାର୍ଯ୍ୟ ନିମନ୍ତେ ସମ୍ଭବତଃ ମୁଁ ଏହି ଧରାରେ ଜନ୍ମ ନେଇଥିଲି। ମୋତେ ସାହାଯ୍ୟ ଓ ସୁରକ୍ଷା ଦେବାରେ ପାକିସ୍ତାନ ଭଳି ଦେଶରେ ମଧ୍ୟ ବହୁ ସହୃଦୟ ବ୍ୟକ୍ତି ଅଛନ୍ତି।"

ଚିଠିଟି ପଢ଼ି ସାରିବା ପରେ ଡ. ଅରସାଦ୍ ଆୟୁବ୍ ହାତ ଘଣ୍ଟାକୁ ଦେଖି ଜୋର୍‌ରେ ଚିତ୍କାର କରିଉଠିଲେ। ତୁରନ୍ତ ସମସ୍ତ କର୍ମଚାରୀ ବାହାରକୁ ଚାଲିଯାଆନ୍ତୁ ବୋଲି ଡାକି ନିଜେ ବସିଥିବା ସ୍ଥାନରୁ ଦୌଡ଼ି ପଳାଇଲେ। ସମସ୍ତେ ବାହାରକୁ ବାହାରି ଯିବାର କିଛି ଘଣ୍ଟା ପରେ ବମ୍ ଫୁଟିଉଠିଲା ଓ ପାକିସ୍ତାନ ସରକାରଙ୍କ ଗୋପନୀୟ ବିଜ୍ଞାନାଗାରର ସତ୍ତା ଆଉ ଦେଖିବାକୁ ମିଳିଲା ନାହିଁ। ନିଜର କୃତକର୍ମ ପାଇଁ ଜାଭେଦ୍ ଗୌତମୀ ଦେଶରେ ପ୍ରଚଳିତ ଆଇନ୍‌ର ଯେଉଁ ଧାରାର ପରିସରକୁ ଆସି ଦଣ୍ଡିତ ହୁଅନ୍ତୁ ପଛକେ ସେ ଚିର ବନ୍ଦନୀୟା ଓ ନମସ୍ୟା। ସେ ଏବେ କେଉଁଆଡ଼େ ଗଲେ ଓ କେଉଁଠି ଅଛନ୍ତି ତାହା ମଧ୍ୟ ଜାଣିବା ପରିସର ବାହାରେ ରହିଯାଇଛି।

# ସେବା ଓ ଶାନ୍ତିର ଦେବୀ- ମଦର ଟେରେସା



ଅକ୍ଷୟ କୁମାର ରାଉତ
ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମି
ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫.



୧୯୨୯ ମସିହାରେ ଦାର୍ଜିଲିଂଠରେ ଦୁଇବର୍ଷ ତାଲିମ ନେଲାପରେ ସେ ସେଣ୍ଟ୍ ମେରୀ ହାଇସ୍କୁଲରେ ଆରମ୍ଭ କଲେ ଶିକ୍ଷକତା, ଇତିହାସ ଓ ଭୂଗୋଳ ପଢେଇବା ସମୟରେ ଚରିତ୍ର ଗଠନ ପାଇଁ ଉପଦେଶ ଦେଉଥିଲେ। କିନ୍ତୁ ଦୁଃସ୍ଥ ଓ ପିଡିତମାନଙ୍କର ଦୟନୀୟ ଅବସ୍ଥା ଟେରେସାଙ୍କର ହୃଦୟକୁ ବିଚଳିତ କରିଥିଲା। ମୋତିଝିଲ୍ ବସ୍ତିର ଅସଂଖ୍ୟ ନିରାଶୟ ଲୋକଙ୍କ ମୁଖ ମଣ୍ଡଳରେ ରୋଗ ଯନ୍ତ୍ରଣାରେ ଛଟପଟ ହେଉଥିବା ଯୀଶୁଖ୍ରୀଷ୍ଟଙ୍କୁ ଟେରେସା ଦେଖି ପାରିଥିଲେ। ତେଣୁ ଲୋରେଟୋ ଉଚ୍ଚବିଦ୍ୟାଳୟ ଅଧକ୍ଷ ପଦ ତ୍ୟାଗକରି ପୋପଙ୍କ ଅନୁମତି ନେଇ ମୋତିଝିଲ ବସ୍ତିର ରୋଗୀମାନଙ୍କ ସେବାରେ ସମସ୍ତ ସମୟ ବିନିଯୋଗ କଲେ। ହାତରେ ପାଞ୍ଚ ଟଙ୍କା ଧରି ବସ୍ତଲୋକଙ୍କର ସେବା ଆରମ୍ଭ କରିଦେଲେ। ସେ ଆମେରିକାନ୍ ମେଡିକାଲ୍ ମିଶିନାରୀ ସିଷ୍ଟରସ୍ ସଂସ୍ଥାରେ ନର୍ସିଂ ତାଲିମ ନେଲେ। ୧୯୫୦ ମସିହାରେ ପୋପଙ୍କ ସମ୍ମତି ପାଇ ଟେରେସା ୧୨ ଜଣ ସିଷ୍ଟରଙ୍କୁ ନେଇ ପ୍ରତିଷ୍ଠା କଲେ 'ମିଶନାରିଜ୍ ଅଫ ଚ୍ୟାରିଟି' । ଏହି ସଂସ୍ଥାର ଲକ୍ଷ୍ୟ ମଣିଷ ସମାଜର ସେବା କରିବା। ୧୯୫୨ ମସିହାରେ ମଦର ଟେରେସା ପ୍ରତିଷ୍ଠା କଲେ 'ନିର୍ମଳ ହୃଦୟ' ସେବାସଦନ। ଏଠାରେ ଚାଲିଲା ମୃତ୍ୟୁ ପଥ ଯାତ୍ରୀମାନଙ୍କ ସେବା ଶୁଶ୍ରୁଷା । ମ୍ୟୁନିସିପାଲିଟିର ଅଧିକାରୀ 'ନିର୍ମଳ ହୃଦୟ' ପ୍ରତିଷ୍ଠାନକୁ ଯୋଗାଇ ଦେଇଥିଲେ ଦୁଇଟି ଡର୍ମିଟାରୀ।

ଦୁଃସ୍ଥ, ପୀଡିତ,ଦୁଃଖି ଓ ରଙ୍କି ମାନଙ୍କର ସେବା କରିବାର ପ୍ରବୃତି ଏକ ଐଶ୍ୱରିକ ଗୁଣ। ଏହି ପ୍ରବୃତ୍ତି ଯେଉଁ ପୁରୁଷ ଓ ନାରୀ ମାନଙ୍କଠାରେ ଥାଏ, ସେମାନେ ମର୍ତ୍ତ୍ୟର ଦେବତା ବା ଦେବୀ ରୂପେ ଜନମାନସରେ ପୂଜିତ ହୁଅନ୍ତି, ମଦର ଟେରେସା ଏହି ଭଳି ଜଣେ ସେବା ଓ ଶାନ୍ତିର ଦେବୀ। ପୀଡିତର ପୀଡା ଦେଖିଲେ ତାଙ୍କ ଆଖିରୁ ଝରିଯାଏ ଲୁହ। ସେ ସମସ୍ତ ବିକାର ଓ ଘୃଣାକୁ ଭୁଲି ଲାଗି ପଡନ୍ତି ପିଡିତର ସେବାରେ। ମନ, ପ୍ରାଣ ଓ ହୃଦୟ ଦେଇ ସେ ରୋଗୀର ସେବା କରନ୍ତି। ଏହି ମହିୟସୀ ଦେବୀ ଇଉରୋପର ମାସିଡୋନିଆ(ୟୁଗୋସ୍ଲୋଭିଆ) ଅନ୍ତର୍ଗତ ସ୍କୋପ୍‌ଜେ ନାମକ ସ୍ଥାନରେ ଏକ ଆଲବାନିଆନ୍ କୃଷକ ପରିବାରରେ ୧୯୧୦ ମସିହା ଅଗଷ୍ଟ ୨୬ ତାରିଖରେ ଜନ୍ମଗ୍ରହ କରିଥିଲେ। ପିତା ନିକୋଲା ବୋୟାକ୍ସିଭ୍ ଓ ମାତା ଡ୍ରାମଫିଲ୍ ବୋୟାକ୍ସିଭ୍ ଥିଲେ କ୍ୟାଥଲିକ ଖ୍ରୀଷ୍ଟିୟାନ। ସେମାନଙ୍କ ପାଞ୍ଚଟି ସନ୍ତାନ ମଧ୍ୟରୁ ତିନୋଟି ଜୀବିତ ଥିଲେ। ବଡ ପୁତ୍ର ଲାଜର, ମଧ୍ୟମକନ୍ୟା ଆଗା ଓ ସାନଝିଅ ୟାଗ୍‌ନେସ୍ ଗୋନସ୍କା ବୋୟାକ୍ସିଭ୍ (ମଦର ଟେରେସା)।

ମଦର ଟେରେସାଙ୍କ ପିତା ଥିଲେ ଜଣେ ବ୍ୟବସାୟୀ, ବହୁଭାଷାବିତ୍ ଓ ରାଜନୀତି ସଚେତନ ବ୍ୟକ୍ତି। ମଦର ଟେରେସାଙ୍କୁ ଯେତେବେଳେ ମାତ୍ର ୯ ବର୍ଷ, ଠିକ୍ ସେହି ସମୟରେ ତାଙ୍କ ପିତାଙ୍କ ଅକାଳ ମୃତ୍ୟୁ ହୋଇଗଲା। ବିଧବା ମାଆ ବହୁ ବାଧାବିଘ୍ନ ସତ୍ତ୍ୱେ ତିନିଭାଇ ଭଉଣୀଙ୍କୁ ଶିକ୍ଷିତ କରାଇଥିଲେ। ଦାରିଦ୍ର୍ୟ ଜ୍ୱାଳା ଜନିତ ସମସ୍ତ ଦୁର୍ଶ୍ଚିନ୍ତା ପରେ ବି ଟେରେସାଙ୍କ ଓଠରେ ଲାଗିରହିଥିଲା ହସ। ଘର କାମରେ ସେ ମାଆଙ୍କୁ ସର୍ବଦା ସାହଯ୍ୟ କରୁଥିଲେ।

ସେ ଛୋଟବେଳରୁ ସତ୍ୟ, ଶାନ୍ତି, ଦୟା ଓ କ୍ଷମାର ଆଦର୍ଶରେ ଅନୁପ୍ରାଣିତ, ଦୁର୍ବଳ ତଥା ଆହତ ପଶୁମାନଙ୍କ ସେବାଯତ୍ନ କରି ସେ ଆନନ୍ଦ ଅନୁଭବ କରୁଥିଲେ। ନିୟମିତ ଗୀର୍ଜାରେ ପ୍ରାର୍ଥନା କରିବା, ଧର୍ମ ପୁସ୍ତକ ପଢିବା ଓ ପାଦ୍ରିଙ୍କୁ ସାହାଯ୍ୟ କରିବା ଥିଲା ଟେରେସାଙ୍କର ନିତି ଦିନ କାମ।

ସରକାରୀ ସ୍କୁଲରେ ପଢୁଥିବା ସମୟରେ କେତେକ ନନ୍‌ଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ଟେରେସାଙ୍କୁ ମିଳିଥିଲା। ମାତାଙ୍କ ଅନୁମତି ନେଇ ସେ ଲୋରେଟା ସିଷ୍ଟରମାନଙ୍କ ସହ ଯୋଗ ଦେଲେ, ୧୯୨୮ ମସିହା ନଭେମ୍ବର ୨୮ ତାରିଖରେ ସେ ଆୟରଲାଣ୍ଡର ଡବ୍‌ଲିନ୍ ନିକଟରେ ଥିବା ରାଥ୍‌ଫାର୍ନହାମ୍ ସ୍ଥିତ ଲୋରେଟୋ ଆବେରେ ଯୋଗ ଦେଇ ନନ୍ ତାଲିମ ନେଲେ। ତାଙ୍କୁ ସେତେବେଳେ ମାତ୍ର ୧୮ ବର୍ଷ। ଏଠାରେ ଆଭିଲାର ଥେରେସା ଓ ଲିସିୟୁକ୍ସର ଟେରେସାଙ୍କ ସ୍ମୃତିରେ ୟାଗ୍ନେସ୍ ଗୋନସ୍କା ବୋୟାକ୍ସିଭଙ୍କ ନାମ କରଣ କରାଗଲା ସିଷ୍ଟର ଟେରେସା।

୧୯୨୯ ମସିହାରେ ଦାର୍ଜିଲିଂଠରେ ଦୁଇବର୍ଷ ତାଲିମ ନେଲାପରେ ସେ ସେଣ୍ଟ୍ ମେରୀ ହାଇସ୍କୁଲରେ ଆରମ୍ଭ କଲେ ଶିକ୍ଷକତା, ଇତିହାସ ଓ ଭୂଗୋଳ ପଢେଇବା ସମୟରେ ଚରିତ୍ର ଗଠନ ପାଇଁ ଉପଦେଶ ଦେଉଥିଲେ। କିନ୍ତୁ ଦୁଃସ୍ଥ ଓ ପିଡିତମାନଙ୍କର ଦୟନୀୟ ଅବସ୍ଥା ଟେରେସାଙ୍କର ହୃଦୟକୁ ବିଚଳିତ କରିଥିଲା। ମୋତିଝିଲ୍ ବସ୍ତିର ଅସଂଖ୍ୟ ନିରାଶୟ ଲୋକଙ୍କ ମୁଖ ମଣ୍ଡଳରେ ରୋଗ ଯନ୍ତ୍ରଣାରେ ଛଟପଟ ହେଉଥିବା ଯୀଶୁଖ୍ରୀଷ୍ଟଙ୍କୁ ଟେରେସା ଦେଖି ପାରିଥିଲେ। ତେଣୁ ଲୋରେଟୋ ଉଚ୍ଚବିଦ୍ୟାଳୟ ଅଧକ୍ଷ ପଦ ତ୍ୟାଗକରି ପୋପଙ୍କ ଅନୁମତି ନେଇ ମୋତିଝିଲ ବସ୍ତିର ରୋଗୀମାନଙ୍କ ସେବାରେ ସମସ୍ତ ସମୟ ବିନିଯୋଗ କଲେ। ହାତରେ ପାଞ୍ଚ ଟଙ୍କା ଧରି ବସ୍ତଲୋକଙ୍କର ସେବା ଆରମ୍ଭ କରିଦେଲେ। ସେ ଆମେରିକାନ୍ ମେଡିକାଲ୍ ମିଶିନାରୀ ସିଷ୍ଟରସ୍ ସଂସ୍ଥାରେ ନର୍ସିଂ ତାଲିମ ନେଲେ। ୧୯୫୦ ମସିହାରେ ପୋପଙ୍କ ସମ୍ମତି ପାଇ ଟେରେସା ୧୨ ଜଣ ସିଷ୍ଟରଙ୍କୁ ନେଇ ପ୍ରତିଷ୍ଠା କଲେ 'ମିଶନାରିଜ୍ ଅଫ ଚ୍ୟାରିଟି'। ଏହି ସଂସ୍ଥାର ଲକ୍ଷ୍ୟ ମଣିଷ ସମାଜର ସେବା କରିବା। ୧୯୫୨ ମସିହାରେ ମଦର ଟେରେସା ପ୍ରତିଷ୍ଠା କଲେ 'ନିର୍ମଳ ହୃଦୟ' ସେବାସଦନ। ଏଠାରେ ଚାଲିଲା ମୃତ୍ୟୁ ପଥ ଯାତ୍ରୀମାନଙ୍କ ସେବା ଶୁଶ୍ରୁଷା । ମ୍ୟୁନିସିପାଲିଟିର ଅଧିକାରୀ 'ନିର୍ମଳ ହୃଦୟ' ପ୍ରତିଷ୍ଠାନକୁ ଯୋଗାଇ ଦେଇଥିଲେ ଦୁଇଟି ଡର୍ମିଟାରୀ।

ଜଣେ କାଥଲିକ୍ ନନ୍ କାଳୀ ମନ୍ଦିର ନିକଟରେ ମୁମୂର୍ଷ ଲୋକଙ୍କ ପାଇଁ ଏକ ଆଶ୍ରମ ନିବାସ ଖୋଲିବା, କିଛି ଅସାମାଜିକ ବ୍ୟକ୍ତି ବରଦାସ୍ତ କରିପାରିଲେ ନାହିଁ। ଏକ ପଟୁଆରରେ ଆସି ବିଭିନ୍ନ ଧ୍ୱନି ଦେଇ ପ୍ରତିବାଦ ଆରମ୍ଭ କରିଦେଲେ। ପ୍ରତିବାଦକାରୀମାନେ ମଦର ଟେରେସାଙ୍କର କାଳୀ ରୂପ ଦେଖି ଭୟ କରି ପାଦ ତଳେ ପଡି କ୍ଷମାଭିକ୍ଷାକଲେ। ବହୁ ଲୋକ ସହଯୋଗର ହାତ ବଢାଇଦେଲେ। ମଦର ଟେରେସା ସର୍ବଦା କହୁଥିଲେ ସେ ପ୍ରତ୍ୟେକ ବ୍ୟକ୍ତିଠାରେ ଯିଶୁଙ୍କୁ ଦେଖିଥାଆନ୍ତି। ତେଣୁ ସବୁ କ୍ଷୁଧାର୍ଥ ଓ ରୋଗୀଣା ଲୋକମାନଙ୍କର ସେବା କରିବା ତାଙ୍କର କର୍ତ୍ତବ୍ୟ। 'ନିର୍ମଳ ହୃଦୟ' ସାଙ୍ଗକୁ ସେ ସ୍ଥାପନକଲେ ପ୍ରେମଦାନ ଓ ଶାନ୍ତିନଗର। ଶିଶୁମାନଙ୍କର ସେବା ପାଇଁ ସ୍ଥାପନ କଲେ ଶିଶୁଭବନ। ମଦର ଟେରେସାଙ୍କର ସେବା କରିବାର ପରିକ୍ଷର ଅତି ବ୍ୟାପକ। ଗରିବ, ଦୁଃସ୍ଥ, ବୁଭୁକ୍ଷ, ମାଦକାସକ୍ତ, ଗୃହହୀନ ଓ ଜେଲ୍ ଫେରନ୍ତା କଇଦୀମାନଙ୍କର ସେବା ପୁନର୍ବାସ ପାଇଁ ମଦର ଟେରେସା ଲାଗିପଡିଥିଲେ।

ମଦର ଟେରେସାଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଗଲା। ମଦର ଟେରେସା ତାଙ୍କ ଅସାଧାରଣ ସେବା କାର୍ଯ୍ୟ ପାଇଁ ଅନେକ ସମ୍ମାନ ଓ ପୁରସ୍କାର ପାଇଛନ୍ତି। ୧୯୬୨ ମସିହାରେ ତାଙ୍କୁ ପ୍ରଦାନ କରାଯାଇଥିଲା 'ରାମୋନ୍ ମାଗ୍‌ସେସେ ପୁରସ୍କାର'। ତାହାଛଡା ପଦ୍ମଶ୍ରୀ, 'ପୋପ ଜନ୍ XXIII ଶାନ୍ତି ପୁରସ୍କାର', 'ଗୁଡ ସମରିଟାନ୍ ଆୱାର୍ଡ' 'ଜନ୍ ଏଫ. କେନେଡି ଇଣ୍ଟରନେସନାଲ ପୁରସ୍କାର', 'ଜବାହରଲାଲ୍ ନେହେରୁ ପୁରସ୍କାର', 'ଟେମ୍ପଲ୍‌ଟନ୍ ପୁରସ୍କାର', 'ମେଟେର୍ ଏଟ୍ ମାଜିଷ୍ଟ୍ରା ଆୱାର୍ଡ ଅଫ ଦି ଥାର୍ଡ ଅର୍ଡର ଅଫ୍ ସେଣ୍ଟ ଫ୍ରାନ୍‌ସିସ୍ ଅଫ୍ ଆସିସି' ପୁରସ୍କାର ପାଇଥିଲେ। ତାଙ୍କର ଆଦର୍ଶ ଦୁଃସ୍ଥ ସେବା ହେତୁ ଶାନ୍ତି ପାଇଁ ସେ ୧୯୭୯ ମସିହାରେ ବିଶ୍ୱପ୍ରସିଦ୍ଧ ନୋବେଲ୍ ପୁରସ୍କାର ଲାଭ କଲେ ଓ ତାପରେ ସେ ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତରତ୍ନ' ପାଇଲେ। କଲିକତାରେ ବି.ଏମ. ବିରଳା ହାର୍ଟ ରିସର୍ଚ୍ଚ କେନ୍ଦ୍ରରେ ଚିକିତ୍ସାଧୀନ ଥିବା ସମୟରେ ଆଲବେନିଆର ରାଷ୍ଟ୍ରପତି ସଲିବେରିଶା ୧୯୯୬ ମସିହା ନଭେମ୍ବର ମାସ ୨୭ ତାରଖରେ ମଦର ଟେରେସାଙ୍କୁ 'ଆଲବେନିଆ ସ୍ୱର୍ଣ୍ଣ ସମ୍ମାନ' ପ୍ରଦାନ କରିଥିଲେ। ୧୯୯୬ ମସିହରେ ଆମେରିକା ସରକାର ତାଙ୍କୁ ପ୍ରଦାନ କରିଥିଲେ ସାମ୍ମାନିକ ନାଗରିକତ୍ୱ।

ଏହି ମହିୟସୀ ମହିଳାଙ୍କର ୧୯୯୭ ମସିହା ସେପ୍ଟମ୍ବର ୫ ତାରିଖ ଦିନ ମହାପ୍ରୟାଣ ଘଟିଲା। ଟେରେସାଙ୍କୁ 'ମିଶନାରିଜ୍ ଅଫ ଚାରିଟି 'ର ହେଡକ୍ୱାଟର 'ମଦର ହାଉସକୁ ' ନିଆଯାଇଥିଲା ଓ ସେଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୩ ସେପ୍ଟେମ୍ବର ୨୦୨୫ ବୁଧବାର



**୪୦୦ ବର୍ଷ ପରେ ଲୋହିତ ରକ୍ତ କୋଷିକା ସମ୍ପର୍କରେ ଜଣାପଡ଼ିଲା ଆଶ୍ଚର୍ଯ୍ୟ ଜନକ ତଥ୍ୟ**

# ପ୍ଲେଟଲେଟ୍ ବିନା ରକ୍ତ ଜମାଟ ବାନ୍ଧିବ

୪୦୦ ବର୍ଷ ତଳେ ଲୋହିତ ରକ୍ତ କୋଷିକାର ଆବିଷ୍କାର ପରେ ସମ୍ପ୍ରତି ଏହା ଉପରେ ହୋଇଥିବା ଏକ ଗବେଷଣା ବୈଜ୍ଞାନିକମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ପେନସିଲଭାନିଆ ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଆପ୍ଲାଏଡ୍ ସାଇନ୍ସ ରେ ଗବେଷକଙ୍କ ଦ୍ୱାରା ହୋଇଥିବା ନୂତନ ଗବେଷଣାରୁ ଜଣାପଡିଛି ଯେ, ରକ୍ତ ଜମାଟ ବାନ୍ଧିବା ପାଇଁ ଲୋହିତ ରକ୍ତ କୋଷିକା ଏକ ଅପ୍ରତ୍ୟାଶିତ ସକ୍ରିୟ ଭୂମିକା ଗ୍ରହଣ କରିଥାଏ। ଏହା ଏକ ଆବିଷ୍କାର ଯାହା ଜମାଟ ବାନ୍ଧିବା ସମ୍ବନ୍ଧୀୟ ରୋଗଗୁଡ଼ିକର ସ୍ୱାସ୍ଥ୍ୟ ବିଜ୍ଞାନୀଙ୍କ ଦୃଷ୍ଟିକୋଣକୁ ପରିବର୍ତ୍ତନ କରିପାରେ। ପେନ୍ ଗବେଷକମାନେ ପ୍ରକାଶ କରିଛନ୍ତି ଯେ, କେବଳ ପ୍ଲେଟଲେଟ୍ ନୁହେଁ, ଲୋହିତ ରକ୍ତ କୋଷିକା ଜମାଟ ସଙ୍କୋଚନରେ ମଧ୍ୟ ସକ୍ରିୟ ଭୂମିକା ଗ୍ରହଣ କରିଥାଏ।

ବର୍ଷ ବର୍ଷ ଧରି, ବୈଜ୍ଞାନିକମାନେ ବିଶ୍ୱାସ କରୁଥିଲେ ଯେ ଲୋହିତ ରକ୍ତ କୋଷଗୁଡ଼ିକ ଜମାଟ ଗଠନ ସମୟରେ ଅଧିକ କିଛି ନକରି କେବଳ ଏକତ୍ରିତ ହୋଇ କ୍ଷତ ସ୍ଥାନରେ ରହିଥାନ୍ତି। ପେନସିଲଭାନିଆ ବିଶ୍ୱବିଦ୍ୟାଳୟର ଏକ ନୂତନ ଅଧ୍ୟୟନ ଏବେ ଦର୍ଶାଉଛି ଯେ, ଲୋହିତ ରକ୍ତ କୋଷିକା ଜମାଟକୁ ଶକ୍ତ ଏବଂ ସଙ୍କୁଚିତ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିଥାଏ। ପେରେଲମ୍ୟାନ୍ ସ୍କୁଲ୍ ଅଫ୍ ମେଡିସିନ୍‌ର ଜଣେ ବରିଷ୍ଠ ଗବେଷକ ଏବଂ ଅଧ୍ୟୟନର ସହ-ଲେଖକ ରୁଷ୍ଟେମ୍ ଲିଟଭିନୋଭ୍ କହିଛନ୍ତି, ଏହି ଆବିଷ୍କାର ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାଗୁଡ଼ିକ ମଧ୍ୟରୁ ଗୋଟିଏ। ଲୋହିତ ରକ୍ତ କୋଷିକାର ଏହି ଅନନ୍ୟ ଗୁଣ ଅତ୍ୟଧିକ ରକ୍ତସ୍ରାବ କିମ୍ବା ବିପଦଜନକ ଜମାଟ ବାନ୍ଧିବା କାରଣରୁ ହେଉଥିବା ଜମାଟ ବାନ୍ଧିବା ବ୍ୟାଧିର ଅଧ୍ୟୟନ ଏବଂ ସମ୍ଭାବ୍ୟ ଚିକିତ୍ସା ପାଇଁ ନୂତନ ପଥ ପ୍ରଦର୍ଶନ କରିବାର ଆଶା ରହିଛି। ଷ୍ଟ୍ରୋକ ଚିକିତ୍ସାରେ ମଧ୍ୟ ନୂତନ ଆଶାର ସମ୍ଭାବନା ରହିଛି। ୧୭ ଶତାବ୍ଦୀରୁ ଲୋହିତ ରକ୍ତ କୋଷିକା ଉପରେ ଅଧ୍ୟୟନ କରାଯାଉଛି,ପେନ୍ ଇଞ୍ଜିନିୟରିଂର ମେକାନିକାଲ୍ ଇଞ୍ଜିନିୟରିଂ ଏବଂ ଆପ୍ଲାଏଡ୍ ମେକାନିକ୍ସର ପ୍ରଫେସର ସହ-ଲେଖକ ପ୍ରଶାନ୍ତ ପୁରୋହିତ କହିଛନ୍ତି, ଆଶ୍ଚର୍ଯ୍ୟଜନକ ତଥ୍ୟ ହେଉଛି ଯେ, ଆମେ ୨୧ ଶତାବ୍ଦୀରେ ମଧ୍ୟ ଲୋହିତ ରକ୍ତ କୋଷିକା ବିଷୟରେ ନୂଆ ତଥ୍ୟ ଖୋଜି ପାଉଛୁ। ଏପର୍ଯ୍ୟନ୍ତ, ଗବେଷକମାନେ ଭାବୁଥିଲେ ଯେ, କେବଳ ପ୍ଲେଟଲେଟ୍ ଜମାଟ ସଙ୍କୋଚନ କରି କ୍ଷୁଦ୍ର କୋଷିକା ଖଣ୍ଡଗୁଡ଼ିକର ଜମାଟକୁ ଦୃଢ଼ ଏବଂ ସ୍ଥିର କରିବା ପାଇଁ ପ୍ରୋଟିନ୍ ଫାଇବ୍ରିନରକୁ ଦଉଡ଼ି ଭଳି ବ୍ୟବହାର କରି କ୍ଷତକୁ ବନ୍ଦ କରିବା କାର୍ଯ୍ୟ ଲୋହିତ ରକ୍ତ କୋଷିକା କରିଥାଏ। ଗବେଷକ ୱେଇସେଲ ଏବଂ ଲିଟଭିନୋଭ ଏକ ପରୀକ୍ଷା କରିଥିଲେ ଯାହା ବିଫଳ ହେବ ବୋଲି ସେମାନେ ଆଶା କରିଥିଲେ। ସେମାନେ ପ୍ଲେଟଲେଟ ବିନା ରକ୍ତ ଜମାଟ କରିବାର ପ୍ରୟାସ କରିଥିଲେ। ସେମାନଙ୍କର ଫଳାଫଳଗୁଡ଼ିକୁ ଦୁଇଥର ଯାଞ୍ଚ କରିବା ପାଇଁ, ଦଳ ପ୍ଲେଟଲେଟ୍ କାର୍ଯ୍ୟକଳାପକୁ ଅବରୋଧ କରିବା ପାଇଁ ରାସାୟନିକ ଦ୍ରବ୍ୟ ସହିତ ପ୍ରକ୍ରିୟାକରଣ କରାଯାଇଥିବା ନିୟମିତ ରକ୍ତ ବ୍ୟବହାର କରି ପରୀକ୍ଷଣକୁ ପୁଣି ଥରେ କରିଥିଲେ।।

# ପ୍ରତିଦିନ ଖାଆନ୍ତୁ ସେଓ



ସେଓରେ ଭିଟାମିନ, ମିନେରାଲ, ଫାଇବର, ଭିଟାମିନ ସି, ଭିଟାମିନ ବି୬, ପୋଟାସିୟମ, ଫରଫରସ୍, କପର ଓ ଫାଇବର ଭରପୂର ମାତ୍ରାରେ ଥାଏ । ଆଉ ଏଥିପାଇଁ ସୁସ୍ଥ ଶରୀର ପାଇଁ ପ୍ରତ୍ୟେକ ଦିନ ଗୋଟିଏ ସେଓ ଖାଇବା ପାଇଁ ଡାକ୍ତରମାନେ ପରାମର୍ଶ ଦିଅନ୍ତି । ତେବେ ଆସନ୍ତୁ ଜାଣିବା ସେଓ ଖାଇଲେ ଶରୀରକୁ କ'ଣ ସବୁ ଫାଇଦା ମିଳିଥାଏ ।

**ମାରାତ୍ମକ ରୋଗରୁ ରକ୍ଷା:** ନିୟମିତ ସେଓ ଖାଇଲେ ଶରୀରକୁ ଜରୁରୀ ଭିଟାମିନ, ମିନେରାଲ ଓ ଆଣ୍ଟିଅକ୍ସିଡାଣ୍ଟ ମିଳିଥାଏ। ଏହା କ୍ୟାନ୍ସର, ହୃଦରୋଗ, ଆସ୍ଥମା, ଟାଇପ୍-୨ ଡାଇବେଟିସ ଭଳି ଗମ୍ଭୀର ରୋଗରୁ ସୁରକ୍ଷା ଦେବାରେ ସାହାଯ୍ୟ କରିପାରେ । ସେଓରେ କ୍ୟାନ୍ସର ବିରୋଧୀ ଗୁଣ ରହିଛି । ଭିଟାମିନ ସି ଓ ପୋଟାସିୟମ ହୃଦୟ ସହ ଜଡିତ ସମସ୍ୟା ଦୂର କରିଥାଏ।

**ଓଜନ ନିୟନ୍ତ୍ରଣ:** ଓଜନ କମାଇବାକୁ ଚାହୁଁଥିବା ଲୋକେ ପ୍ରତିଦିନ ସେଓ ଖାଇବା ଭଲ । ସେଓ ଅଧିକ ପରିମାଣରେ ଫାଇବର ଓ ଜଳ ରହିଥାଏ । ଏହାକୁ ଖାଇଲେ ଭୋକ ନିୟନ୍ତ୍ରଣ ରହେ ଏବଂ ଅଧିକ ସମୟ ପର୍ଯ୍ୟନ୍ତ ଭୋକ ଲାଗେନି ଯାହାକି ଆମର ଓଜନ ନିୟନ୍ତ୍ରଣରେ ସହାୟକ ହୁଏ ।

**ଦାନ୍ତ ଓ ହାଡ ସୁଦୃଢ:** ସେଓ ଚୋବାଇ ଖାଇବା ଦ୍ୱାରା ପାଟିରେ ଲାଳ ଉତ୍ପାଦନ ବଢିଥାଏ । ଯାହାଫଳରେ ପାଟିରେ ବ୍ୟାକ୍ଟେରିଆ କମ୍ ହୁଏ ଓ ଦାନ୍ତ ସୁସ୍ଥ ରହିଥାଏ । ସେହିପରି ଏଥିରେ ଥିବା ବୋରନ ନାମକ ଯୌଗିକ ହାଡକୁ ମଜଭୁତ କରିବାରେ ସହାୟକ ହୁଏ ।

**ପେଟ ପାଇଁ ଭଲ:** ସେଓରେ ପେକଟିନ ଥାଏ । ଏହା ଏକ ପ୍ରକାରର ଫାଇବର ଯାହା ଆପଣଙ୍କ ଗଟ୍ ମାଇକ୍ରୋବିଓମରେ ପ୍ରିବାୟୋଟିକ ଭଳି କାମ କରେ ଓ ଗଟ୍ ସ୍ୱାସ୍ଥ୍ୟ ଠିକ୍ ରଖେ। ଏହା ପେଟରେ ଭଲ ବ୍ୟାକ୍ଟେରିଆ ସୃଷ୍ଟି କରେ । ଫଳରେ କ୍ରନିକ ରୋଗଗୁଡିକରୁ ରକ୍ଷା କରିବାରେ ସାହାଯ୍ୟ ମିଳିଥାଏ ।

**ବ୍ଲଡସୁଗାର:** ଏକ ଅଧ୍ୟୟନ ଅନୁସାରେ, ଦିନକୁ ଗୋଟିଏ ସେଓ ଖାଉଥିବା ଲୋକଙ୍କୁ ସେଓ ଖାଉନଥିବା ଲୋକଙ୍କ ତୁଳନାରେ ଟାଇପ୍-୨ ଡାଇବେଟିସ ହେବାର ଆଶଙ୍କା ୨୮ ପ୍ରତିଶତ କମ୍ ଥାଏ । ଏଥିରେ ଥିବା ସୋଲୁବଲ ଫାଇବର ବ୍ଲଡସୁଗାର ନିୟନ୍ତ୍ରଣରେ ସାହାଯ୍ୟ କରେ ।

**କୋଲେଷ୍ଟ୍ରଲ ଓ ବ୍ଲଡପ୍ରେସର:** ସେଓ କୋଲେଷ୍ଟ୍ରଲ ନିୟନ୍ତ୍ରଣରେ ମଧ୍ୟ ସହାୟକ। ଏଥିରେ ଥିବା ଫାଇବର, ପୋଟାସିୟମ, ଆଣ୍ଟିଅକ୍ସିଡାଣ୍ଟ ହୃଦୟକୁ ସୁସ୍ଥ ରଖେ । କୋଲେଷ୍ଟ୍ରଲ ସ୍ତର କମ୍ କରିଥାଏ ଓ ରକ୍ତଚାପ ନିୟନ୍ତ୍ରିତ ରଖିଥାଏ । ଯେଉଁଥିପାଇଁ ହୃଦରୋଗ ହେବାର ବିପଦ କମିଯାଏ ।

## ପୁରୁଷଙ୍କ ତୁଳନାରେ ମହିଳାଙ୍କୁ ଅଧିକ ଥଣ୍ଡା ଲାଗେ

ଶୀତ ଆରମ୍ଭ ହୋଇଗଲାଣି । ଧିରେ ଧିରେ ଶୀତ ବଢିବାରେ ଲାଗିଛି । କିନ୍ତୁ କେବେ ଲକ୍ଷ୍ୟ କରିଛନ୍ତି କି ଥଣ୍ଡାର ପ୍ରଭାବ ପୁରୁଷଙ୍କ ତୁଳନାରେ ମହିଳାଙ୍କୁ ଅଧିକ ଅନୁଭବ ହୋଇଥାଏ । ଚାଲନ୍ତୁ ଜାଣିବା ଏହା ପଛରେ ଥିବା କାରଣ ବିଷୟରେ କଣ କହୁଛନ୍ତି ନ୍ୟୁରୋଲୋଜିଷ୍ଟ ।

**କାହିଁକି ଲାଗେ ଅଧିକ ଥଣ୍ଡା**

ପ୍ରଥମତଃ, ପୁରୁଷଙ୍କ ତୁଳନାରେ ମହିଳାଙ୍କ ଶରୀରର ଚର୍ବି କମ୍ ରହିଥାଏ । ମାଂସପେଶୀ ଶରୀରରେ ଗରମ ସୃଷ୍ଟି କରିବାର ପ୍ରମୁଖ ସ୍ରୋତ । ପୁରୁଷଙ୍କ ତୁଳନାରେ ମହିଳାଙ୍କଠାରେ କମ୍ ମାଂସପେଶୀ ରହିଥିବା କାରଣରୁ ସେମାନଙ୍କ ଅଧିକ ଥଣ୍ଡା ଲାଗିଥାଏ । ଦ୍ୱିତୀୟତଃ, କମ୍ ମେଟାବଲିକ୍ ହାର । ମେଟାବଲିଜିମ୍ ଅର୍ଥାତ୍ ଶରୀରର ଶକ୍ତି ଖର୍ଚ୍ଚ କରିବାର ପ୍ରକ୍ରିୟା । ଏହା ଶରୀରର କ୍ୟାଲୋରୀକୁ ଶକ୍ତିରେ ପରିବର୍ତ୍ତିତ କରିଥାଏ । କାରଣ ମହିଳାମାନଙ୍କଠାରେ କମ୍ ମାଂସପେଶୀ ରହିଥିବା କାରଣରୁ କ୍ୟାଲୋରୀ ବର୍ଣ୍ଣ କରିବାର କ୍ଷମତା କମ୍ ରହିଥାଏ । ତେଣୁ ମେଟାବଲିଜିମ୍ ହାର କମ୍ ରହିବା ସହ ଶରୀରରେ କମ୍ ଗରମ ଅନୁଭୂତ ହୁଏ । ଫଳରେ ଅଧିକ ଥଣ୍ଡା ଲାଗିଥାଏ । ତୃତୀୟତଃ, ହରମୋନାଲ୍ ପ୍ରଭାବ । ମହିଳାଙ୍କ ଶରୀରରେ ପ୍ରୋଜେଷ୍ଟେରନ୍ ହରମୋନ୍‌ର ମାତ୍ରା ଅଧିକ ରହିଥାଏ । ଏହା ଶରୀରର ରକ୍ତବାହିକାକୁ ସଙ୍କୁଚିତ କରିଥାଏ, ଯାହାଦ୍ୱାରା ହିଟ୍ ଲସ୍ ହୋଇଥାଏ । ତେଣୁ ସେମାନଙ୍କୁ ଅଧିକ ଥଣ୍ଡା ଅନୁଭୂତ ହୁଏ ।

# ଏପିଲେପ୍ସି ରୋଗର କାରଣ ଏବଂ ଲକ୍ଷଣ ବାରମ୍ବାର ମୂର୍ଚ୍ଛା ହେବା ସହ ପାଟିରୁ ଫେଣ ବାହାରେ

ଅପସ୍ମାର ବା ଏପିଲେପ୍ସି ରୋଗ ମସ୍ତିଷ୍କରେ ଥିବା ସ୍ନାୟୁ କୋଷରେ ଅତ୍ୟଧିକ ବୈଦ୍ୟୁତିକ ପ୍ରବାହ ସୃଷ୍ଟି କରିଥାଏ। ଏଥିରେ ଆକ୍ରାନ୍ତ ଲୋକ ବାରମ୍ବାର ମୂର୍ଚ୍ଛା ହେବା ସହ ପାଟିରୁ ଫେଣ ବାହାରେ । ଆପେ ଆପେ ପରିସ୍ରା ହୋଇଯାଏ । ଜିଭ କାମୁଡ଼ି ପକାଇବାରୁ କ୍ଷତ ବି ହୋଇଥାଏ। କେତେକ ଲୋକଙ୍କ ଶରୀରର ଏକ ନିର୍ଦ୍ଦିଷ୍ଟ ଅଙ୍ଗରେ ଫିଟ୍ସ୍ ବା ବାତ ମାରିବା ଦେଖା ଦେଇଥାଏ । ଏହାକୁ ଫୋକାଲ୍ ସିଜର ବୋଲି କୁହାଯାଏ । ପିଲାମାନଙ୍କଠାରେ ଏହି ରୋଗ ଦେଖାଦେଲେ ଅନ୍ୟମନସ୍କତା ଓ ଶୂନ୍ୟକୁ ଚାହିଁ ରହିବା ଭଳି ଲକ୍ଷଣ ପ୍ରକାଶ ପାଏ । ଏହାକୁ ଆବସେନ୍ସ ସିଜର କହନ୍ତି।



**କାରଣ**

ଏପିଲେପ୍ସିର କୌଣସି ସ୍ପଷ୍ଟ କାରଣ ଅଧିକାଂଶ ଆକ୍ରାନ୍ତଙ୍କ କ୍ଷେତ୍ରରେ ନଥାଏ। ମୁଖ୍ୟତଃ ଏହା ଏକ ଜେନେଟିକ୍ ରୋଗ । କେତେକ କ୍ଷେତ୍ରରେ ମୁଣ୍ଡରେ ଆଘାତ (ବ୍ରେନ୍ ଷ୍ଟ୍ରୋକ୍), ଟ୍ୟୁମର, ମେନିନ୍‌ଜାଇଟିସ୍, ଏନ୍‌ସିଫାଲାଇଟିସ୍ ଓ ନିୟମିତ ଅତ୍ୟଧିକ ନିଶା ସେବନ ଯୋଗୁଁ ମଧ୍ୟ ଏ ରୋଗ ଦେଖା ଦେଇଥାଏ । ସେହିପରି ଛୋଟ ପିଲାଙ୍କ ମସ୍ତିଷ୍କରେ କୌଣସି କ୍ଷତ ସୃଷ୍ଟି ହେବାରୁ ସେମାନେ ଏପିଲେପ୍ସି (ଅପସ୍ମାର)ରେ ଆକ୍ରାନ୍ତ ହୋଇଥାନ୍ତି । ଅପସ୍ମାର ଆକ୍ରାନ୍ତଙ୍କ ପାଇଁ ଗାଡ଼ି ଚାଳନା, ସନ୍ତରଣ ଓ ନିଆଁ ପାଖରେ କାମ କରିବା ମନା । କାରଣ ଗାଡ଼ି ଚଳାଇବା ସମୟରେ ଅଚାନକ ଦୁର୍ଘଟଣା ଆଶଙ୍କା ଥାଏ । ସେହିପରି ନଦୀ, ନାଳ, ପୋଖରୀରେ ସନ୍ତରଣ କରୁଥିଲେ ପାଣିରେ ବୁଡ଼ିଯିବା ସହ ନିଆଁ ପାଖରେ କାମ କରିବା ମଧ୍ୟରେ ପୋଡ଼ି ହେବାର ଆଶଙ୍କା ରହିଛି । ଏହି ସମୟରେ ବେଶି ସମୟ ଧରି ବାତ ମାରିଲେ ପାଟିରୁ ଅତ୍ୟଧିକ ନାଳ ଓ ଫେଣ ବାହାରି ଶ୍ୱାସନଳୀକୁ ରୁଦ୍ଧ କରିଥାଏ । ଫଳରେ ଶ୍ୱାସରୁଦ୍ଧ ହୋଇ ମଧ୍ୟ ଆକସ୍ମିକ ମୃତ୍ୟୁ ଘଟେ ।

**ପ୍ରକାରଭେଦ ଅନୁସାରେ ଚିକିତ୍ସା**

ଏହି ରୋଗର ଚିକିତ୍ସାରେ ଆଦୌ ଅବହେଳା କରିବେ ନାହିଁ । ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ସେବନ କରିବା ନିତାନ୍ତ ଆବଶ୍ୟକ । ଏଥିଲାଗି ଫେନିଟୋଇନ୍, ଭାଲପ୍ରୋଏଟ୍, ଲେଭେଟିରାସିଟାମ୍ ଆଦି ଅନେକ ଔଷଧ ସେବନ ଆବଶ୍ୟକ ପଡ଼ିଥାଏ । ସେହିପରି କୋସାମାଇଡ୍ ଓ ପେରାମ୍ପାନେଲ୍ ଆଦି ଅନେକ ନୂଆ ଔଷଧ ଏବେ ଉପଲବ୍ଧ ହେଲାଣି । ଯେଉଁ ଆକ୍ରାନ୍ତଙ୍କ ଶରୀରରେ ଔଷଧ କାମ କରେନାହିଁ, ଅତ୍ୟାଧୁନିକ ଚିକିତ୍ସା ପ୍ରଣାଳୀରେ ସୂକ୍ଷ୍ମ ଅପରେସନ୍ କରିବା ଲାଗି ସୁଯୋଗ ରହିଛି । ଏହି ରୋଗରେ ଆକ୍ରାନ୍ତ ଲୋକେ ନିଦ୍ରାହୀନତାରୁ ଦୂରେଇ ରହିବା ସହ ଅଧିକ ସମୟ ମୋବାଇଲ୍ ଓ ଟିଭି ଦେଖିବା ଉଚିତ ନୁହେଁ । ନିଶା ସେବନରୁ ସମ୍ପୂର୍ଣ୍ଣ ନିବୃତ୍ତ ରହିବେ । ଅନ୍ୟର ପ୍ରରୋଚନାରେ ପଡ଼ି ଅପସ୍ମାର ରୋଗୀଙ୍କୁ ଝଡ଼ାଫୁଙ୍କା, ପୂଜାପାଠ, ନାକରେ ଚପଲ ଶୁଙ୍ଘାଇବା ଅନୁଚିତ। ଏସବୁ କରିବା ଦ୍ୱାରା କିଛି ସୁଫଳ ମିଳିନଥାଏ। ନିୟମିତ ବ୍ୟବଧାନରେ ସ୍ନାୟୁ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଔଷଧ ସେବନ କଲେ ଆକ୍ରାନ୍ତ ଲୋକେ ବିପଦମୁକ୍ତ ହେବା ସହ ସାଧାରଣ ଜୀବନଯାପନ କରିପାରିବେ ।

# ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ର



ପୃଥିବୀ କକ୍ଷରେ ରହି ଏହାକୁ ପରିକ୍ରମଣ କରୁଥିବା ଏକ କୃତ୍ରିମ ସଂରଚନା ହେଉଛି ଅନ୍ତରୀକ୍ଷ କେନ୍ଦ୍ର। ଏଥିରେ ଅନେକ ଦିନ ପର୍ଯ୍ୟନ୍ତ ରହି ମହାକାଶଚାରୀମାନେ ଗବେଷଣା କରବା ପାଇଁ ଏହାକୁ ଡିଜାଇନ୍ କରାଯାଇଛି। ଏହାକୁ ଚାପରେ ରଖାଯାଇଥାଏ ଏବଂ ମହାକାଶଚାରୀମାନଙ୍କର ଆବଶ୍ୟକ ଜଳ, ଖାଦ୍ୟ ଓ ଅମ୍ଳଜାନକୁ ପୃଥିବୀରୁ ନିୟମିତ ବ୍ୟବଧାନରେ ପଠାଯାଏ।

ମହାକାଶ ଯାନରେ ଅନ୍ତରୀକ୍ଷକୁ ଯାଇ ବିଭିନ୍ନ ପରୀକ୍ଷା କରି ଅଳ୍ପ ଦିନ ପରେ ମହାକାଶଚାରୀମାନେ ପୃଥିବୀକୁ ଫେରି ଆସୁଥିଲେ। ମହାକାଶରେ ଏକ ପରୀକ୍ଷାଗାର ସ୍ଥାପନ କରି ସେଠାରେ ନିରନ୍ତର ପରୀକ୍ଷା ଓ ଗବେଷଣା କରିବା ପାଇଁ ଉଭୟ ସୋଭିଏତ ରୁଷ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଚେଷ୍ଟା କଲେ। କିନ୍ତୁ ରୁଷ୍ ୧୮୭୧ ଏପ୍ରିଲ ୧୯ ତାରିଖରେ ପ୍ରଥମ ଅନ୍ତରୀକ୍ଷ କେନ୍ଦ୍ର 'ସାଲ୍ୟୁଟ-୧'କୁ ଉତ୍କ୍ଷେପଣ କରିଥିଲା। ଏଥିରେ ଗୋଟିଏ ପର୍ଯ୍ୟବେକ୍ଷଣାଗାର ଥିଲା। ସାଲ୍ୟୁଟ-୧ର ଓଜନ ୧୮୪୨୫ କିଗ୍ରା ଏବଂ ଦୈର୍ଘ୍ୟ ଓ ବ୍ୟାସ ଯଥାକ୍ରମେ ୧୫.୮ ମିଟର ଏବଂ ୪.୫ ମିଟର ଥିଲା। ଏହା ପାଖକୁ ମାତ୍ର ଦୁଇଥର ମହାକାଶଚାରୀ ଯାଇଥିଲେ। ପ୍ରଥମ ଥର ତିନି ଜଣ ଯାଇଥିଲେ ମାତ୍ର ଡିଜାଇନ୍‌ରେ ତ୍ରୁଟି ଥିବାରୁ ସେମାନଙ୍କର ଯାନ କେନ୍ଦ୍ର ସହିତ ସଂଯୋଗ ହୋଇପାରିଲା ନାହିଁ। ଏଥିପାଇଁ ସେମାନେ ଫେରି ଆସିଲେ। ତ୍ରୁଟି ସୁଧାରିବା ପରେ ଅନ୍ୟ ତିନି ଜଣ ମହାକାଶଚାରୀ ସେଠାରେ ୨୩ ଦିନ ରହି ଫେରିଥିଲେ। ମାତ୍ର ଦୁଃଖର ବିଷୟ ଯେ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିବା ବେଳେ ଗୋଟିଏ ଭାଲ୍‌ଭ ଠିକ୍ ଭାବେ କାମ ନ କରିବାରୁ ତିନି ଜଣ ମହାକାଶଚାରୀ ତା' ଭିତରେ ମୃତ୍ୟୁବରଣ କରିଥିଲେ। ଏହାପରେ ରୁଷ୍ ୧୯୭୪ ଏବଂ ୧୯୮୨ ମସିହା ମଧ୍ୟରେ ଆଉ ଛଅଟି ଅନ୍ତରୀକ୍ଷ କେନ୍ଦ୍ର ପଠାଇଥିଲା। ସାଲ୍ୟୁଟ-୬ ଏବଂ ସାଲ୍ୟୁଟ-୭ରେ ମହାକାଶଚାରୀମାନେ ତିନି ମାସରୁ ଅଧିକ ସମୟ ଥିଲେ।

ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଥମ ଅନ୍ତରୀକ୍ଷ କେନ୍ଦ୍ର ଥିଲା ସ୍କାଏଲାବ। ଏହାକୁ ୧୯୭୩ରେ ଉତ୍କ୍ଷେପଣ କରାଯାଇଥିଲା। ଏହାର ଓଜନ ୯୧ ଟନ୍ ଥିଲା ଏବଂ ଆପୋଲୋ ଯାନ ସାହାଯ୍ୟରେ ଖାଦ୍ୟ ଓ ମହାକାଶଚାରୀମାନେ ଏଠାକୁ ଆସୁଥିଲେ। ଏଠାକୁ ତିନି ଥର ମହାକାଶଚାରୀମାନେ ଯାଇଥିଲେ ଏବଂ ପ୍ରତ୍ୟେକ ଥରରେ ତିନି ଜଣ ମହାକାଶଚାରୀ ଥିଲେ। ଏହା ୧୯୭୯ ମସିହାରେ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରି ଧ୍ୱଂସ ହୋଇଯାଇଥିଲା।

ସୋଭିଏତ ରୁଷ୍ ୧୯୮୬ ମସିହାରେ ମିର ଅନ୍ତରୀକ୍ଷ କେନ୍ଦ୍ରକୁ ଉତକ୍ଷେପଣ କରିଥିଲା। ଏଠାରେ ମହାକାଶଚାରୀମାନେ ଏକ ବର୍ଷରୁ ଅଧିକ ସମୟ ରହିଥିଲେ। ୧୯୯୧ ମସିହାରେ ସୋଭିଏତ୍ ରୁଷ ଭାଗ ହୋଇଯିବା ପରେ ଏହା ରୁଷିଆ ନିୟନ୍ତ୍ରଣକୁ ଆସିଲା। ମାତ୍ର ଏଥିପାଇଁ ଆବଶ୍ୟକ ଅର୍ଥାଭାବ ଦେଖାଦେବାରୁ ଏହାକୁ ଆମେରିକା ବ୍ୟବହାର କରିବା ପାଇଁ ଅନୁମତି ଦିଆଗଲା। ଉଭୟ ଦେଶର ମିଳିତ ଅଭିଯାନ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର ନିର୍ମାଣ ପାଇଁ ପ୍ରେରଣା ଦେଲା। ଏଥିରେ କିଛି ତ୍ରୁଟି ଦେଖାଯିବା ପରେ ଏହାକୁ ୨୦୦୧ ମସିହାରେ ପୃଥିବୀର ବାୟୁମଣ୍ଡଳକୁ ଖସାଇ ଧ୍ୱଂସ କରିଦିଆଗଲା।

ଏବେ ୨୫ ଦେଶର ମିଳିତ ଉଦ୍ୟୋଗରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର କାର୍ଯ୍ୟ କରୁଛି। ଅବଶ୍ୟ ଏଥିମଧ୍ୟରେ ଭାରତ ନାହିଁ। ଏଥିପାଇଁ ୧୫୦୦୦ କୋଟି ଡଲାର ଖର୍ଚ୍ଚ ହୋଇଛି। ୧୯୯୮ ମସିହାରେ ଏହାର ପ୍ରଥମ ମଡ୍ୟୁଲକୁ ଉତ୍କ୍ଷେପଣ କରାଯାଇଥିଲା ଏବଂ ୨୦୦୦ ମସିହାରୁ ଏଠାରେ ମହାକାଶଚାରୀମାନେ ଅନବରତ ରହି ଗବେଷଣା କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୨୨ଟି ଦେଶରୁ ୨୮୬ ଜଣ ବ୍ୟକ୍ତି ଏଠାକୁ ଯାଇଛନ୍ତି। ଏହା ୨୦୩୦ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିବା ପାଇଁ ଯୋଜନା କରାଯାଇଛି। ଚାଇନା ୨୦୨୧ ମସିହାରେ ନିଜର ମହାକାଶ କେନ୍ଦ୍ର 'ତିଆଙ୍ଗୋଙ୍ଗ'କୁ ମହାକାଶକୁ ଉତ୍କ୍ଷେପଣ କରିଛି ଏବଂ ୨୦୨୨ ମସିହା ଅକ୍ଟୋବରରେ ଏହାକୁ ପ୍ରଥମ ମହାକାଶଚାରୀ ଯାଇ ରହିଛନ୍ତି। ଏହିପରି ବର୍ତ୍ତମାନ କେବଳ ଦୁଇଟି ଅନ୍ତରୀକ୍ଷ କେନ୍ଦ୍ର-ଅନ୍ତରୀକ୍ଷ ମହାକାଶ କେନ୍ଦ୍ର ଏବଂ ତିଆଙ୍ଗୋଙ୍ଗ କାର୍ଯ୍ୟରତ ଅଛି।

ଆମ ଦେଶ ଭାରତ ମହାକାଶ ଅଭିଯାନରେ ଅନେକ କୃତିତ୍ୱ ହାସଲ କରିଛି। ଚନ୍ଦ୍ରପୃଷ୍ଠରେ ଯାନ ଅବତରଣ, ମଙ୍ଗଳ କକ୍ଷରେ ମହାକାଶ ଯାନ ଏବଂ ସୂର୍ଯ୍ୟ ସନ୍ଧାନରେ ମହାକାଶ ଯାନ ପ୍ରେରଣ ହେଉଛି ଏହାର କେତେଗୁଡିଏ କୃତୀ। ଭାରତ ୨୦୨୫ ମସିହାରେ ଗଗନଯାନରେ ମହାକାଶକୁ ନିଜର ମହାକାଶଚାରୀ ପଠାଇବା ପାଇଁ ପ୍ରସ୍ତୁତି ଚଳାଇଛି। ଏହି ପରିପ୍ରେକ୍ଷୀରେ ଭାରତ ନିଜର ଗୋଟିଏ ଅନ୍ତରୀକ୍ଷ କେନ୍ଦ୍ର ସ୍ଥାପନ କରିବା ପାଇଁ ଯୋଜନା କରିଛି। କେନ୍ଦ୍ର ସରକାର ଏହି ବର୍ଷ ସେପ୍ଟେମ୍ବରରେ ଏହି ଯୋଜନାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହାର ନାମ ରଖାଯାଇଛି 'ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ର'। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଏହାକୁ ଗଗନଯାନ କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ବିବେଚନା କରୁଛି। ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ରକୁ ୨୦୩୫ ମସିହା ସୁଦ୍ଧା କାର୍ଯ୍ୟକାରୀ କରିବା ପାଇଁ ଇସ୍ରୋ ଘୋଷଣା କରିଛି। ଏହାର ପ୍ରଥମ ମଡ୍ୟୁଲକୁ ୨୦୨୮ ସୁଦ୍ଧା ପଠାଯିବ। ଏହାର ଓଜନ ୫୨ ଟନ୍ ହେବ ଏବଂ ଏହାକୁ ଭୂପୃଷ୍ଠରୁ ୪୦୦ରୁ ୪୫୦ କିମି ଉଚ୍ଚତା ମଧ୍ୟରେ ଅବସ୍ଥାପିତ କରାଯିବ। ପାଞ୍ଚଟି ମଡ୍ୟୁଲରେ ଏହି କେନ୍ଦ୍ର ନିର୍ମିତ ହେବ ଏବଂ ଏହାର ମୋଟ ଦୈର୍ଘ୍ୟ ଓ ପ୍ରସ୍ଥ ଯଥାକ୍ରମେ ୨୭ ମିଟର ଏବଂ ୨୦ ମିଟର ରହିବ। ଏହା ମଧ୍ୟରେ ଚାରି ଜଣ ମହାକାଶଚାରୀ ଏକାଦିକ୍ରମେ ୩-୪ ମାସ ପର୍ଯ୍ୟନ୍ତ ରହି ଗବେଷଣା କରିପାରିବା ଭଳି ଏହାକୁ ଡିଜାଇନ୍ କରାଯାଇଛି। ସୌର ଫଳକ ସାହାଯ୍ୟରେ ଏହା ଆବଶ୍ୟକ ଶକ୍ତି ପାଇବ। ଆଶାକରାଯାଉଛି, ଉଲ୍ଲେଖନୀୟ କ୍ଷେତ୍ରରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବିକାଶରେ ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ର ସହାୟତା କରିବ। ଅତିକମ ମାଧ୍ୟାକର୍ଷଣରେ ଗବେଷଣା କରି ଭାରତୀୟ ମହାକାଶଚାରୀମାନେ ସଫଳତା ଲାଭ କରିବାର ଅନେକ ସମ୍ଭାବନା ରହିଛି। ଏହି କେନ୍ଦ୍ର ଇସ୍ରୋ ଖ୍ୟାତିକୁ ଆହୁରି ବୃଦ୍ଧି କରିବ।

## ଯୁବଗୋଷ୍ଠୀଙ୍କୁ ଅଧିକ କ୍ୟାନ୍ସର ବିପଦ



କ୍ୟାନ୍ସର ଏବେ ଏକ ବଡ ସ୍ୱାସ୍ଥ୍ୟଗତ ସମସ୍ୟା ଭାବେ ଉଭା ହୋଇଛି । ବୟସ ବଢିବା ସହିତ କ୍ୟାନ୍ସର ବିପଦ ବଢିବାକୁ ଲାଗିଛି । ବୟସ ବଢିବା ପରେ ଇମ୍ୟୁନିଟି ପାୱାର କମିଥାଏ । ତେଣୁ କ୍ୟାନ୍ସର ଭୟ ଅଧିକ ରହିଥାଏ । ମେମୋରିଆଲ ସ୍ଲୋନ କେଟିରିଙ୍ଗ କ୍ୟାନ୍ସର ସେଣ୍ଟର ଅନୁସାରେ କ୍ୟାନ୍ସର ରୋଗୀଙ୍କ ଚିକିତ୍ସା ୭୦ବର୍ଷ ବୟସ ମଧ୍ୟରେ ସମ୍ଭବ ହୋଇଥାଏ । ୮୦ରୁ ୮୫ ବର୍ଷ ବୟସରେ ଚିକିତ୍ସା ସମ୍ଭାବନା କମ ରହିଥାଏ । ରିସର୍ଚ୍ଚରୁ ଏହା ଜଣାପଡିଛି କି ବରିଷ୍ଠଙ୍କ ଅପେକ୍ଷା ଯୁବଗୋଷ୍ଠୀଙ୍କ ମଧ୍ୟରେ କ୍ୟାନ୍ସର ବିପଦ ଅଧିକ ରହିଥାଏ । ବୟସ ବଢିବା ସାଙ୍ଗକୁ କୋଷ ନୂଆ ସେଲ ପ୍ରସ୍ତୁତ କରିବା କ୍ଷମତା କମିଥାଏ । ତେଣୁ କ୍ୟାନ୍ସର ହେବା ସମ୍ଭାବନା କମ ହୋଇଥାଏ । ବୟସ ବଢିବା ସାଙ୍ଗକୁ କ୍ୟାନ୍ସର ଚରମ ସ୍ଥିତିରେ ପହଞ୍ଚିଥାଏ । ମାତ୍ର କମ ହୋଇଥାଏ ।କ୍ୟାନ୍ସର ରୋଗୀଙ୍କ ଚିକିତ୍ସା ୭୦ବର୍ଷ ବୟସ ମଧ୍ୟରେ ହୋଇଥାଏ । ୮୦ରୁ ୮୫ ବର୍ଷରେ ଚିକିତ୍ସା ସମ୍ଭବନା କମିଥାଏ । ବୟସ୍କଙ୍କ ଅପେକ୍ଷା ଯୁବଗୋଷ୍ଠୀଙ୍କୁ କ୍ୟାନ୍ସର ବିପଦ ଅଧିକ ରହିଥାଏ । ଗତ ୧୦ ବର୍ଷରେ ୨୫ରୁ ୪୦ ବର୍ଷର ଯୁବଗୋଷ୍ଠୀ କ୍ୟାନ୍ସରେ ଆକ୍ରାନ୍ତ ହୋଇଛନ୍ତି । ସର୍ଭେରୁ ଏହା ଜଣାପଡିଛି କି, କୋଭିଡରେ ଆକ୍ରାନ୍ତ ହେବା ପରେ ଶରୀର ଇମ୍ୟୁନିଟି ପାୱାର କମ ହୋଇଛି । ଆଜି ବି ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାରେ ସୁଧାର ଆସିନାହିଁ । ବୟସ ବଢିବା ସାଙ୍ଗକୁ କୋଷ ନୂଆ ସେଲ ପ୍ରସ୍ତୁତ କରିବା କ୍ଷମତା ହରାଇଥାଏ। ଫଳରେ ବୟସ୍କଙ୍କ ଅପେକ୍ଷା ଯୁବଗୋଷ୍ଠୀଙ୍କୁ କ୍ୟାନ୍ସର ବିପଦ ଅଧିକ ରହିଥାଏ ।

## ଟକ୍ସିକ ରିଲେସନରୁ ମିଳିବ ମୁକ୍ତି, ଆପଣାନ୍ତୁ ଏହି ଟିପ୍ସ

ଆଜିକାଲି ସମ୍ପର୍କରେ ଶୀଘ୍ର ଫାଟ ଆସୁଛି । ବିଶେଷ କରି ବୈବାହିକ ଜୀବନରେ ଏହା ଅଧିକ ସମସ୍ୟା ସୃଷ୍ଟି କରିଥାଏ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତଭେଦ ସମ୍ପର୍କରେ ଫାଟ ସୃଷ୍ଟି କରେ । ଜଣେ ପ୍ରେମ, ସମ୍ମାନରେ ସମ୍ପର୍କକୁ ବଞ୍ଚେଇବାକୁ ଚାହେଁ ତା ବଦଳରେ ସେ ସମାନ ଆଶା ରଖେ । ମାତ୍ର କିଛି ସମ୍ପର୍କରେ ସେପରି ହୋଇନଥାଏ । ସମାଜ ଭୟରେ କେହି କେହି ନକାରାତ୍ମକ ସମ୍ପର୍କକୁ ନିଭାଇବାକୁ ବାଧ୍ୟ ହୁଅନ୍ତି । ତେବେ କେମିତି ସମ୍ପର୍କ ସୁଧାରିବେ ଓ ଟକ୍ସିକ ରିଲେସନରୁ ମୁକ୍ତି ମିଳିବ ସେ ନେଇ କିଛି ଟିପ୍ସ ଆପଣାନ୍ତୁ ।

ସତକୁ ସ୍ୱୀକାର କରନ୍ତୁ-ମନସ୍ତତ୍ତ୍ୱବିତଙ୍କ ଅନୁସାରେ ଯଦି ଆପଣ ଟକ୍ସିସ ରିଲେସନସିପରେ ଅଛନ୍ତି ତେବେ ଏଥିରୁ ମୁକ୍ତି ପାଇପାରିବେ । ପ୍ରଥମେ ଏହାକୁ ଚିହ୍ନିବାକୁ ପଡିବ ଓ ସ୍ୱୀକାର କରିବାକୁ ହେବ । ଆପଣ କଣ ଜଣେ ଏପରି ବ୍ୟକ୍ତିଙ୍କ ସମ୍ପର୍କରେ ଅଛନ୍ତି ଯିଏ ଆପଣଙ୍କୁ ସର୍ବଦା ତାସ୍ଛଲ୍ୟ କରୁଛନ୍ତି । ତାଙ୍କ ସହ ରହିଲା ତୁମେ ଅସହାୟ ଅନୁଭବ କରୁଛ କି । ଏପରି ସମ୍ପର୍କକୁ ରଖିବା ପାଇଁ ନିଜର ଆତ୍ମସମ୍ମାନ ଏବଂ ଆତ୍ମବିଶ୍ୱାସ ହରାଉ ଥିବା ଅନୁଭବ କରୁଛନ୍ତି କି। ଏପରି ସମ୍ପର୍କ ଆପଣଙ୍କ ଜୀବନ, କାମ ଓ ଭାବନା ଉପରେ ପ୍ରଭାବ ପକାଇଥାଏ।

ସର୍ବପ୍ରଥମେ ଆପଣ- ଅନ୍ୟଠୁ ପ୍ରେମ ଓ ସମ୍ମାନ ପାଇବାକୁ ହେଲେ ପ୍ରଥମେ ନିଜକୁ ଭଲ ପାଇବାକୁ ହେବ ସମ୍ମାନ ଦେବାକୁ ହେବ । ନିଜ ଆଗରେ ଛୋଟ କରି ଦେଉଥିବା ସମ୍ପର୍କଠୁ ଦୂରେଇବା କୌଣସି ସମ୍ମାନଠୁ କମ ନୁହେଁ । ନିଜକୁ ନକରାତ୍ମକ ଭାବନାଠୁ ଦୂରେଇ ରଖନ୍ତୁ ।

ଗୋଟିଏ ସୁଯୋଗ ଦିଅନ୍ତୁ-ନକାରାତ୍ମକ ସମ୍ପର୍କରୁ ମୁକ୍ତି ପାଇଁ ନିଜକୁ ଅଲଗା କରିବାକୁ ଚାହାଁନ୍ତି । ମାତ୍ର ଦୂରତା ବନେଇବା ପୂର୍ବରୁ ସମ୍ପର୍କକୁ ଗୋଟିଏ ସୁଯୋଗ ଦିଅନ୍ତୁ । ଖୋଲିଖୋଲି ବିଷୟରେ କଥା ହୁଅନ୍ତୁ । ସ୍ଥିତିରୁ ସୁଧାରିବାକୁ ଚେଷ୍ଟା କରନ୍ତୁ । ଏପରି ସ୍ଥିତିରେ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ । ଯଦି କିଛି ସମାଧାନ ବାଟ ବାହାରୁନାହିଁ ତେବେ ବିନା ଝଗଡାରେ ସମ୍ପର୍କ ଶେଷ କରିବାକୁ ନିଷ୍ପତ୍ତି ନିଅନ୍ତୁ ।

ମନରୁ ଦୂରେଇ ଦିଅନ୍ତୁ- କୌଣସି ସମ୍ପର୍କରେ ଦୂରତା ଆସିଲେ ତାକୁ ନେଇ କିଛି ନକାରାତ୍ମକ ଚିନ୍ତାଧାର ରଖନ୍ତୁ ନାହିଁ । ଜଣଙ୍କ ପଛରେ କିଛି ଭୁଲ କଥା କୁହନ୍ତୁ ନାହିଁ । ଏପରି କରିବା ଦ୍ୱାରା ଜଣାପଡିଥାଏ ଯେ ଆପଣ ସେ ସମ୍ପର୍କରୁ ଫିଜିକାଲ ଭାବେ ଦୂରେଇଛନ୍ତି ମାତ୍ର ମାନସିକ ଭାବେ ଦୂରେଇ ନାହାନ୍ତି । ଯାହା ଆପଣଙ୍କ ମାନସିକ ଶାନ୍ତିକୁ ଛଡେଇନିଏ । ସେ ସବୁବେଳ ଖୁସିରେ ରୁହନ୍ତୁ ଏତିକି ଚାହିଁବା ଦରକାର ।

ସୀମା ପାର କରନ୍ତୁ ନାହିଁ- ସବୁ ଜିନିଷରେ ଏକ ସୀମା ଥାଏ । ବିଶେଷ କରି ସମ୍ପର୍କରେ ଏହାର ଅଧିକ ଗୁରୁତ୍ୱଥାଏ । ସୀମା ଆମ ଜୀବନର ପ୍ରତି କ୍ଷଣରେ ପ୍ରାଥମିକତା ବହନ କରିଥାଏ । ଭାବନାକୁ ସମ୍ମାନ ଜଣାଇବା ସମ୍ପର୍କର ଏକ ଅଂଶ । ନିଜର ଲାଭ ପାଇଁ ଅନ୍ୟର ଭାବନାକୁ କ୍ଷତି ପହଞ୍ଚାଇବା ଆଦୌ ଠିକ୍ ନୁହେଁ । ନୂଆ ଆରମ୍ଭ ପାଇଁ ଟକ୍ସିକ ରିଲେସନସିପକୁ କେଉଁଠି ଶେଷ କରିବାକୁ ହେବ ତାହା ସୀମା ହିଁ ସ୍ଥିର କରିବ ।

ନୂଆ ଜୀବନକୁ ଉପହାର- ଜଣେ ମହିଳା ଯେବେ ଟକ୍ସିକ ରିଲେସନରୁ ବାହାରିବାକୁ ନିର୍ଣ୍ଣୟ ନିଏ ତେବେ ତା ଜୀବନରେ ଏକ ବିରାଟ ପରିବର୍ତ୍ତନ ହୋଇଥାଏ । ଯାହାର କଳ୍ପନା ସେ କେବେ କରିନଥାନ୍ତି । ଏହି ସମୟ ତାଙ୍କୁ ଶକ୍ତିଶାଳୀ କରିଥାଏ । ଆଉ ଥରେ ନିଜକୁ ଚିହ୍ନି ଥାଏ । ନୂଆ ଆରମ୍ଭ କରିବାକୁ ନିଜକୁ ଏକ ଉପହାର ଦେଇଥାଏ ।



## ବୟସ ୫୦ ଟପିଲେ ସ୍ନାୟୁକୋଷ-ସ୍ନାୟୁକୋଷ ମଧ୍ୟରେ ଥିବା ସଂଯୋଗ ଛିନ୍ନ ହୋଇଯାଏ

ଆଲଜିମର୍ସ ରୋଗ ପ୍ରାୟ ୫୦ ବର୍ଷ ବୟସ ପରେ ପ୍ରକାଶପାଏ। ରୋଗ ହେଲେ ମସ୍ତିଷ୍କର ସ୍ନାୟୁ କୋଷଗୁଡ଼ିକରେ ବିଟା-ଆମିଲଏଡ୍ ନାମକ ଏକ ପ୍ରୋଟିନ୍ ଖଣ୍ଡମାନ ଜମିଯାଏ। ଏହି ବିଟା-ଆମିଲଏଡ୍ ଜମିବା ଫଳରେ ସ୍ମୃତିହାନି ଜାତ ହେବା ସ୍ୱାଭାବିକ। ରୋଗୀ ମସ୍ତିଷ୍କରେ ସ୍ନାୟୁକୋଷମାନ ମରିଯାଆନ୍ତି। ସ୍ନାୟୁକୋଷ-ସ୍ନାୟୁକୋଷ ମଧ୍ୟରେ ଥିବା ସଂଯୋଗ ଛିନ୍ନ ହୋଇଯାଏ। ଏହାଦ୍ୱାରା ସ୍ନାୟୁକୋଷ ଏବଂ ସ୍ନାୟୁ ସଂଯୋଗ କାର୍ଯ୍ୟରହିତ ହୋଇପଡ଼ନ୍ତି। ତେବେ ମସ୍ତିଷ୍କର ସବୁ ଅଞ୍ଚଳରେ ଏଭଳି ପରିବର୍ତ୍ତନ ପରିଲକ୍ଷିତ ନ ହୋଇ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସ୍ନାୟୁକୋଷରେ ପରିବର୍ତ୍ତନ ପରିଲକ୍ଷିତ ହୁଏ। ପରିବର୍ତ୍ତିତ ହେଉ ନ ଥିବା ମସ୍ତିଷ୍କ ଅଞ୍ଚଳ ସୁସ୍ଥତାର ସହ କାର୍ଯ୍ୟ କରିଚାଲିବା ସତରେ ଏକ ବୈଜ୍ଞାନିକ ବିସ୍ମୟ। ହେଲେ ସ୍ନାୟୁକୋଷଗୁଡ଼ିକରେ ଜାତ ଅସ୍ୱାଭାବିକତାକୁ ପ୍ରଭାବିତ କରିଥାଏ ରୋଗୀର ଜିନ୍, ପରିବେଶ ଓ ତାହାର ଜୀବନଶୈଳୀ। ପୁଣି ରୋଗୀଭେଦରେ ଏହି ପ୍ରଭାବରେ ପରିଲକ୍ଷିତ ହୋଇଥାଏ ଭିନ୍ନତା। ଜାଣି ରଖିବା କଥା ଯେ, ଆଲଜିମର୍ସର ଲକ୍ଷଣ ପ୍ରକାଶ ପାଇବା ପୂର୍ବରୁ ମସ୍ତିଷ୍କରେ ରୋଗଟିର ମୂଳଦୁଆ ପଡ଼ିସାରିଥାଏ। ରୋଗୀ ଅନେକ କଥା ସହଜରେ ମନେପକେଇ ପାରେନି। ବୟସ ୬୫ରୁ ଊର୍ଦ୍ଧ୍ୱ ହୋଇଗଲେ ଆଲଜିମର୍ସ ବାହାରିବା ଆଶଙ୍କା ବେଶି।



# ଟି-୨୦ରୁ ଅବସର ନେଲେ ମିଚେଲ ଷ୍ଟାର୍କ

**ସିଡ୍‌ନୀ**

ଅଷ୍ଟ୍ରେଲିଆର ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଅପ୍ରତ୍ୟାଶିତ ଢଙ୍ଗରେ ଟି-୨୦ ଅନ୍ତର୍ଜାତୀୟରୁ ଅବସର ଘୋଷଣା କରିଛନ୍ତି । ଏବେ ସେ କେବଳ ଟେଷ୍ଟ ଓ ଦିନିକିଆ କ୍ରିକେଟ ଉପରେ ଫୋକସ୍ କରିବେ ବୋଲି କହିଛନ୍ତି । ୩୫ ବର୍ଷୀୟ ଷ୍ଟାର୍କ ଗତବର୍ଷ ଟି-୨୦ ବିଶ୍ୱକପ ପରଠାରୁ କ୍ରିକେଟର ଏହି ଛୋଟିଆ ଫର୍ମାଟରେ ନଜର ଆସି ନଥିଲେ । ୨୦୨୬ ଟି-୨୦ ବିଶ୍ୱକପକୁ ଆଉ ମାତ୍ର କିଛି ମାସ ବାକି ଥିବା ବେଳେ ସେ ଏହି ଫର୍ମାଟକୁ ଅଲବିଦା କହିଛନ୍ତି ।




ଟି-୨୦ରେ ଅଷ୍ଟ୍ରେଲିଆ ପାଇଁ ଦ୍ୱିତୀୟ ସର୍ବାଧିକ ୱିକେଟ ଦଖଲକାରୀ ଭାବେ ନିଜର ଅଭିଯାନ ଶେଷ କରିଛନ୍ତି ଷ୍ଟାର୍କ । ତାଙ୍କ ଉପରେ କେବଳ ଆଡାମ ଜାମ୍ପା ରହିଛନ୍ତି । ୨୦୧୨ରେ ପାକିସ୍ତାନ ବିପକ୍ଷ ଟି-୨୦ରୁ ଅଭିଯାନ ଆରମ୍ଭ କରିଥିବା ଷ୍ଟାର୍କ ୬୫ଟି ମ୍ୟାଚରେ ୭୯ଟି ୱିକେଟ ନେଇଛନ୍ତି ।

ସେ ଅନ୍ତର୍ଜାତୀୟ ଟି-୨୦ରେ ଡେବ୍ୟୁ କରିବା ପରେ ୬ ଥର ଏହି ଫର୍ମାଟର ବିଶ୍ୱକପ ହୋଇଥିଲା । ଏହା ମଧ୍ୟରୁ ୫ଟିରେ ସେ ନଜର ଆସିଥିଲେ । ୨୦୧୬ରେ ଆହତ ସମସ୍ୟା ଯୋଗୁ ଟି-୨୦ ବିଶ୍ୱକପ ଖେଳି ପାରି ନଥିଲେ ଷ୍ଟାର୍କ । ୨୦୨୧ରେ ଅଷ୍ଟ୍ରେଲିଆ ଟି-୨୦ ବିଶ୍ୱକପ ଜିତିଥିବା ବେଳେ ଏଥିରେ ଷ୍ଟାର୍କ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ଟି-୨୦ ଅନ୍ତର୍ଜାତୀୟରୁ ଅବସର ନେଇଥିବା ଷ୍ଟାର୍କ ଅଷ୍ଟ୍ରେଲିଆ ପାଇଁ ଦିନିକିଆ ଓ ଟେଷ୍ଟ କ୍ରିକେଟ ଖେଳିବେ । ସେହିପରି ଟି-୨୦ ଫର୍ମାଟରେ ଆୟୋଜିତ ଆଇପିଏଲ ଓ ଅନ୍ୟ ଲିଗ୍ କ୍ରିକେଟ ମଧ୍ୟ ଖେଳିବେ ବୋଲି ସ୍ପଷ୍ଟ କରିଛନ୍ତି ।

ଷ୍ଟାର୍କଙ୍କ ଅବସର ପୂର୍ବରୁ ଗତବର୍ଷ ଡାଭିଡ ୱାର୍ଣ୍ଣର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଥିଲେ । ଚଳିତ ବର୍ଷ ଷ୍ଟିଭ୍ ସ୍ମିଥ୍, ଗ୍ଲେନ ମ୍ୟାକ୍ସୱେଲ ଓ ମାର୍କସ ଷ୍ଟୋଇନିସ୍ ଦିନିକିଆ କ୍ରିକେଟକୁ ଅଲବିଦା କହିଥିଲେ ।

# ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରାୟୋଜକ ପାଇଁ କଡ଼ା ସର୍ତ୍ତ ଲାଗୁ କଲା ବିସିସିଆଇ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଟିମ୍‌ର ମୁଖ୍ୟ ପ୍ରାୟୋଜକ ହେବାକୁ ଚାହୁଁଥିବା ସଂସ୍ଥାଗୁଡ଼ିକ ଠାରୁ ଦରଖାସ୍ତ ଆହ୍ୱାନ କରିଛି ବିସିସିଆଇ । ଇନଭିଟେନ ଫର ଏକ୍ସପ୍ରେସନ ଅଫ ଇଣ୍ଟରେଷ୍ଟ (ଆଇଓଆଇ)ରେ ଆବେଦନ ଦାଖଲ କରିବା ପାଇଁ ସବୁ ପ୍ରକାରର ସର୍ତ୍ତ ରହିଥିବା ବିସିସିଆଇ କହିଛି । ଆଇଇଓଆଇ କିଣିବାର ଶେଷ ତାରିଖ ସେପ୍ଟେମ୍ବର ୧୨ ରହିଥିବା ବେଳେ ଆବେଦନ ଦାଖଲ କରିବାର ଶେଷ ତାରିଖ ସେପ୍ଟେମ୍ବର ୧୬ ରହିଛି ।

ପୂର୍ବରୁ ଭାରତୀୟ କ୍ରିକେଟ ଟିମ୍‌ର ମୁଖ୍ୟ ପ୍ରାୟୋଜକ ଡ୍ରିମ୍ ୧୧ ରହିଥିଲା । କିନ୍ତୁ ସଂସଦରେ ପ୍ରମୋସନ ଓ ରେଗୁଲେସନ ଅଫ ଅନଲାଇନ ଗେମିଂ ବିଲ୍ ୨୦୨୫ ପାରିତ ହେବା ପରେ ଡ୍ରିମ୍ ୧୧ ସହ ବିସିସିଆଇ ସମସ୍ତ ପ୍ରକାରର ସମ୍ପର୍କଚ୍ଛିନ୍ନ କରିଥିଲା । ଏହାପରେ ବିସିସିଆଇ ନୂଆ ପ୍ରାୟୋଜକ ସନ୍ଧାନରେ ରହିଥିବା ଗତ ମାସରେ ବୋର୍ଡର ସମ୍ପାଦକ ଦେବଜିତ ସାଇକିଆ କହିଥିଲେ ।

୨୦୨୩ ଜୁଲାଇରେ ୩ ବର୍ଷ ପାଇଁ ଡ୍ରିମ୍ ୧୧ ମୋଟ ୩୫୮ କୋଟିରେ ପ୍ରାୟୋଜକ ଦାୟିତ୍ୱ ପାଇଥିଲା । ଏହାପୂର୍ବରୁ ବାଇଜୁ ଭାରତୀୟ କ୍ରିକେଟର ମୁଖ୍ୟ ପ୍ରାୟୋଜକ ରହିଥିଲା । ଏବେ ପୁଣି ଗୋଟିଏ ନୂଆ ସଂସ୍ଥା ଭାରତୀୟ କ୍ରିକେଟ ଟିମ୍‌ର ପ୍ରାୟୋଜକ ସାଜିବ ।

ବିସିସିଆଇ କହିଛି ଯେ ୫ ଲକ୍ଷ ଟଙ୍କା ସହ ଆବଶ୍ୟକ ଜିଏସ୍‌ଟି ବଦଳରେ ଆଇଇଓଆଇ ଉପଲବ୍ଧ ହେବ । ଏହି ୫ ଲକ୍ଷ ଟଙ୍କା ଫେରସ୍ତ ହେବନି । ବିଡର୍ସମାନେ ଆଇଇଓଆଇ ପାଇଁ ଦେଇଥିବା ଟଙ୍କାର ତଥ୍ୟକୁ sponsorship@bcci.tvକୁ ଇ-ମେଲ କରିବେ । ଆବଶ୍ୟକ ଫି' ମିଳିବା ପରେ ହିଁ ଆଇଇଓଆଇ ଦସ୍ତାବିଜ୍ ବିଡର୍ସଙ୍କୁ ଉପଲବ୍ଧ କରାଯିବ ।

ବିଡ୍ ଲଗାଇବାକୁ ଚାହୁଁଥିବା ଯେକୌଣସି ବିଡର୍ସଙ୍କୁ ଆଇଇଓଆଇ କିଣିବାକୁ ପଡ଼ିବ । କିନ୍ତୁ ଆଇଇଓଆଇରେ ଥିବା ନିୟମ ଓ ସର୍ତ୍ତକୁ ପୂରଣ କରୁଥିବା ସଂସ୍ଥା ହିଁ ଆବେଦନ ଦାଖଲ କରିବେ । ଆଇଇଓଆଇ କିଣି ଦେବାର ଅର୍ଥ ନୁହେଁ ଯେ ଗୋଟିଏ ସଂସ୍ଥା ବିଡ୍ ଲଗାଇବାକୁ ଯୋଗ୍ୟତା ଅର୍ଜନ କରିନେବେ । ସଂସ୍ଥାକୁ ପ୍ରଥମେ ନିୟମ ଓ ସର୍ତ୍ତ ପୂରଣ କରିବାକୁ ପଡ଼ିବ ।

ବିସିସିଆଇ ଯେକୌଣସି ସମୟରେ ଆଇଇଓଆଇ ପ୍ରକ୍ରିୟାକୁ ବାତିଲ କିମ୍ବା ସଂଶୋଧନ କରିବାର ଅଧିକାର ରଖିଥିବା ସ୍ପଷ୍ଟ ଭାବେ ଉଲ୍ଲେଖ କରିଛି । ଏହାର କାରଣ କହିବାକୁ ମଧ୍ୟ ବିସିସିଆଇ ବାଧ୍ୟ ନୁହେଁ ।

ପ୍ରାୟୋଜକ ହେବା ପାଇଁ ପ୍ରତିଟି ବିଡରଙ୍କ ଆୟ ଗଲା ୩ ବର୍ଷ ମଧ୍ୟରେ ୩୦୦ କୋଟିରୁ ଅଧିକ ଥିବା ଦରକାର କିମ୍ବା ପ୍ରତିଟି ବିଡରଙ୍କ ହାରାହାରି ସମ୍ପତ୍ତି ଗଲା ୩ ବର୍ଷ ମଧ୍ୟରେ ୩ଶହ କୋଟି ହୋଇଥିବା ଦରକାର ।

ବିଡର କୌଣସି କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ନଥିବେ କିମ୍ବା ଅର୍ଥନୀତିକ ଅପରାଧ କିମ୍ବା ଠକେଇ କରି ନଥିବେ । ବିସିସିଆଇର ଦ୍ୱୈତ ସ୍ୱାର୍ଥ ନିୟମ ଅନୁସାରେ ବିଡର୍ସ ଯୁଗ୍ମ ପଦପଦବୀରେ ନ ରହିଥିବା ଦରକାର ।

ଅନଲାଇନ ମନି ଗେମିଂ, ବେଟିଂ କିମ୍ବା ସେଭଳି କୌଣସି ସେବାରେ ନିୟୋଜିତ ଥିବା ସଂସ୍ଥା କିମ୍ବା ସଂସ୍ଥା ଅଧୀନରେ ଥିବା କୌଣସି କମ୍ପାନୀ ବିଡ ଲଗାଇ ପାରିବେ ନାହିଁ । ଭାରତ କିମ୍ବା ବିଶ୍ୱର କୌଣସି ସ୍ଥାନରେ ଏପରି ସେବା ଯୋଗାଉଥିବା କମ୍ପାନୀ ବିଡ୍ ପାଇଁ ଯୋଗ୍ୟ ବିବେଚିତ ହେବେନି ।

ବିଡର କିମ୍ବା ତାଙ୍କ ଅଧୀନରେ ଥିବା କମ୍ପାନୀ ସିଧାସଳଖ କ୍ରିପ୍ଟୋ ଟ୍ରେଡିଂ କିମ୍ବା କ୍ରିପ୍ଟୋ ଏକ୍ସଚେଞ୍ଜ କିମ୍ବା କ୍ରିପ୍ଟୋ ଟୋକନ କିମ୍ବା ସେଭଳି ବ୍ୟବସାୟରେ ସାମିଲ ହୋଇ ନଥିବା ଦରକାର । ଛାୟା ବ୍ରାଣ୍ଡ ଜରିଆରେ କୌଣସି ବିଡର ଆବେଦନ କରିପାରିବେ ନାହିଁ । ଯଦି କୌଣସି ବିଡର ଏକାଧିକ ବ୍ରାଣ୍ଡ କିମ୍ବା ଦ୍ରବ୍ୟର ବ୍ୟବସାୟ କରୁଛନ୍ତି ଓ ତାଙ୍କର କୌଣସି ବ୍ରାଣ୍ଡ କିମ୍ବା ଦ୍ରବ୍ୟ ବ୍ଲକ ବା ବ୍ୟାନ ବର୍ଗରେ ଆସୁଥିବ, ତା'ହେଲେ ସେ ପ୍ରାୟୋଜକ ପାଇଁ ଆବେଦନ କରିପାରିବେ ନାହିଁ । ମଦ, ବେଟିଂ, କ୍ରିପ୍ଟୋ, ଅନଲାଇନ ମନି ଗେମିଂ, ତମ୍ବାକୁ ଓ ପର୍ଣ୍ଣୋଗ୍ରାଫି ଭଳି ବ୍ୟବସାୟରେ ସାମିଲ ଥିଲେ ବିଡ୍ ଲଗାଇବାକୁ ଅନୁମତି ମିଳିବ ନାହିଁ ।

# ଅନ୍ତର୍ଜାତୀୟ କ୍ରିକେଟରୁ ବିଦାୟ ନେଲେ ଆସିଫ ଅଲି

**ଇସଲାମାବାଦ**



ପାକିସ୍ତାନର ବ୍ୟାଟ୍ସମ୍ୟାନ ଆସିଫ ଅଲି ଅନ୍ତର୍ଜାତୀୟ କ୍ରିକେଟକୁ ବିଦାୟ ଦେଇଛନ୍ତି । ୩୩ ବର୍ଷୀୟ ଆସିଫ ୨୧ ଟି ଦିନିକିଆ ଏବଂ ୫୮ ଟି୨୦ ମ୍ୟାଚ ଖେଳିଛନ୍ତି, ମୁଖ୍ୟତଃ ମଧ୍ୟକ୍ରମରେ ଫିନିସର ଭାବରେ । ଜଣେ ଆକ୍ରମଣାତ୍ମକ ବ୍ୟାଟ୍ସମ୍ୟାନ, ତାଙ୍କର ସବୁଠାରୁ ପ୍ରସିଦ୍ଧ ଇନିଂସ ହେଉଛି ୨୦୨୧ ଟି୨୦ ବିଶ୍ୱକପରେ ଆଫଗାନିସ୍ତାନ ବିପକ୍ଷରେ ଏକ ସଂଘର୍ଷପୂର୍ଣ୍ଣ ବିଜୟରେ ସାତ ବଲରେ ୨୫ ରନ କରିଥିଲେ । 'ପାକିସ୍ତାନ ଜର୍ସି ପିନ୍ଧିବା ମୋ ଜୀବନର ସର୍ବୋଚ୍ଚ ସମ୍ମାନ ଏବଂ କ୍ରିକେଟ କ୍ଷେତ୍ରରେ ମୋ ଦେଶ ସେବା କରିବା ମୋର ସବୁଠାରୁ ଗର୍ବର ଅଧ୍ୟାୟ,' ସେ ଏକ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି । ଆସିଫ ନିଶ୍ଚିତ କରିଛନ୍ତି ଯେ ସେ ଘରୋଇ କ୍ରିକେଟ ଏବଂ ବିଶ୍ୱର ଫ୍ରାଞ୍ଚାଇଜ ଲିଗ୍ ଖେଳିବେ । ସେ ପାକିସ୍ତାନ ଦଳର ଅଂଶ ଥିଲେ ଯିଏ ୨୦୨୨ରେ ଆଇସିସି ପୁରୁଷ ଟି୨୦ ବିଶ୍ୱକପର ଫାଇନାଲ ଏବଂ ୨୦୨୧ରେ ସେମିଫାଇନାଲରେ ପହଞ୍ଚିଥିଲା । ୨୦୧୮ରେ ଇସଲାମାବାଦ ୟୁନାଇଟେଡ୍‌କୁ ପିଏସଏଲ ଜିତିବାରେ ସହାୟତା କରିବା ପରେ, ଆସିଫ ସେହି ବର୍ଷ ୱେଷ୍ଟଇଣ୍ଡିଜ ବିପକ୍ଷରେ ତାଙ୍କର ପ୍ରଥମ ଟି ୨୦ ମ୍ୟାଚ୍ ଖେଳିଥିଲେ । ଦୁଇ ମାସ ପରେ, ସେ ତାଙ୍କର ଏକ ଦିବସୀୟ ଡେବ୍ୟୁ କରିଥିଲେ । ତଥାପି, ତାଙ୍କର ଫର୍ମ ଏବଂ ସ୍ଥିରତାର ଅଭାବ ଯୋଗୁ ତାଙ୍କୁ ଦଳରୁ ବାହାର କରିଦିଆ ଯାଇଥିଲା ଏବଂ ତାଙ୍କର ଶେଷ ଅନ୍ତର୍ଜାତୀୟ ମ୍ୟାଚ ୨୦୨୩ ଏସୀୟ କ୍ରୀଡ଼ାରେ ଦ୍ୱିତୀୟ ସ୍ତରର ପାକିସ୍ତାନୀ ଦଳ ପାଇଁ ଖେଳିଥିଲା । ୨୧ଟି ଦିନିକିଆରେ, ସେ ୨୫.୪୬ ହାରରେ ୩୮୨ରନ କରିଥିଲେ ଏବଂ ତାଙ୍କ ବେଲ୍ଟରେ ତିନୋଟି ଅର୍ଦ୍ଧଶତକ ଥିଲା । ଟି୨୦ଏସ୍ ୫୮ ଫିକ୍ସରରେ, ସେ ୧୫-୧୮ହାରରେ ୫୭୭ ରନ, ୧୩୩.୮୭ ଷ୍ଟ୍ରାଇକ ରେଟ୍ ଏବଂ ୪୧*ର ସର୍ବୋଚ୍ଚ ସ୍କୋର କରିଛନ୍ତି ।

# ଦଳାଚକଟାରେ ମୃତକଙ୍କ ସ୍ମୃତିରେ ସ୍ମାରକୀ ନିର୍ମାଣ କରିବ ଆରସିବି, ଭିଡ଼ ପରିଚାଳନା ପାଇଁ ଆଣିବ ପ୍ରୋଟୋକଲ




**ନୂଆଦିଲ୍ଲୀ**

ବିଜୟ ସମାରୋହରେ ଦଳାଚକଟାରେ ପ୍ରାଣ ହରାଇଥିବା ପ୍ରଶଂସକଙ୍କ ସ୍ମୃତିରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆରସିବି) ଏକ ସ୍ମାରକୀ ନିର୍ମାଣ କରିବ । ଯେଉଁଠାରେ ଆରସିବିର ବେଙ୍ଗାଲୁରୁ ଦଳାଚକଟାରେ ପ୍ରାଣ ହରାଇଥିବା ପ୍ରଶଂସକଙ୍କ ନାମ, କାହାଣୀ ଏବଂ ସମ୍ପର୍କିତ ଜିନିଷଗୁଡ଼ିକୁ ସଂରକ୍ଷିତ ରଖାଯିବ । ଫ୍ରାଞ୍ଚାଇଜ୍ ଏହାର ୬-ସୂତ୍ରୀ ଘୋଷଣାପତ୍ର ଜାରି କରିଛି । ଆରସିବି କେୟର୍ସ ନାମକ ଏହି ପଦକ୍ଷେପରେ କୁହାଯାଇଛି- 'ଫ୍ରାଞ୍ଚାଇଜ୍ କେବଳ ଆର୍ଥିକ ସହାୟତା ପର୍ଯ୍ୟନ୍ତ ସୀମିତ ରହିବ ନାହିଁ । ପ୍ରଭାବିତ ପରିବାର ଏବଂ ପ୍ରଶଂସକଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ଠୋସ୍ ପଦକ୍ଷେପ ଗ୍ରହଣ କରିବ ।'

ଆରସିବି ଦଳାଚକଟାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଘୋଷଣା କରିଥିଲା । ପ୍ରଥମ ଥର ପାଇଁ ଆଇପିଏଲ ଜିତିବା ପରେ ଆରସିବି ଜୁନ୍ ୪ରେ ବେଙ୍ଗାଲୁରୁରେ ଏକ ବିଜୟ ପରେଡ୍ ଆୟୋଜନ କରିଥିଲା । ଏହି ପରେଡ୍ ସମୟରେ ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଟା ଯୋଗୁଁ ୧୧ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୫୦ ରୁ ଅଧିକ ଆହତ ହୋଇଥିଲେ । ପ୍ରାଣ ହରାଇଥିବା ସମସ୍ତ ବ୍ୟକ୍ତିଙ୍କ ବୟସ ୩୫ ବର୍ଷରୁ କମ୍ ଥିଲା । ୧୩ ବର୍ଷୀୟ ଦିବ୍ୟାଂଶୀ ସବୁଠାରୁ କମ୍ ବୟସ୍କ ଥିଲେ । ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରେ ତିନି ଜଣ କିଶୋର ଏବଂ ଛଅ ଜଣ ଯୁବକ ଥିଲେ । ସେମାନଙ୍କ ବୟସ ୨୦ ରୁ ୩୦ ବର୍ଷ ମଧ୍ୟରେ ଥିଲା ।

ଘୋଷଣାପତ୍ରରେ ଆରସିବିର ୬ଟି ପ୍ରତିଶ୍ରୁତି : ଦଳାଚକଟା ଦ୍ୱାରା ପ୍ରଭାବିତ ପରିବାର ଏବଂ ପ୍ରଶଂସକ ମାନଙ୍କୁ ଆମେ ଆର୍ଥିକ ସହାୟତା ବ୍ୟତୀତ ଅଧିକ ସହାୟତା ପ୍ରଦାନ କରିବୁ । ଆମେ ସେମାନଙ୍କୁ ଦ୍ରୁତ, ସ୍ୱଚ୍ଛ ଏବଂ ମାନବିକ ସହାୟତା ପ୍ରଦାନ କରିବୁ । ଉନ୍ନତ ଭିଡ଼ ପରିଚାଳନା ପ୍ରୋଟୋକଲ ବିକଶିତ କରିବା ପାଇଁ ଷ୍ଟାଡିୟମ କର୍ତ୍ତୃପକ୍ଷ ଏବଂ କ୍ରୀଡ଼ା ସଂସ୍ଥାଗୁଡ଼ିକ ସହିତ କାମ କରିବୁ ।

ଆମେ ଗ୍ରାମାଞ୍ଚଳର ବିକାଶ ପାଇଁ ସାମାଜିକ ବିକାଶ କାର୍ଯ୍ୟକ୍ରମ ଚଲାଇବୁ । ଗବେଷଣା ଏବଂ ତାଲିମ ମାଧ୍ୟମରେ, ପ୍ରତିବର୍ଷ ଏକ ଫ୍ୟାନ୍ ସୁରକ୍ଷା ଅଡିଟ୍ ଫ୍ରେମୱାର୍କ ପ୍ରସ୍ତୁତ କରାଯିବ । ଆମେ ଆମର ଭୂମି ଅଂଶୀଦାରମାନଙ୍କୁ ଭିଡ଼ ପରିଚାଳନା ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ଉପରେ ତାଲିମ ପ୍ରଦାନ କରିବୁ । ବେଙ୍ଗାଲୁରୁରେ ଏକ ସ୍ଥାନରେ, ଆମେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପ୍ରଶଂସକଙ୍କ ନାମ, କାହାଣୀ ଏବଂ ଜଡିତ ଜିନିଷଗୁଡ଼ିକୁ ସଂରକ୍ଷଣ କରିବୁ । ଏହା ଏକ ସ୍ଥାୟୀ ଶ୍ରଦ୍ଧାଞ୍ଜଳି ହେବ । ଏହି ଷ୍ଟାଡିୟମ ନିଯୁକ୍ତି ସୃଷ୍ଟି କରିବ, ସ୍ଥାନୀୟ ପ୍ରତିଭାକୁ ପ୍ରୋତ୍ସାହିତ କରିବ ଏବଂ ନୂତନ ପିଢ଼ିକୁ କ୍ରୀଡ଼ାରେ ସୁଯୋଗ ପ୍ରଦାନ କରିବ ।

# ଜାତୀୟ କ୍ରୀଡ଼ା ଦିବସରେ ସାଇକେଲ ଶୋଭାଯାତ୍ରା



**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ କେନ୍ଦୁଝରଠାରେ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏହି ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ସବୁଜ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ । ଶତାଧିକ ଛାତ୍ରଛାତ୍ରୀ, ଅଧିକାରୀ ଓ ସାଧାରଣ ଜନତା ସାଇକେଲ ଚଳାଇ ସହର ପରିକ୍ରମା କରି ସୁସ୍ଥ ଜୀବନଯାପନ ପାଇଁ କ୍ରୀଡ଼ା ଓ ଖେଳକୁଦକୁ ନିଜ ଜୀବନରେ ସାମିଲ କରିବାକୁ ସଚେତନତା ବାର୍ତ୍ତା ବାଣ୍ଟିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗ ଭୂଷଣ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ ଓ କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ଼ ପରିଚାଳନା କରିଥିଲେ ।



ଭୁବନେଶ୍ୱର : ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ର ବାର୍ଷିକ ସ୍ମରଣିକାକୁ ଉନ୍ମୋଚନ କରୁଛନ୍ତି କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଓଡ଼ିଶା ଫୁଟ୍‌ବଲ୍ ସଂଘ (ଫାଓ)ର ସଭାପତି ତଥା ବିଧାୟକ ଟଙ୍କଧର ତ୍ରିପାଠୀ ।

# ଭାରତୀୟ ଅର୍ଥନୀତିର ମନ୍ଥନ ଏବଂ ନିଃସୃତ ବିକାଶ ଅମୃତ



**ହରଦୀପ ସିଂହ ପୁରୀ**
କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରୀ

ଭାରତୀୟ ସଭ୍ୟତା ସଦାବେଳେ ଏହା ବିଶ୍ୱାସ କରିଆସିଥିଲା ଯେ ଯେକୌଣସି ସଫଳତା ପୂର୍ବରୁ ସେହି ପଦ୍ଧତିଟି ଉତ୍ତମ ରୂପେ ପରୀକ୍ଷିତ ହୋଇଥାଏ । ସମୁଦ୍ର ମନ୍ଥନ ପରି ଯେଉଁଠାରେ ଅଶାନ୍ତ ସମୁଦ୍ର ସଂସାରକୁ ଅମୃତ ଉପହାର ପ୍ରଦାନ କରିଥିଲା, ଆମର ଅର୍ଥନୈତିକ ମନ୍ଥନ ସଦାବେଳେ ନବାଚାରକୁ ହିଁ ଜନ୍ମ ଦେଇଆସିଛି । ୧୯୯୧ ମସିହାର ଆର୍ଥିକ ସଂକଟ ଠାରୁ ଆରମ୍ଭ କରି ଉଦାରୀକରଣ ପର୍ଯ୍ୟନ୍ତ । କରୋନା ମହାମାରୀ ଠାରୁ ନେଇ ଡିଜିଟାଲ ବ୍ୟବସ୍ଥାର ବୃଦ୍ଧିବେଳେ ତାହା ଲକ୍ଷ୍ୟ କରାଯାଇଥିଲା । ଆଜି ମଧ୍ୟ ଭାରତକୁ 'ମୃତ ଅର୍ଥନୀତି' ବୋଲି କେତେକ ସନ୍ଦେହବାଦୀଙ୍କ ସ୍ୱରରୁ ସ୍ଥିରତାର ତଥ୍ୟାବଳୀ ଏବଂ ସମୃଦ୍ଧିର କାହାଣୀ ସମସ୍ତଙ୍କ ସମ୍ମୁଖରେ ଉଭା ହୋଇଛି, ଦ୍ରୁତ ଅଭିବୃଦ୍ଧି, ସୁଦୃଢ଼ ବଫର ଭଣ୍ଡାରଣ ଏବଂ ବ୍ୟାପକ ସୁଯୋଗ ହେଉଛି ଏହାର ବଳିଷ୍ଠ ପ୍ରମାଣ ।

ସଦ୍ୟତମ ସାମଗ୍ରିକ ଘରୋଇ ଉତ୍ପାଦ (ଜି.ଡି.ପି.)କୁ ଏଥିପାଇଁ ବିଚାରକୁ ନିଆଯାଉ । ବାସ୍ତବ ଜି.ଡି.ପି. ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ୭.୮ ପ୍ରତିଶତ ବୃଦ୍ଧି ପାଇଥିଲା ଯାହାକି ବିଗତ ପାଞ୍ଚଟି ତ୍ରୈମାସ ମଧ୍ୟରେ ସର୍ବାଧିକ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି, ଏଭଳି ଅଭିବୃଦ୍ଧି ବ୍ୟାପକତା ଆଧାରିତ: 'ମୋଟ ବାର୍ଷିକ ମୂଲ୍ୟ' (ଜି.ଏ.ଭି.) ୭.୬ ପ୍ରତିଶତ ବୃଦ୍ଧି ପାଇଛି, ଉତ୍ପାଦନ କ୍ଷେତ୍ରରେ ଏହା ୭.୭ ପ୍ରତିଶତ, ନିର୍ମାଣ କ୍ଷେତ୍ରରେ ଏହି ମାତ୍ରା ୭.୬ ପ୍ରତିଶତି ଏବଂ ସେବା କ୍ଷେତ୍ରରେ ଏହା ୯.୩ ପ୍ରତିଶତ ବୋଲି ଜଣାପଡ଼ିଛି । ନାମମାତ୍ର ସାମଗ୍ରିକ ଘରୋଇ ଉତ୍ପାଦ ୮.୮ ପ୍ରତିଶତକୁ ବଢ଼ିଛି । ଏହା ଅର୍ଥନୀତିରେ ବୃଦ୍ଧି ପାଉଥିବା ବ୍ୟବହାର, ଦୃଢ଼ ନିବେଶ ଏବଂ ନିରନ୍ତର ସାର୍ବଜନୀନ ପୁଞ୍ଜି ଖର୍ଚ୍ଚ ଏବଂ ଖର୍ଚ୍ଚ ହ୍ରାସ ଲଜିଷ୍ଟିକ୍ସ ସଂସ୍କାରର ଫଳାଫଳରେ ପ୍ରତିଫଳିତ ହୁଏ ।

ଭାରତ ବର୍ତ୍ତମାନ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥ ବ୍ୟବସ୍ଥା ଭାବେ ଉଭା ହୋଇଛି ଏବଂ ସବୁଠାରୁ ଦ୍ରୁତ ପ୍ରଗତିଶୀଳ ପ୍ରମୁଖ ଅର୍ଥ ବ୍ୟବସ୍ଥା, ପ୍ରଥମ ଏବଂ ଦ୍ୱିତୀୟ ବୃହତ୍ତମ ସ୍ଥାନରେ ଥିବା ଆମେରିକା ଏବଂ ଚୀନକୁ ମଧ୍ୟ ଏହି ଦୌଡ଼ରେ ପଛରେ ପକାଇଛି । ବର୍ତ୍ତମାନର ଗତିରେ, ଆମେ ଏହି ଦଶନ୍ଧି ଶେଷ ସୁଦ୍ଧା ବଜାର-ବିନିମୟ ଦୃଷ୍ଟିରୁ ଜର୍ମାନୀକୁ ପଛରେ ପକାଇ ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ପ୍ରସ୍ତୁତ ହେଉଛୁ । ବିଶ୍ୱ ସ୍ତରରେ ଆମର ଗତି ଗୁରୁତ୍ୱପୂର୍ଣ୍ଣ । ସ୍ୱାଧୀନ ଆକଳନ ଦର୍ଶାଏ ଯେ, ଭାରତ ପୂର୍ବରୁ କ୍ରମାଗତ ବିଶ୍ୱ ଅଭିବୃଦ୍ଧିର ୧୫ ପ୍ରତିଶତରୁ ଅଧିକ ଅବଦାନ ଦେଇ ଆସିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ସ୍ପଷ୍ଟ ମହତ୍ତ୍ୱାକାଂକ୍ଷା ଉପସ୍ଥାପନ କରିଛନ୍ତି – ସଂସ୍କାର ଯେତିକି ଗଭୀର ହେବ ଏବଂ ନୂତନ କ୍ଷମତା ଅନଲାଇନ ହେବା ସହିତ ଆମର ଅବଦାନ ଅଂଶ ୨୦ ପ୍ରତିଶତକୁ ବୃଦ୍ଧି ପାଇବ ।

ବଜାର ଏବଂ ମୂଲ୍ୟାୟନ ଏଜେନ୍ସିମାନେ ଏହି ଶୃଙ୍ଖଳାକୁ ମଧ୍ୟ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏସ. ଏଣ୍ଡ ପି. ଗ୍ଲୋବାଲ ୧୮ ଗତ ଏକ ବର୍ଷ ମଧ୍ୟରେ ଭାରତର ସାର୍ବଭୌମ ମୂଲ୍ୟାଙ୍କନକୁ ଅପଗ୍ରେଡ ପ୍ରଦାନ କରିଛି । ଦୃଢ଼ ଅଭିବୃଦ୍ଧି, ଭାରତୀୟ ମୁଦ୍ରାର ବିଶ୍ୱସନୀୟତା ଏବଂ ଆର୍ଥିକ ସମଂଯୋଜନକୁ ଏହା ବିଶେଷ ଭାବରେ ରେଖାଙ୍କିତ କରେ । ଏହା ଅପଗ୍ରେଡ୍ ଋଣ ଖର୍ଚ୍ଚକୁ କମାଏ ଏବଂ ନିବେଶକଙ୍କ ଆଧାରକୁ ବିସ୍ତାରିତ କରେ । ଏହା 'ମୃତ ଅର୍ଥନୀତି'ର କାହାଣୀକୁ ମଧ୍ୟ ବିଚ୍ଛିନ୍ନ କରେ: ବିପଦର ସ୍ୱାଧୀନ ମୂଲ୍ୟାଙ୍କନକାରୀମାନେ ସେମାନଙ୍କ ମୂଲ୍ୟାଙ୍କନ ସହିତ ଏହାକୁ ସମର୍ଥନ ଜଣାଇଛନ୍ତି ।

ସମାନ ଭାବରେ ମହତ୍ତ୍ୱପୂର୍ଣ୍ଣ ହେଉଛି – କିଏ ଏହା ଦ୍ୱାରା ଲାଭବାନ ହୁଏ । ୨୦୧୩-୧୪ ଏବଂ ୨୦୨୨-୨୩ ମଧ୍ୟରେ ଦେଶର ୨୪.୮୨ କୋଟି ଭାରତୀୟ ନାଗରିକ ବିବିଧ ଦାରିଦ୍ର୍ୟରୁ ଉପରକୁ ଉଠିଛନ୍ତି । ସେହି ପରିବର୍ତ୍ତନ ମାପଦଣ୍ଡରେ ମୌଳିକ ସେବା ଯୋଗାଣ ଉପରେ ନିର୍ଭରଶୀଳ- ଯଥା, ବ୍ୟାଙ୍କ ଜମାଖାତା, ସ୍ୱଚ୍ଛ ରୋଷେଇ ଇନ୍ଧନ, ସ୍ୱାସ୍ଥ୍ୟ କଭରେଜ, ପାଇପ ଯୋଗେ ପାନୀୟ ଜଳ ଯୋଗାଣ – ଏବଂ ପ୍ରତ୍ୟକ୍ଷ ସ୍ଥାନାନ୍ତର ଯାହା ଗରିବ ଲୋକମାନଙ୍କୁ ଗ୍ରହଣ କରିବାକୁ ମଜଭୁତ କରେ । ବିଶ୍ୱର ସବୁଠାରୁ ସମ୍ବେଦନଶୀଳ ଗଣତନ୍ତ୍ର ଏବଂ ଉଲ୍ଲେଖନୀୟ ଜନସଂଖ୍ୟାଗତ ଆହ୍ୱାନର ସହିତ ଅଭିବୃଦ୍ଧିର ଏହି ସ୍ତରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରେ । ଭାରତର ମଡେଲ ସହମତି ସୃଷ୍ଟି, ପ୍ରତିଯୋଗିତାମୂଳକ ସଂଘୀୟ ବ୍ୟବସ୍ଥା ଏବଂ ଡିଜିଟାଲ ମାର୍ଗ ମାଧ୍ୟମରେ ସମାଜର ଶେଷତମ ବ୍ୟକ୍ତିଙ୍କୁ ସରକାରୀ ଯୋଜନାର ସୁଫଳ ବିତରଣ କରେ । ଏହା ଘୋଷଣା କରିବାରେ ଧୀର, କାର୍ଯ୍ୟାନ୍ୱୟନରେ ଦ୍ରୁତତର ଏବଂ ସ୍ଥାୟୀ ପ୍ରଭାବ ପକାଇବା ନିମନ୍ତେ ଉଦ୍ଦିଷ୍ଟ । ଯେତେବେଳେ ସମାଲୋଚକମାନେ ଆମକୁ ସ୍ୱେଚ୍ଛାଚାରୀ ଦୌଡ଼ ସହିତ ତୁଳନା କରନ୍ତି, ସେମାନେ ମଧ୍ୟ ଏହି ଦିଗ ତଥା ବିନ୍ଦୁକୁ ଭୁଲି ଯାଆନ୍ତି ଯେ ଆମେ ଏକ ମାରାଥନ ଅର୍ଥନୀତି ନିର୍ମାଣ କରିଛୁ ।

ଭାରତର ପେଟ୍ରୋଲିୟମ୍ ମନ୍ତ୍ରୀ ହିସାବରେ ମୁଁ ପ୍ରମାଣିତ କରିପାରେ ଯେ ଆମର ଶକ୍ତି ସୁରକ୍ଷା ଏହି ଦ୍ରୁତ ଅଭିବୃଦ୍ଧିକୁ କିପରି ଭାବରେ ସମର୍ଥନ ଜଣାଏ । ଭାରତ ଆଜି ବିଶ୍ୱର ତୃତୀୟ ବୃହତ ଶକ୍ତି ଉପଭୋକ୍ତା ରାଷ୍ଟ୍ର ଭାବରେ ମୁଣ୍ଡ ଟେକିଛି । ସେହିଭଳି ଚତୁର୍ଥ ବୃହତ୍ ବିଶୋଧନକାରୀ ରାଷ୍ଟ୍ର ଏବଂ ଚତୁର୍ଥ ଏଲ.ଏନ.ଜି. ଆମଦାନୀକାରୀ ରାଷ୍ଟ୍ର ଭାବରେ ଉଭା ହୋଇଛି । ଆମେ ଚଳିତ ଦଶନ୍ଧି ଶେଷ ସୁଦ୍ଧା ୪୦୦ ଏମ.ଟି.ପି.ଏ ଅତିକ୍ରମ କରିବା ନିମନ୍ତେ, ଏକ ସ୍ପଷ୍ଟ ମାର୍ଗଦର୍ଶିକ ସହିତ ପ୍ରତିଦିନ ୫.୨ ନିୟୁତ ବାରେଲରୁ ଅଧିକ ବିଶୋଧନ କ୍ଷମତା ପରିଚାଳନା କରୁଛୁ ।

ଭାରତର ଶକ୍ତି ଚାହିଦା – ଯାହାକି ୨୦୪୭ ମସିହା ସୁଦ୍ଧା ଦ୍ୱିଗୁଣିତ କରିବା ପାଇଁ ଆକଳନ କରାଯାଇଛି – ତାହା କ୍ରମବର୍ଦ୍ଧିଷ୍ଣୁ ବିଶ୍ୱ ଚାହିଦାର ପ୍ରାୟ ଏକ ଚତୁର୍ଥାଂଶ ହେବ, ଯାହା ଆମର ସଫଳତାର ବିଶ୍ୱ ଶକ୍ତି ସ୍ଥିରତା ରକ୍ଷା ନିମନ୍ତେ କେନ୍ଦ୍ରବିନ୍ଦୁ ପାଲଟିବ । ସରକାରଙ୍କ ଆଭିମୁଖ୍ୟ ହେଉଛି ସୁରକ୍ଷା ସହିତ ସଂସ୍କାରକୁ ସମୁଚିତ ଭାବରେ ମିଶା ଇବା । ୨୦୨୧ ମସିହାରେ ଇନ୍ଧନ ଅନୁସନ୍ଧାନ କ୍ଷେତ୍ରଫଳର ୬ ପ୍ରତିଶତ ସେଡିମେଣ୍ଟାରୀ ବେସିନ ଥିବାବେଳେ ୨୦୨୫ରେ ତାହା ଆସି ୧୬ ପ୍ରତିଶତ ଛୁଇଁଛି । ୨୦୩୦ ମସିହା ସୁଦ୍ଧା ତାହା ୧ ନିୟୁତ ବର୍ଗ କିଲୋମିଟରକୁ ବ୍ୟାପ୍ତ ହେବାର ଲକ୍ଷ୍ୟ ରହିଛି । ପୂର୍ବରୁ ଚିହ୍ନିତ ହୋଇଥିବା ତଥାକଥିତ 'ନୋ- ଗୋ' କ୍ଷେତ୍ରଗୁଡିକର ୯୯ ପ୍ରତିଶତ ହ୍ରାସ ବିପୁଳ ସମ୍ଭାବନା ଉନ୍ମୋଚନ କରିଛି, ଯଦ୍ୟପି ଖୋଲା ଜମି ଲାଇସେନ୍ସିଂ ନୀତି (ଓ.ଏଲ.ଏ.ପି.) ସ୍ୱଚ୍ଛ, ପ୍ରତିଦ୍ୱନ୍ଦ୍ୱୀ ବିଡ଼ିଂକୁ ସୁନିଶ୍ଚିତ କରେ । ନୂତନ ଗ୍ୟାସ୍ ମୂଲ୍ୟ ସଂଶୋଧନ – ଭାରତୀୟ ଅଶୋଧିତ ତୈଳ ବାସ୍କେଟ ସହିତ ମୂଲ୍ୟ ସଂଯୋଗ କରିବା ଏବଂ ଗଭୀର ଜଳକ୍ଷେତ୍ର ଏବଂ ନୂତନ କୂପ ନିମନ୍ତେ ୨୦ ପ୍ରତିଶତ ପ୍ରିମିୟମ୍ ପ୍ରଦାନ କରିବା- ପୁଞ୍ଜି ନିବେଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି ।

ଆମର ଶକ୍ତି କାହାଣୀ କେବଳ ହାଇଡ୍ରୋକାର୍ବନ ବିଷୟରେ ନୁହେଁ, ଏହା ପରିବର୍ତ୍ତନ ବିଷୟରେ ମଧ୍ୟ । ଇଥାନୋଲ ମିଶ୍ରଣ ୨୦୧୪ ମସିହାରେ ୧.୫ ପ୍ରତିଶତକୁ ଆଜି ପର୍ଯ୍ୟନ୍ତ ବୃଦ୍ଧି ପାଇଛି, ଯାହା ୧.୨୫ ଲକ୍ଷ କୋଟି ଟଙ୍କାରୁ ଅଧିକ ବୈଦେଶିକ ମୁଦ୍ରା ସଞ୍ଚୟ କରୁଛି ଏବଂ ଚାଷୀମାନଙ୍କୁ ସିଧାସଳଖ ୧ ଲକ୍ଷ କୋଟିରୁ ଅଧିକ ପ୍ରଦାନ କରୁଛି । 'ଶତତ' ଅଧୀନରେ ୩୦୦ରୁ ଅଧିକ କମ୍ପ୍ରେସଡ୍ ବାୟୋଗ୍ୟାସ କାରଖାନା ନିର୍ମାଣ କରାଯାଉଛି, ୨୦୨୮ ମସିହା ସୁଦ୍ଧା ୫ ପ୍ରତିଶତ ମିଶ୍ରଣ ନିର୍ଦ୍ଦେଶ ସହିତ ଏବଂ ତୈଳ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ସବୁଜ ହାଇଡ୍ରୋଜେନରେ ନେତୃତ୍ୱ ନେଉଛନ୍ତି ।

ଭାରତ ପକ୍ଷରୁ ରୁଷରୁ ଅଶୋଧିତ ତୈଳ କ୍ରୟ ବିଷୟରେ କିଛି ମହଲରେ ଢେର୍ ଉଷ୍ମତା ସୃଷ୍ଟି ହୋଇଛି । ଆସନ୍ତୁ, ଆମେ କଥାରୁ ବାସ୍ତବତାକୁ ପୃଥକ୍ କରିବା । ରୁଷୀୟ ତୈଳକୁ ଇରାନ କିମ୍ବା ଭେନେଜୁଏଲୀୟ ଅଶୋଧିତ ତୈଳ ପରି କେବେ ନିଷିଦ୍ଧ କରାଯାଇନାହିଁ; ଏହା ରାଜସ୍ୱ ସୀମିତ କରିବା ସମୟରେ ତେଲ ପ୍ରବାହିତ ରଖିବା ନିମନ୍ତେ ଜାଣିଶୁଣି ଡିଜାଇନ କରାଯାଇଥିବା ଜି-୭/ ୟୁରୋପୀୟ- ସୀମା ସିଷ୍ଟମ ଅଧୀନରେ ଅଛି । ଏପରି ୧୮ଗୋଟି ପ୍ୟାକେଜ୍ ହୋଇଛି ଏବଂ ଭାରତ ପ୍ରତିଟିକୁ ନିଷ୍ଠାର ସହିତ ପାଳନ କରିଛି । ପ୍ରତ୍ୟେକ କାରବାର ଆଇନଗତ ପରିବହନ ଏବଂ ବୀମା, ଅନୁପାଳନକାରୀ ବ୍ୟବସାୟ ଏବଂ ଅଡିଟ୍ ଚାନେଲ ବ୍ୟବହାର କରିଛି । ଆମେ କୌଣସି ନିୟମକୁ ଭଙ୍ଗ କରିନାହୁଁ; ଆମେ ବଜାରରେ ସ୍ଥିରତା ଆଣିଛୁ ଏବଂ ବିଶ୍ୱ ମୂଲ୍ୟକୁ ମାତ୍ରାରିକ୍ତ ବୃଦ୍ଧିରୁ ରକ୍ଷା କରିଛୁ ।

କିଛି ସମାଲୋଚକ ଅଭିଯୋଗ କରନ୍ତି ଯେ ଭାରତ ରୁଷୀୟ ତୈଳ ନିମନ୍ତେ 'ଅତ୍ୟଧିକ ଆଗ୍ରହୀ' ପାଲଟିଛି । ସତ୍ୟର ଅପଳାପ ଠାରୁ ଏହା ଅନ୍ୟ କିଛି ହୋଇ ନପାରେ । ଭାରତ ଦଶନ୍ଧି ଦଶନ୍ଧି ଧରି ପୋଟ୍ରୋଲିୟମ୍ ଉତ୍ପାଦର ଚତୁର୍ଥ ବୃହତ୍ତମ ରପ୍ତାନୀକାରୀ ଦେଶ ହୋଇଛି – ଏହି ସଂଘର୍ଷର ଢେର୍ ପୂର୍ବରୁ ଏବଂ ଆମର ବିଶୋଧନକାରୀମାନେ ବିଶ୍ୱର ବିଭିନ୍ନ ସ୍ଥାନରୁ ଅଶୋଧିତ ତୈଳର ଏକ ବିରାଟ ବାସ୍କେଟ୍ ପ୍ରକ୍ରିୟାକରଣ କରନ୍ତି । ରପ୍ତାନୀ ଯୋଗାଣ ଶୃଙ୍ଖଳକୁ କାର୍ଯ୍ୟକ୍ଷମ ରଖିଛି । ବାସ୍ତବ ପକ୍ଷେ, ରୁଷ୍‌ର ଅଶୋଧିତ ତୈଳ ଉପରେ ପ୍ରତିବନ୍ଧକ ଲଗାଇବା ପରେ ୟୁରୋପ ଖୋଦ୍ ଭାରତୀୟ ଇନ୍ଧନମୁହାଁ ହୋଇଛି । ରପ୍ତାନୀ ଏବଂ ବିଶୋଧନ ମାର୍ଜିନ (ଜି.ଆର.ଏମ.)ର ପରିମାଣ ବ୍ୟାପକ ମାତ୍ରାରେ ସନ୍ତୁଳିତ ରହିଛି; ଏଥିରେ ଭାରତ ଲାଭଖୋର ହେବାର ପ୍ରଶ୍ନ ହିଁ ଉଠୁନାହିଁ ।

ସମାନ୍ତରାଳ ଭାବରେ ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯେ, ୟୁକ୍ରେନ୍ ସଂଘର୍ଷ ପରେ ବିଶ୍ୱବ୍ୟାପୀ ତୈଳଦର ବୃଦ୍ଧି ପାଇଲେ ଭାରତ ଏହାର ନାଗରିକମାନଙ୍କୁ ସୁରକ୍ଷା ପ୍ରଦାନ ନିମନ୍ତେ ନିର୍ଣ୍ଣାୟକ ନିଷ୍ପତ୍ତି ଗ୍ରହଣ କରିଥିଲା । ତୈଳ ଉତ୍ପାଦନକାରୀ ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକ ଡିଜେଲରେ ପ୍ରତି ଲିଟର ପିଛା ୧୦ ଟଙ୍କା ପର୍ଯ୍ୟନ୍ତ କ୍ଷତି ସହ୍ୟ କରିଆସୁଥିଲେ । ସରକାର ଏଥିପାଇଁ କେନ୍ଦ୍ରୀୟ ଓ ରାଜ୍ୟ ଟିକସ ହ୍ରାସ କରିଥିଲେ ଏବଂ ରପ୍ତାନୀ ନିୟମ ଅନୁସାରେ ବିଦେଶରେ ପେଟ୍ରୋଲ ଏବଂ ଡିଜେଲ ବିକ୍ରି କରୁଥିବା ବିଶୋଧନକାରୀମାନେ ଅନ୍ୟୁନ ୫୦ ପ୍ରତିଶତ ପେଟ୍ରୋଲ ଏବଂ ଘରୋଇ ବଜାରରେ ବିକ୍ରି କରିବାକୁ ବାଧ୍ୟ ବୋଲି ନିୟମ ପ୍ରଣୟନ କରିଥିଲେ ।

ଏଭଳି ପଦକ୍ଷେପମାନ, ଯଥେଷ୍ଟ ଆର୍ଥିକ ମୂଲ୍ୟ ସହିତ ଏହା ସୁନିଶ୍ଚିତ କରିଥିଲା ଯେ ଗୋଟିଏ ସୁଦ୍ଧା ଖୁଚୁରା ଦୋକାନ ଯେପରି ଶୁଷ୍କ ହୋଇ ନଯାଏ ଏବଂ ଭାରତୀୟ ପରିବାରଙ୍କୁ ମଧ୍ୟ ସ୍ଥିର ମୂଲ୍ୟରେ ଇନ୍ଧନ ଯୋଗାଇ ଦିଆଯିବ । ସବୁଠାରୁ ବଡ଼ ସତ୍ୟଟି ହେଉଛି ଏହା ଯେ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ତୈଳ ଉତ୍ପାଦକ, ବିଶ୍ୱ ତୈଳର ପ୍ରାୟ ୧୦ ପ୍ରତିଶତ ଯୋଗାଣ କରୁଥିବା ଦେଶର ଏବେ ସୁଦ୍ଧା କୌଣସି ବିକଳ୍ପ ନାହିଁ । ଯେଉଁମାନେ ଭାରତ ଆଡ଼କୁ ଅଙ୍ଗୁଳି ଦେଖାଉଛନ୍ତି ସେମାନେ ଏଭଳି ସତ୍ୟକୁ ଅଣଦେଖା କରନ୍ତି ବୋଲି କୁହାଯାଇପାରେ । ସକଳ ପ୍ରକାର ଆନ୍ତର୍ଜାତୀୟ ମାନଦଣ୍ଡକୁ ଭାରତ ନିଷ୍ଠାର ସହିତ ଅନୁପାଳନ କରିଆସିଛି ଏବଂ ବିଶ୍ୱରେ ଅଶୋଧିତ ତୈଳ ବାରେଲ ପିଛା ବିପର୍ଯ୍ୟୟ ସୃଷ୍ଟିକାରୀ ୨୦୦ ଡଲାରର ଆଘାତକୁ ସମସ୍ତଙ୍କୁ ସୁରକ୍ଷିତ ରଖିପାରିଛି । ଏହା ଆମର ସଭ୍ୟତାଗତ ମୂଲ୍ୟବୋଧ- 'ବସୁଧୈବ କୁଟୁମ୍ବକମ୍'ର ସହିତ ସମନ୍ୱୟ ରକ୍ଷା କରି ଆମେ ଅନୁପାଳନ କରିଆସୁଛୁ ।

ସମାନ୍ତରାଳ ଭାବରେ ବିଶ୍ୱ ଦୃଷ୍ଟିକୋଣ ନିମନ୍ତେ 'ମେଡ୍ ଇନ୍ ଇଣ୍ଡିଆ' ଯାହା ଭାରତରେ ଆକର ନେଉଥିବା ନୂତନ ଶିଳ୍ପ ବିପ୍ଳବକୁ ଆକାରକୁ ପ୍ରଦାନ କରେ ଯାହା ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ, ନବୀକରଣୟ, ପ୍ରତିରକ୍ଷା ଏବଂ ସ୍ୱତନ୍ତ୍ର ରାସାୟନିକ ପଦାର୍ଥକୁ ବିସ୍ତାରିତ କରେ । ପି.ଏଲ.ଆଇ ପ୍ରୋତ୍ସାହନ ଏବଂ ପ୍ରଧାନମନ୍ତ୍ରୀ ଗତି ଶକ୍ତି ଲଜିଷ୍ଟିକ୍ସ ମେରୁଦଣ୍ଡ ପରିଚାଳିତ । ସେମିକଣ୍ଡକ୍ଟରରେ ଗତି ବର୍ତ୍ତମାନ ଏକ ନୂତନ ସ୍ତରରେ ପହଞ୍ଚିଛି – ନୀତି ଗମ୍ଭୀରତା ଏବଂ କାର୍ଯ୍ୟକାରିତା ପ୍ରମାଣ । କ୍ୟାବିନେଟ୍ ସମ୍ପ୍ରତି ଭାରତ ସେମିକଣ୍ଡକ୍ଟର ସୁବିଧା ଗସ୍ତ ଏବଂ ନୂତନ ଜାପାନୀ ନିବେଶ ପ୍ରତିଶ୍ରୁତି, ସ୍ଥିର, ବିଶ୍ୱସ୍ତ ଟେପ୍ ଯୋଗାଣ ପାଇଁ ଏକ ସହଭାଗୀ ରୋଡମ୍ୟାପକୁ ଅଗ୍ରପ୍ରାଧାନ୍ୟ ଦିଏ ।

ଡିଜିଟାଲ ଅର୍ଥନୀତି ଏହି ଲାଭଗୁଡ଼ିକୁ ବହୁଗୁଣିତ କରେ । ଭାରତ ରିଅଲ୍ ଟାଇମ୍ ଦେୟରେ ବିଶ୍ୱର ନେତୃତ୍ୱ ନେଉଛି । ୟୁ.ପି.ଆଇ.ର ସର୍ବବ୍ୟାପିତା କ୍ଷୁଦ୍ର ବ୍ୟବସାୟୀମାନଙ୍କ ଉତ୍ପାଦକତା ବୃଦ୍ଧି କରୁଛି ଏବଂ ଆମର ଷ୍ଟାର୍ଟ ଅପ୍ ଇକୋସିଷ୍ଟମକୁ ନୂତନତ୍ୱର ସେବା ଏବଂ ସମାଧାନର ରପ୍ତାନୀରେ ପରିଣତ କରୁଛି । ଯେତେବେଳେ ଡିଜିଟାଲ ମାର୍ଗଗୁଡ଼ିକ କଠିନ ଭିତ୍ତିଭୂମିର ସମ୍ମୁଖୀନ ହୁଅନ୍ତି, ଏହାର ପ୍ରଭାବ ବୃଦ୍ଧି ପାଇଥାଏ – କମ୍ ଘର୍ଷଣ, ଉଚ୍ଚ ଆନୁଷ୍ଠାନିକରଣ ଏବଂ ନିବେଶ ତଥା ବ୍ୟବହାରର ଏହା ଏକ ସଫଳ ବୃତ୍ତ ।

ଆମ ସାମ୍ନାରେ ଆଗକୁ ଚାପ ବେଶ୍ ପ୍ରତିଶ୍ରୁତିପୂର୍ଣ୍ଣ ବୋଲି ଅନୁମାନ କରାଯାଏ । ସ୍ୱାଧୀନ ଆକଳନ (ଇ.ୱାଇ.) ସୂଚାଏ ଯେ ୨୦୩୮ ମସିହା ସୁଦ୍ଧା ଭାରତ ପି.ପି.ପି. ଆଧାରରେ, ଯାହାର ସାମଗ୍ରିକ ଘରୋଇ ଉତ୍ପାଦ (ଜି.ଡି.ପି.) ୩୪ ଟ୍ରିଲିୟନ ଡଲାରରୁ ଅଧିକ ହେବ ବୋଲି ଅନୁମାନ କରାଯାଏ । ଏହି ମାର୍ଗ ସ୍ଥିର ସଂସ୍କାର, ମାନବସମ୍ବଳ ପୁଂଜି ଏବଂ ପ୍ରତ୍ୟେକ ଉଦ୍ୟୋଗ ଏବଂ ପରିବାର ନିମନ୍ତେ ପର୍ଯ୍ୟାପ୍ତ, ସ୍ୱଚ୍ଛ ଏବଂ ନିର୍ଭରଯୋଗ୍ୟ ଶକ୍ତି ଯୋଗାଣ ଉପରେ ନିର୍ଭରଶୀଳ ।

ଏକ ମହାନ୍ ସଭ୍ୟତାର ପରୀକ୍ଷା ଏହାକୁ ଏକ ଜଟିଳ ମୁହୂର୍ତ୍ତରେ ପହଞ୍ଚାଇଛି । ଅତୀତରେ ଯେତେବେଳେ ଏଭଳି ଆଶଙ୍କା କରାଯାଉଥିଲା ଭାରତ ତା'ର ସବୁଜ ବିପ୍ଳବ, ସୂଚନା ଓ ପ୍ରଯୁକ୍ତି ବିପ୍ଳବ ସହିତ ଦେଶର କୋଟି କୋଟି ଲୋକଙ୍କୁ ନୀରବରେ ଶିକ୍ଷା ଏବଂ ଉଦ୍ୟୋଗ ମାଧ୍ୟମରେ ଉତ୍ଥାନର ଭିତ୍ତିଭୂମି ସୃଷ୍ଟି କରିଥିଲା । ଆଜିର ସମୟ ଅତୀତ ଠାରୁ ମଧ୍ୟ ଭିନ୍ନ ନୁହେଁ । ଆମେ ଆମର ଦୃଷ୍ଟି ସ୍ଥିର ରଖିଛୁ, ଆମର ସଂସ୍କାର ପ୍ରକ୍ରିୟା ମଧ୍ୟ ନିରନ୍ତର ଜାରି ରହିବ ଏବଂ ଆମର ଅଭିବୃଦ୍ଧିକୁ ଦ୍ରୁତତର କରାଇ, ଗଣତାନ୍ତ୍ରିକ ଏବଂ ସମାବେଶୀ କରିବୁ । ଏହା ଫଳରେ ଯେଉଁ ଫାଇଦା ହେବ ତାହା ସିଧାସଳଖ ସମାଜର ଅବହେଳିତ ବର୍ଗଙ୍କ ନିକଟରେ ପହଞ୍ଚିବ । ତେଣୁ ବିରୋଧୀଙ୍କ ପାଇଁ ଏହାର ଉତ୍ତର ହେଉଛି ସଫଳତା ହାସଲ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶର ବିକାଶ କେବଳ ଏକ ଆକାଂକ୍ଷା ନୁହେଁ, ଏହା ଏକ ସଫଳତା ଉପରେ ଆଧାରିତ କାର୍ଯ୍ୟ । ଏହିସବୁ ପରିସଂଖ୍ୟାନ ସେହି ବୃହତ କାହାଣୀର ସଦ୍ୟତମ ଅଧ୍ୟାୟ ବୋଲି ବିବେଚନା କରାଯାଇପାରେ ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୩ ସେପ୍ଟେମ୍ବର ୨୦୨୫ ବୁଧବାର





# ଆମ୍ବୁଲାନ୍ସରେ ଅକ୍ସିଜେନ ସରିଯିବାରୁ ମହିଳାଙ୍କ ମୃତ୍ୟୁ ପାଇଁ ରାଜ୍ୟ ସରକାର ଦାୟୀ : ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ଗୋଟିଏ ଘରୋଇ ଆମ୍ବୁଲାନ୍ସରେ ଜଣେ ଗୁରୁତର ଅସୁସ୍ଥ ମହିଳାଙ୍କୁ କଟକ ବଡ଼ ମେଡିକାଲକୁ ଅଣାଯାଉଥିବା ବେଳେ ହଠାତ ଅକ୍ସିଜେନ ଶେଷ ହୋଇଯିବାରୁ ମୃତ୍ୟୁ ହୋଇଥିବା ଖବର ସମଗ୍ର ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିବା ବେଳେ, ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ଗତ ଏକବର୍ଷ ଭିତରେ ବିପର୍ଯ୍ୟସ୍ତ ହୋଇଥିବା କାରଣରୁ ଏଭଳି ଅଭାବନୀୟ ଘଟଣା ଘଟିଲା ବୋଲି ବିଜୁ ଜନତା ଦଳ କହିଛି ।

ବିଜେଡି ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେଲିନ ମହାନ୍ତି କହିଛନ୍ତି, ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ ହୋଇଥିବା ନେଇ ବିଜୁ ଜନତା ଦଳ ବିଭିନ୍ନ ସମୟରେ ସ୍ୱର ଉତ୍ତୋଳନ କରିଆସୁଛି । ସରକାର ଆମ୍ବୁଲାନ୍ସ ଗୁଡିକର ରକ୍ଷଣାବେକ୍ଷଣ ନକରିବା କାରଣରୁ ଆମ୍ବୁଲାନ୍ସ ସେବା ପ୍ରଭାବିତ ହୋଇଛି । ବିଜେଡି ସରକାରଙ୍କ ସମୟରେ ଆରମ୍ଭ କରାଯାଇଥିବା ଏହି ଆମ୍ବୁଲାନ୍ସ ସେବା, ଫୋନ କରିବାର ୨୦ ମିନିଟ ଭିତରେ ଆମ୍ବୁଲାନ୍ସ ରୋଗୀଙ୍କ ପାଖରେ ପହଂଚୁଥିଲା । କିନ୍ତୁ, ଏବେ ଆମ୍ବୁଲାନ୍ସ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିବାରୁ ଘଂଟା ଘଂଟା ଅପେକ୍ଷା କରିବାକୁ ପଡୁଛି । ଗତ ଜୁଲାଇ ମାସରେ ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟ ନିକଟବର୍ତ୍ତୀ ଏକ ଗ୍ରାମରେ ଶଙ୍କର ନାମକ ଏକ ଯୁବକ କ୍ରିକେଟ ଖେଳୁଥିବା ବେଳେ ଛାତିରେ ବଲ ବାଜି ଗୁରୁତର ଆହତ ହୋଇଥିଲେ । ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ବ୍ରହ୍ମପୁର ମେଡିକାଲ କଲେଜକୁ ନିଆଯାଉଥିବା ବେଳେ ଖଲ୍ଲିକୋଟ ନିକଟରେ ୧୦୮ ଆମ୍ବୁଲାନ୍ସଟି ଖରାପ ହୋଇଯାଇଥିଲା। ଆମ୍ବୁଲାନ୍ସରେ ଥିବା ଅନ୍ୟମାନେ ଅନ୍ୟ ଏକ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ । କିନ୍ତୁ, ୩ ଘଂଟା ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଆସିପାରି ନଥିଲା । ରୋଗୀଙ୍କ ଆତ୍ମୀୟ ଗୋଟିଏ ଘରୋଇ ଗାଡ଼ିରେ ରୋଗୀଙ୍କୁ ନେଇ ହସ୍ପିଟାଲରେ ପହଂଚିଲା ବେଳକୁ ଡାକ୍ତର ରୋଗୀଙ୍କୁ ମୃତ ଘୋଷଣା କରିଥିଲେ।

ଡ଼ ମହାନ୍ତି କହିଛନ୍ତି, ୧୦୮ ଆମ୍ବୁଲାନ୍ସ ସେବା ଉପଲବ୍ଧ ହୋଇ ନ ପାରିବାରୁ, ଆଉ ଏକ ଅମୂଲ୍ୟ ଜୀବନ ଯାଇଛି । ବାରମ୍ବାର ଘଟୁଥିବା ଏଭଳି ଅଭାବନୀୟ ଘଟଣା ପାଇଁ ରାଜ୍ୟ ସରକାର ଦାୟୀ । ଜଣଙ୍କ ପରେ ଜଣେ ମୃତ୍ୟୁବରଣ କରୁଛନ୍ତି, କିନ୍ତୁ ସରକାରଙ୍କ ନିଦ୍ରା ଭଙ୍ଗ ହେଉନାହିଁ । ମୃତ ମହିଳାଙ୍କ ପରିବାରକୁ ସରକାର ଉପଯୁକ୍ତ କ୍ଷତିପୂରଣ ଘୋଷଣା କରନ୍ତୁ ଓ ତୁରନ୍ତ ୧୦୮ ଆମ୍ବୁଲାନ୍ସ ସେବାକୁ ପୁନଃ କାର୍ଯ୍ୟକ୍ଷମ କରନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରୁଛି ।



ସିମୁଳିଆ- ନିପଟ ମଫସଲର ପୁଅ ପବିତ୍ର ସେଠୀ ନିଜର ଅକ୍ଲାନ୍ତ ପରିଶ୍ରମ ଏବଂ ଅଧ୍ୟବସାୟ ଯୋଗୁଁ ପ୍ରଥମ ଚେଷ୍ଟାରେ ଦିଲ୍ଲୀ ଏମ୍‌ସରେ ଡାକ୍ତରୀ ପଢିବା ପାଇଁ ମନୋନୀତ ହୋଇଛନ୍ତି। ସିମୁଳିଆ ସ୍ଥିତ ମହତାବ ସ୍ମୃତି ପରିଷଦ ତରଫରୁ ତାଙ୍କୁ ମେଧା ସମ୍ମାନ ଦିଆଯିବା ସହ ଡକ୍ଟର ମନୋରଞ୍ଜନ ମହାନ୍ତି ତାଙ୍କୁ ୧୫,୦୦୦ ଟଙ୍କାର ଆର୍ଥିକ ସାହାଯ୍ୟ ଦେଇଛନ୍ତି । ପରିଷଦ ତରଫରୁ ଏହି ପୁରସ୍କାର ପ୍ରତିବର୍ଷ ସେହି ଅଞ୍ଚଳର ଗରିବ ମେଧାବୀ ଛାତ୍ରଙ୍କୁ ଦିଆଯାଇଥାଏ। (ଫଟୋ : ସମ୍ବାଦ କଳିକା)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତ ସେମିକଣ୍ଡକ୍ଟର ...

ବଡ଼ ସଫଳତା ଏବଂ ଆଗାମୀ ସମୟରେ ଭାରତ ଏହି କ୍ଷେତ୍ରରେ ଆହୁରି ଶକ୍ତିଶାଳୀ ହେବ। ସେମିକନ୍ ଇଣ୍ଡିଆ ୨୦୨୫ ସମ୍ମିଳନୀ ଆଜିଠାରୁ ଆରମ୍ଭ ହୋଇଛି, ଯାହା ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ଚାଲିବ। ଏହି ସମ୍ମିଳନୀରେ ୪୮ ରୁ ଅଧିକ ଦେଶରୁ ପ୍ରାୟ ୨,୫୦୦ ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି।

### ଚର୍ଚ୍ଚାରେ ଓଡ଼ିଶା...

ଏହି ତିନୋଟି ଚିପ୍ ମଧ୍ୟରୁ ଦୁଇଟି ରାଉରକେଲାର ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏନଆଇଟି) ଦ୍ୱାରା ଡିଜାଇନ କରାଯାଇଛି । ଭିଜି ଆମ୍ପ୍ଲିଫାୟାର ଆଣ୍ଡ ସେନସର ସର୍କିଟ୍ (ସି୨ଏସ୦୦୧୮) ଏବଂ ପ୍ରେଜେଣ୍ଟ ଏନକ୍ରିପସନ କୋର (ସି୨ଏସ୍୦୦୧୭) । ତୃତୀୟ ଚିପ୍ ହେଉଛି- ହାଇ ପରଫର୍ମାନ୍ସ ମଲଟିପ୍ଲାୟାର ଆଇସି (ସି୨ଏସ୦୦୬୧) ଯାହାକି ବ୍ରହ୍ମପୁରସ୍ଥିତ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ (ପିଏମଇସି) ଦ୍ୱାରା ବିକଶିତ ହୋଇଛି । ଏହି ଚିପଗୁଡ଼ିକ ଭାରତର ପ୍ରଥମ ସ୍ୱଦେଶୀ ସେମିକଣ୍ଡକ୍ଟର ଉତ୍ପାଦନରେ ଓଡ଼ିଶାର ଅଗ୍ରଣୀ ଭୂମିକାକୁ ଦର୍ଶାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମିଳନୀକୁ ଉଦଘାଟନ କରି କହିଛନ୍ତି ଯେ, "୨୦୨୧ରୁ ଏଯାଏ ୧୮ ବିଲିୟନ ଡଲାରର ୧୦ଟି ସେମିକଣ୍ଡକ୍ଟର ପ୍ରକଳ୍ପକୁ ଭାରତରେ ମଞ୍ଜୁରୀ ଦିଆଯାଇଛି । ବିଶ୍ୱ ସେମିକଣ୍ଡକ୍ଟର ବଜାରରେ ଭାରତର ସ୍ଥିତି ବେଶ୍ ଉଜ୍ଜ୍ୱଳ । ଭାରତକୁ ଏବେ ସମଗ୍ର ବିଶ୍ୱ ଭରସା କରୁଛି ଓ ଭାରତ ସହିତ ସେମିକଣ୍ଡକ୍ଟର ଭବିଷ୍ୟତ ଗଢ଼ିବାକୁ ପ୍ରସ୍ତୁତ । ଗତ ଶତାବ୍ଦୀ ତୈଳ ଦ୍ୱାରା ଆଧାରିତ ଥିଲା, କିନ୍ତୁ ଭବିଷ୍ୟତ ସେମିକଣ୍ଡକ୍ଟର ଚିପ ଦ୍ୱାରା ନିର୍ଦ୍ଧାରିତ ହେବ । ବିଶ୍ୱ ସେମିକଣ୍ଡକ୍ଟର ବଜାର ଏବେ ୬୦୦ ବିଲିୟନ ଡଲାରରୁ ଖୁବଶୀଘ୍ର ଏକ ଟ୍ରିଲିୟନ ଡଲାରକୁ ଅତିକ୍ରମ କରିବ ବୋଲି ସେ ଆକଳନ କରିଛନ୍ତି ଏବଂ ଭାରତ ଏହି କ୍ଷେତ୍ରରେ ଏକ ପ୍ରମୁଖ ଖେଳାଳି ଭାବେ ଉଭା ହେବ । ଓଡ଼ିଶାର ଏହି ଅବଦାନ ରାଜ୍ୟର ଶିକ୍ଷା ଅନୁଷ୍ଠାନମାନଙ୍କର ଉଚ୍ଚମାନର ଗବେଷଣା ଓ ଉଦ୍ଭାବନୀ କ୍ଷମତାକୁ ପ୍ରମାଣ କରୁଛି । ଏନଆଇଟି ରାଉରକେଲା ଓ ପିଏମଇସି ବ୍ରହ୍ମପୁର ଦେଶର ପ୍ରଥମ ସ୍ୱଦେଶୀ ଚିପଗୁଡ଼ିକ ବିକଶିତ କରି ଓଡ଼ିଶାକୁ ବିଶ୍ୱ ମାନଚିତ୍ରରେ ପ୍ରତିଷ୍ଠିତ କରିଛନ୍ତି । ଓଡ଼ିଶାର ଏହି ସଫଳତା ରାଜ୍ୟର ଶିକ୍ଷା, ଗବେଷଣା ଓ ଉଦ୍ଭାବନୀ କ୍ଷେତ୍ରରେ ଅଗ୍ରଗତିର ପ୍ରମାଣ। ରାଜ୍ୟ ସରକାରଙ୍କ ପ୍ରଗତିଶୀଳ ନୀତି ଓ ବିନିଯୋଗ-ଅନୁକୂଳ ପରିବେଶ ଓଡ଼ିଶାକୁ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢ଼ି ତୋଳୁଛି । ଏନଆଇଟି ରାଉରକେଲା ଓ ପିଏମଇସି ବ୍ରହ୍ମପୁର ପରି ଅନୁଷ୍ଠାନଗୁଡ଼ିକର ଅବଦାନ ରାଜ୍ୟର ଯୁବପିଢ଼ି ଓ ଶିକ୍ଷାବିତ୍‌ମାନଙ୍କର ସାମର୍ଥ୍ୟକୁ ଦର୍ଶାଉଛି । ସେମିକନ୍ ଇଣ୍ଡିଆ ୨୦୨୫ରେ ଓଡ଼ିଶାର ଏହି ଅବଦାନ କେବଳ ରାଜ୍ୟ ନୁହେଁ, ସମଗ୍ର ଭାରତ ପାଇଁ ଏକ ଗର୍ବର ମୁହୂର୍ତ୍ତ । ଏହା ଦେଶର ସ୍ୱଦେଶୀ ଉତ୍ପାଦନ ଓ ଟେକ୍ନୋଲୋଜି କ୍ଷେତ୍ରରେ ସ୍ୱାବଲମ୍ବୀ ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ । ସୂଚନାଯୋଗ୍ୟ, ନୂଆଦିଲ୍ଲୀର ଯଶୋଭୂମିଠାରେ ସେପ୍ଟେମ୍ବର ୨ରୁ ୪ ତାରିଖ ପର୍ଯ୍ୟନ୍ତ ସେମିକନ୍ ଇଣ୍ଡିଆ-୨୦୨୫ ସମ୍ମିଳନୀ ଆୟୋଜିତ ହୋଇଛି। ଏହା ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ (ଆଇଏସଏମ୍) ଏବଂ ବିଶ୍ୱ ସେମିକଣ୍ଡକ୍ଟର ଇଣ୍ଡଷ୍ଟ୍ରି ଆସୋସିଏସନ ସେମି ଦ୍ୱାରା ମିଳିତ ଭାବେ ଆୟୋଜିତ ହେଉଛି । ଏହି ସମ୍ମିଳନୀ ଭାରତର ସେମିକଣ୍ଡକ୍ଟର ଇକୋସିଷ୍ଟମକୁ ବିଶ୍ୱସ୍ତରୀୟ ମାନଚିତ୍ରରେ ପ୍ରତିଷ୍ଠିତ କରାଇବାକୁ ଲକ୍ଷ୍ୟ ରଖାଯାଇଛି ।

### ଡଲାର ତୁଳନାରେ ...

ଏବଂ ଋଣ ତଥା ଇକ୍ୱିଟି ଉଭୟର ଏଫପିଆଇ ବିକ୍ରୟ ଚାପ ବୃଦ୍ଧି କରିଛି। ବିଶେଷଜ୍ଞମାନେ କହିଛନ୍ତି ଯେ, ଜିଏସଟି ପରିଷଦର ଆଗାମୀ ନିଷ୍ପତ୍ତି କିଛି ଆଶ୍ୱସ୍ତି ପ୍ରଦାନ କରିପାରେ। ସେହିପରି, କୋଟାକ୍ ସିକ୍ୟୁରିଟିଜର ମୁଦ୍ରା ଏବଂ ସାମଗ୍ରୀ ଗବେଷଣା ମୁଖ୍ୟ ଅନିନ୍ଦ୍ୟ ବାନାର୍ଜୀ କହିଛନ୍ତି ଯେ, ଯଦି ସ୍ପଟ୍ ସୁଧ ହାର ୮୮.୫୦ ପାଖାପାଖି ପହଞ୍ଚିଯାଏ, ତେବେ ଆରବିଆଇର ହସ୍ତକ୍ଷେପ ଆଶା କରାଯାଉଛି। ଯଦି ଆମେରିକୀୟ ଶୁଳ୍କ ପ୍ରତ୍ୟାହାର ନ କରାଯାଏ, ତେବେ ସମସ୍ୟା ବଢ଼ିପାରେ ଏବଂ ଦେଶକୁ ବଡ଼ କ୍ଷତିର ସମ୍ମୁଖୀନ ହେବାକୁ ପଡ଼ିପାରେ।

ଟଙ୍କା ଦୁର୍ବଳ ହେବାର ଅସୁବିଧା ହେଉଛି, ଯଦି କୌଣସି ଦେଶର ମୁଦ୍ରା ଦୁର୍ବଳ ହୁଏ, ତେବେ ଦେଶର ବାଣିଜ୍ୟ ମହଙ୍ଗା ହୋଇଯାଏ। ଅନ୍ତର୍ଜାତୀୟ ବଜାରରେ ଜିନିଷଗୁଡ଼ିକର ମୂଲ୍ୟ ହ୍ରାସ ପାଇପାରେ, କିନ୍ତୁ ଏହାକୁ ସେହି ଦେଶ ପାଇଁ ଭଲ ଖବର ବୋଲି ବିବେଚନା କରାଯାଏ ନାହିଁ। ବର୍ତ୍ତମାନ ଭାରତରେ ମଧ୍ୟ ସମାନ ଘଟଣା ଘଟୁଛି। ଯଦି ଟଙ୍କାର ମୂଲ୍ୟ ହ୍ରାସ ଜାରି ରୁହେ, ତେବେ ବଜାରରେ ବଡ଼ କ୍ଷତି ହୋଇପାରେ।

### ଚାଇନାରେ ମୋଦିଙ୍କ ...

ରହିଛୁ। ଉଭୟ ପକ୍ଷ ମଧ୍ୟରେ ନିୟମିତ ଭାବରେ ଅନେକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ଡିସେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ଆମର ୨୩ତମ ଶିଖର ସମ୍ମିଳନୀ ପାଇଁ ୧୪୦ କୋଟି ଭାରତୀୟ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଏହା ଆମର ବିଶେଷ ସହଭାଗୀର ଗଭୀରତା ଏବଂ ବିସ୍ତୃତତାକୁ ପ୍ରତିଫଳିତ କରେ। ରୁଷ ଏବଂ ଭାରତ ମଧ୍ୟରେ ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଭାରତ ଏବଂ ରୁଷ ସବୁବେଳେ ସବୁଠାରୁ କଷ୍ଟକର ପରିସ୍ଥିତିରେ ମଧ୍ୟ କାନ୍ଧ ମିଳାଇ ଚାଲିଛନ୍ତି। ଆମର ଘନିଷ୍ଠ ସହଯୋଗ କେବଳ ଉଭୟ ଦେଶର ଲୋକଙ୍କ ପାଇଁ ନୁହେଁ ବରଂ ବିଶ୍ୱ ଶାନ୍ତି ଏବଂ ସ୍ଥିରତା ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଆମେ ୟୁକ୍ରେନରେ ଚାଲିଥିବା ସଂଘର୍ଷ ବିଷୟରେ ନିରନ୍ତର ଆଲୋଚନା କରିଆସୁଛି। ଶାନ୍ତି ପାଇଁ ଆମେ ସାମ୍ପ୍ରତିକ ସମସ୍ତ ପ୍ରୟାସକୁ ସ୍ୱାଗତ କରୁଛୁ। ଆମେ ଆଶା କରୁଛୁ ଯେ ସମସ୍ତ ପକ୍ଷ ଗଠନମୂଳକ ଭାବରେ ଆଗକୁ ବଢ଼ିବେ। ଯଥାଶୀଘ୍ର ସମ୍ଭବ ସଂଘର୍ଷର ଅନ୍ତ ଏବଂ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ଏକ ଉପାୟ ଖୋଜିବାକୁ ପଡିବ। ଏହା ସମଗ୍ର ମାନବଜାତିର ଆହ୍ୱାନ।

### ଚନ୍ଦ୍ରଗ୍ରହଣ: ରବିବାର...

ସମେତ ଭାରତର ଅନ୍ୟ ଅଞ୍ଚଳରେ ଦୃଶ୍ୟମାନ ହେବା ସହ ଏହାର ଧାର୍ମିକ ଓ ଜ୍ୟୋତିଷୀୟ ମହତ୍ତ୍ୱ ରହିଛି। ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତମାନେ ଏହି ନୀତି ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି।

ଏହା ବ୍ୟତୀତ, ନାସା ଓ ଅନ୍ୟ ଜ୍ୟୋତିର୍ବିଜ୍ଞାନ ସଂସ୍ଥାର ରିପୋର୍ଟ ଅନୁଯାୟୀ, ଏହି ଚନ୍ଦ୍ରଗ୍ରହଣ ଏସିଆ, ଆଫ୍ରିକା, ଇଉରୋପ ଓ ଅଷ୍ଟ୍ରେଲିଆରେ ମଧ୍ୟ ଦୃଶ୍ୟମାନ ହେବ। ଭକ୍ତମାନଙ୍କୁ ଗ୍ରହଣ ସମୟରେ ଧାର୍ମିକ ନିୟମ ପାଳନ କରିବାକୁ ପରାମର୍ଶ ଦିଆଯାଇଛି।

### ସୁଦାନରେ...

ପୀଡିତଙ୍କ ମୃତଦେହ ଉଦ୍ଧାର କରିବାରେ ସାହାଯ୍ୟ କରିବା ପାଇଁ ଜାତିସଂଘ ଏବଂ ଅନ୍ତର୍ଜାତୀୟ ସହାୟତା ସଂସ୍ଥାଗୁଡ଼ିକୁ ନିବେଦନ କରିଛନ୍ତି। ଏହା ସହିତ ସ୍ଥାନୀୟ ଲୋକମାନେ କହିଛନ୍ତି ଯେ ପ୍ରବଳ ବର୍ଷା ପରେ ଏହି ଅଘଟଣ ଘଟିଛି ଏବଂ ଗାଁଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି।

# ୧୯୫୨ର ନିୟମ ୩୭ ଅନୁସାରେ ଡିଏଲ୍‌ଭିସି ଗଠନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ



**କଟକ, ନ୍ୟୁଜ ବ୍ୟୁରୋ**

ଜିଲ୍ଲାର ବିଭିନ୍ନ ସବ୍‌ଡିଭିଜନ୍ ଓ ତହସିଲ ଅଞ୍ଚଳର ସ୍ଥାବର ସମ୍ପତ୍ତି ମୂଲ୍ୟକୁ ଶତ ପ୍ରତିଶତରୁ ଅଧିକ ବୃଦ୍ଧି କରିବା ଜିଲ୍ଲାସ୍ତରୀୟ ମୂଲ୍ୟାୟନ କମିଟି (ଡିଏଲ୍‌ଭିସି) କ୍ଷମତା ବାହାରେ। ଡିଏଲ୍‌ଭିସି ପକ୍ଷରୁ ଦୁଇ ବର୍ଷରେ ଥରେ ଜମିର ବେଞ୍ଚମାର୍କ ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ। କମିଟି ବେଞ୍ଚମାର୍କ ମୂଲ୍ୟ ସଂଶୋଧନ ମାଧ୍ୟମରେ ନିର୍ଦ୍ଧାରଣ କରିବା ପାଇଁ କ୍ଷମତାପ୍ରାପ୍ତ। ପ୍ରତିଶତ ଦ୍ୱାରା ବେଞ୍ଚ୍‌ମାର୍କ ମୂଲ୍ୟ ବୃଦ୍ଧି ପାଇଁ ଡିଏଲ୍‌ଭିସିକୁ ଆଇନ କ୍ଷମତା ଦେଇ ନାହିଁ। ଯେତେବେଳେ ଅବଧି ପୂରଣ ପୂର୍ବରୁ ଡିଏଲ୍‌ଭିସି ଆଇନ ଅନୁସାରେ ସଂଶୋଧନ ମାଧ୍ୟମରେ ବେଞ୍ଚ୍‌ମାର୍କ ମୂଲ୍ୟାଙ୍କନ ସ୍ଥିର କରିବାରେ ବିଫଳ ହୁଏ ସେତେବେଳେ ଡିଏଲ୍‌ଭିସିର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ହିଁ ପୂର୍ବ ବର୍ଷ ତୁଳନାରେ ୧୦ ପ୍ରତିଶତ ବେଞ୍ଚ୍‌ମାର୍କ ମୂଲ୍ୟ ବୃଦ୍ଧି କରିପାରିବେ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି। ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରାଙ୍କୁ ନେଇ ଗଠିତ ଖଣ୍ଡପୀଠ ମନୋରଂଜନ ବେହେରାଙ୍କ ଆବେଦନର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି। ଏଥିସହ ଗଞ୍ଜାମ ଜିଲ୍ଲାର ବିଭିନ୍ନ ତହସିଲ ଓ ସବ୍‌ଡିଭିଜନ ଅନ୍ତର୍ଗତ ଗ୍ରାମ ଓ ଅଞ୍ଚଳର ସ୍ଥାବର ସମ୍ପତ୍ତିର ବେଞ୍ଚ୍‌ମାର୍କ ମୂଲ୍ୟ ବୃଦ୍ଧି ସଂପର୍କିତ ଡିଏଲ୍‌ଭିସି ଓ ସବ୍‌ଡିଭିଜନାଲ ମୂଲ୍ୟାୟନ କମିଟି ନିଷ୍ପତ୍ତିକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଗଞ୍ଜାମ ଜିଲ୍ଲାର ବିଭିନ୍ନ ତହସିଲ ଓ ସବ୍‌ଡିଭିଜନରେ ୨୦୨୪-୨୬ ବର୍ଷ ପାଇଁ ବେଞ୍ଚ୍‌ମାର୍କ ମୂଲ୍ୟ ନିର୍ଦ୍ଧାରଣ ପାଇଁ ଓଡ଼ିଶା ଷ୍ଟାମ୍ପ ନିୟମାବଳୀ, ୧୯୫୨ର ନିୟମ ୩୭ ଅନୁସାରେ ଡିଏଲ୍‌ଭିସି ଗଠନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତିନି ମାସ ଭିତରେ ସଂଶୋଧିତ ବେଞ୍ଚ୍‌ମାର୍କ ମୂଲ୍ୟ ସ୍ଥିର ପ୍ରକ୍ରିୟା ସଂପୂର୍ଣ୍ଣ କରାଯିବ। ଏହି ସମୟ ପର୍ଯ୍ୟନ୍ତ ପ୍ରଦତ୍ତ କ୍ଷମତା ବଳରେ ଜିଲ୍ଲାପାଳ ପୂର୍ବ ବେଞ୍ଚ୍‌ମାର୍କ ମୂଲ୍ୟରେ ୧୦ପ୍ରତିଶତ ୭ ଦିନ ଭିତରେ ବୃଦ୍ଧି କରି ପାରିବେ। ଯଦି ୭ ଦିନ ଭିତରେ ଏପରି ମୂଲ୍ୟ ବୃଦ୍ଧି ସଂପର୍କିତ ଚିଠି ଜିଲ୍ଲାପାଳଙ୍କ ନିକଟରୁ ଗଞ୍ଜାମ ଜିଲ୍ଲା ରେଜିଷ୍ଟ୍ରାର ଓ ସବ୍-ରେଜିଷ୍ଟ୍ରାରଙ୍କ ନିକଟରେ ନ ପହଞ୍ଚେ ତେବେ ଡିଏଲ୍‌ଭିସିର ସାନି ଅନୁମୋଦିତ ବେଞ୍ଚ୍‌ମାର୍କ ମୂଲ୍ୟ ସଂପର୍କରେ ଅବଗତ ହେବା ପର୍ଯ୍ୟନ୍ତ ୨୦୨୨-୨୪ ପାଇଁ ଡିଏଲ୍‌ଭିସି ଧାର୍ଯ୍ୟ କରିଥିବା ବେଞ୍ଚ୍‌ମାର୍କ ମୂଲ୍ୟ ଆଧାରରେ କବଲା ପଞ୍ଜୀକରଣ କରାଯିବ ବୋଲି ହାଇକୋର୍ଟ କହିଛନ୍ତି।

# ବୈଜ୍ଞାନିକ ଉଦୟ ଚନ୍ଦ୍ର ଦାସଙ୍କ ବିୟୋଗ

**ବାଲେଶ୍ୱର, ନ୍ୟୁଜ**



ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ବିକାଶ ସଂଗଠନ (ଡ଼ି.ଆର୍.ଡ଼ି.ଓ)ର ପ୍ରୁଫ୍ କାର୍ଯ୍ୟାଳୟରେ ଉପନିର୍ଦ୍ଦେଶକ ତଥା ବରିଷ୍ଠ ବୈଜ୍ଞାନିକ ଭାବେ ଅବସର ଗ୍ରହଣ କରିଥିବା ଆଧ୍ୟାତ୍ମିକବାଦୀ ଧର୍ମାତ୍ମା ଉଦୟ ଚନ୍ଦ୍ର ଦାସ ଶୁକ୍ରବାର ଦିନ ତାଙ୍କ ସୁନହଟସ୍ଥିତ ବାସଭବନରେ ସନ୍ଧ୍ୟାରେ ଦେହତ୍ୟାଗ କରିଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୭୬ ବର୍ଷ ହୋଇଥିଲା। ସ୍ୱର୍ଗତଃ ଦାସ ପ୍ରତିରକ୍ଷା ବିଭାଗରେ ଯୋଗଦାନ ପୂର୍ବରୁ ରଣସାହି ଉଚ୍ଚବିଦ୍ୟାପୀଠରେ ବିଜ୍ଞାନ ଶିକ୍ଷକ ଥିଲେ। ବିନାମୂଲ୍ୟରେ ସେ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ଓ ଗଣିତ ପଢାଉଥିବାରୁ ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ଖୁବ୍ ପରିଚିତ ଥିଲେ। ବାଲେଶ୍ୱରର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଜଣେ ସକ୍ରିୟ ସଦସ୍ୟ ରହି ବହୁ ସମାଜସେବା ସହ ଆଧ୍ୟାତ୍ମିକ ଚର୍ଚ୍ଚା କରିଛନ୍ତି । ସେ ପାଞ୍ଚଟି ଭାଷାରେ କଥାବାର୍ତ୍ତା କରିପାରୁଥିବାରୁ ପ୍ରୁଫ କାର୍ଯ୍ୟାଳୟରେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ। ଜଣେ ମେଳାପୀ ଓ ପରୋପକାରୀ ବ୍ୟକ୍ତି ଭାବେ ସ୍ୱର୍ଗତଃ ଦାସ ସୁନହଟ ଅଞ୍ଚଳରେ ବେଶ ପରିଚିତ ଥିଲେ। ସେ ଯୁବକମାନଙ୍କୁ କର୍ମସଂସ୍ଥାନ ଯୋଗାଇବା ସହ ଉଦାର ଚିତ୍ତରେ ପାଠପଢାରେ ସାହାଯ୍ୟ କରୁଥିଲେ। ଅନ୍ୟ ଦିଗରେ ସମ୍ପଦର ମୋହ ତାଙ୍କୁ ଗ୍ରାସି ନ ଥିଲା । ନିଜ ଗାଁର ସମ୍ପତ୍ତି ନିଜର ଏକମାତ୍ର ଗରିବ ଭଉଣୀକୁ ଦାନ କରିଦେଇଥିଲେ। ବାଲିଖଣ୍ଡ ହାଇସ୍କୁଲରେ ପ୍ରଥମ ସ୍ଥାନ ଅଧିକାର କରି ମାଟ୍ରିକ୍ ପାସ୍ ପରେ ବାଲେଶ୍ୱରସ୍ଥ ଫକୀରମୋହନ ମହାବିଦ୍ୟାଳୟରେ ସ୍ନାତକ ଓ ବିଜ୍ଞାନରେ ସ୍ନାତକୋତ୍ତର ଶେଷ କରି ଜଣେ ମେଧାବୀ ଛାତ୍ରର ପରିଚୟ ଦେଇଥିଲେ । ଅଧିକାଂଶ ସମୟ ସେ ଗୋ ସେବାରେ ବିତାଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ ମାଳତୀ ଲତା ଦାସ, ତିନିପୁଅ,ବୋହୁମାନେ, ଝିଅ ଓ ଜ୍ୱାଇଁ ଉପସ୍ଥିତ ଥିଲେ । ପ୍ରଜାପିତା ବ୍ରହ୍ମାକୁମାରୀମାନେ ତାଙ୍କୁ ଶେଷ ଦର୍ଶନ କରି ବୈଷ୍ଣବମତରେ ତାଙ୍କୁ ସମାଧି ଦିଆଯାଇଥିଲା।

# ସୁଗମ ଯାତ୍ରା ସୁନିଶ୍ଚିତ କରିବା ପାଇଁ ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ଅବଧି ବୃଦ୍ଧି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବ ତଟ ରେଳପଥ ନିମ୍ନଲିଖିତ ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ସମୟ, ରହଣି ଏବଂ ସଂରଚନାକୁ ବଜାୟ ରଖିବା ସହ ପରିଚାଳନା ଅବଧି ବୃଦ୍ଧି କରିଛି ଏହା ଦ୍ୱାରା ଯାତ୍ରୀଙ୍କ ବର୍ଦ୍ଧିତ ଚାହିଦା ପୂରଣ ହେବା ସହ ନିରନ୍ତର ଯାତ୍ରା ସୁବିଧା ଯୋଗାଇବରେ ବିଶେଷ ସହାୟକ ହେବ : ଟ୍ରେନ ନମ୍ବର ୦୮୦୧୧/୦୮୦୧୨ ଭଞ୍ଜପୁର-ପୁରୀ-ଭଞ୍ଜପୁର ସ୍ୱତନ୍ତ୍ର: ଭଞ୍ଜପୁରରୁ ୧୩ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ବଢ଼ାଯାଇଛି। ପୁରୀରୁ ୧୪ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ବଢ଼ାଯାଇଛି । ଟ୍ରେନ ନମ୍ବର ୦୨୮୩୯/୦୨୮୪୦ ଶାଲିମାର-ପୁରୀ-ଶାଲିମାର ସ୍ୱତନ୍ତ୍ର: ଶାଲିମାରରୁ ୧୪ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ବଢ଼ାଯାଇଛି। ପୁରୀରୁ ୧୫ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ବଢ଼ାଯାଇଛି। ଯାତ୍ରୀମାନଙ୍କୁ ଏହି ସମ୍ପ୍ରସାରଣକୁ ଧ୍ୟାନ ଦେବାକୁ ଏବଂ ସେହି ଅନୁସାରେ ସେମାନଙ୍କର ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଉଛି।



# ଅକ୍ଟୋବର ଶେଷ ସୁଦ୍ଧା ଆର୍ଦ୍ରଭୂମିର ସମନ୍ୱିତ ପରିଚାଳନା ଯୋଜନା ପ୍ରସ୍ତୁତ କର : ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣ, ଓଡ଼ିଶାର ଚତୁର୍ଥ ବୈଠକ ମଙ୍ଗଳବାର ଅପରାହ୍ନରେ ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷତା କରି ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ଅଧ୍ୟକ୍ଷ ତଥା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଂଟିଆ ଅକ୍ଟୋବର ମାସ ଶେଷ ସୁଦ୍ଧା ଚିଲିକା, ଅଂଶୁପା, ଭିତରକନିକା ହେନ୍ତାଳବନ, ହୀରାକୁଦ ଜଳଭଣ୍ଡାର, ସାତକୋଶିଆ ଗଣ୍ଡ ଏବଂ ତାମ୍ପଡା ଆର୍ଦ୍ରଭୂମିର ସମନ୍ୱିତ ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ବନଖଣ୍ଡ ଅଧିକାରୀ ଓ କ୍ଷେତ୍ର ପରିଚାଳକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ଅଧ୍ୟକ୍ଷ ତଥା ଜଙ୍ଗଲମନ୍ତ୍ରୀ ସିଂଖୁଂଟିଆ କହିଲେ ଯେ ପରିବେଶ ଗୁରୁତ୍ୱ ଥିବା ଆର୍ଦ୍ରଭୂମିର ଚିହ୍ନଟ ଏବଂ ବିଜ୍ଞପ୍ତି, ସଂରକ୍ଷଣ ଏବଂ ସମୁଚିତ ବ୍ୟବହାର ପାଇଁ ସମନ୍ୱିତ ପରିଚାଳନା ଯୋଜନା ଗଠନ ଏବଂ ଅନୁମୋଦନ, ଆର୍ଦ୍ରଭୂମିର ଜୈବ ବିବିଧତା, ପରିବେଶଗତ ସେବା ଏବଂ ସାଂସ୍କୃତିକ ଐତିହ୍ୟର ସୁରକ୍ଷା, ଆର୍ଦ୍ରଭୂମି ପରିଚାଳନାରେ ସମ୍ପ୍ରଦାୟର ଅଂଶଗ୍ରହଣ, ସ୍ଥାନୀୟ ଜୀବିକାକୁ ନିରନ୍ତର ଭାବେ ନିଶ୍ଚିତ କରିବା, ଜାତୀୟ ଏବଂ ଅନ୍ତର୍ଜାତୀୟ ସଂଗଠନଗୁଡ଼ିକ ସହିତ କ୍ଷମତା ନିର୍ମାଣ, ସଚେତନତା ସୃଷ୍ଟି ଏବଂ ଗବେଷଣା କ୍ଷେତ୍ରରେ ସହଯୋଗ, ବିକାଶମୂଳକ ଯୋଜନା, ଜଳବାୟୁ ଅନୁକୂଳ ରଣନୀତି ଏବଂ ବିପର୍ଯ୍ୟୟ ପରିଚାଳନା ଢାଂଚାରେ ଆର୍ଦ୍ରଭୂମିକୁ ମୁଖ୍ୟଧାରାରେ ପରିଣତ କରିବାର ଲକ୍ଷ୍ୟ ନେଇ ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣ ଗଠିତ ହୋଇଥିଲା । ଓଡ଼ିଶା ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ସଫଳତା ମଧ୍ୟରେ ଚିଲିକା ହ୍ରଦ ପୁନରୁଦ୍ଧାର, ଭିତରକନିକା ଆର୍ଦ୍ରଭୂମି ସୁରକ୍ଷା, ଅଂଶୁପା ଓ ତାମ୍ପଡା ହ୍ରଦ ଆଦି ଛୋଟ ଆର୍ଦ୍ରଭୂମିର ସଂରକ୍ଷଣ, ରାମସର ସ୍ଥାନ ସମ୍ପ୍ରସାରଣ, ଗୋଷ୍ଠୀ ସମ୍ପୃକ୍ତି ଏବଂ ଜୀବିକା ପ୍ରୋତ୍ସାହନ, ଜଳବାୟୁ ସ୍ଥିରତା ଏବଂ ବିପର୍ଯ୍ୟୟ ପ୍ରଶମନ, ସଚେତନତା ଏବଂ ଗବେଷଣା ସହଯୋଗ ଆଦି ଅନ୍ତର୍ଭୁକ୍ତ । ସମନ୍ୱିତ ପରିଚାଳନା ଯୋଜନାର ମାର୍ଗଦର୍ଶିକା ଅନୁସାରେ ସଂପୃକ୍ତ ସରକାରୀ ବିଭାଗ ଓ ବିଭିନ୍ନ ଅଂଶୀଦାରମାନଙ୍କ ସହ ସମନ୍ୱୟ ରକ୍ଷାକରି ବନଖଣ୍ଡ ଅଧିକାରୀ ଓ କ୍ଷେତ୍ର ପରିଚାଳକମାନେ ଏହି ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ମନ୍ତ୍ରୀ ଶ୍ରୀ ସିଂଖୁଂଟିଆ କହିଥିଲେ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ କହିଲେ ଯେ, ଆର୍ଦ୍ରଭୂମିଗୁଡିକ ହେଉଛି ଆମ ରାଜ୍ୟରେ ଜୀବନ ଏବଂ ଜୀବିକାର ଜୀବନରେଖା। ଓଡ଼ିଶା ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣ ଏହି ପରିସଂସ୍ଥାଗୁଡ଼ିକର ରକ୍ଷକ ଭାବରେ ଠିଆ ହୋଇଛି, ବିକାଶ ଏବଂ ସଂରକ୍ଷଣ କ୍ଷେତ୍ରରେ ହାତ ମିଳାଇ ଚାଲିବା ନିଶ୍ଚିତ କରୁଛି । ଆମର ଆର୍ଦ୍ରଭୂମିଗୁଡ଼ିକର ବିଶ୍ୱସ୍ତରୀୟ ସ୍ୱୀକୃତି, ଚିଲିକାର ପୁନରୁଦ୍ଧାର, ଭିତରକନିକାର ସୁରକ୍ଷା, ଅଂଶୁପା ଏବଂ ତାମ୍ପରାର ଅନ୍ତର୍ଭୁକ୍ତି ପ୍ରଭୃତି ଆର୍ଦ୍ରଭୂମି ସଂରକ୍ଷଣରେ ଓଡ଼ିଶାର ନେତୃତ୍ୱର ପ୍ରମାଣ। ଯେତେବେଳେ ଆମେ ଆଗକୁ ବଢୁଛୁ, ଏହି ମିଶନକୁ ସୁଦୃଢ଼ କରିବା ଆମର ସାମୂହିକ କର୍ତ୍ତବ୍ୟ - ସରକାର, ନାଗରିକ ସମାଜ, ଶିକ୍ଷାନୁଷ୍ଠାନ ଏବଂ ସ୍ଥାନୀୟ ସମ୍ପ୍ରଦାୟର । ଆଜି ଆର୍ଦ୍ରଭୂମିକୁ ସୁରକ୍ଷା ଦେଇ, ଆମେ ରାଜ୍ୟର ଆସନ୍ତାକାଲିର ଭବିଷ୍ୟତକୁ ସୁରକ୍ଷା ଦେଉଛୁ। ଆମ ରାଜ୍ୟ ପାଇଁ ପରିବେଶ ସହ ବିକାଶର ସମନ୍ୱୟ ଜରୁରୀ। ବିଭିନ୍ନ ଆର୍ଦ୍ରଭୂମିର ପରିବେଶ-ସମ୍ବେଦନଶୀଳ ଅଂଚଳକୁ ବାଦ ଦେଇ ଅନ୍ୟ ସ୍ଥାନରେ ପରିବେଶ ପର୍ଯ୍ୟଟନର ଅପାର ସମ୍ଭାବନାକୁ କାର୍ଯ୍ୟରେ ରୂପାୟିତ କରିପାରିଲେ ଆର୍ଦ୍ରଭୂମିଗୁଡିକ ଦେଶ ଓ ବିଦେଶର ବହୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରିପାରନ୍ତା। ବନଖଣ୍ଡ ଅଧିକାରୀମାନେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟରେ ଆଶାନୁରୂପ ଅଗ୍ରଗତି ପାଇଁ ଆବଣ୍ଟିତ ଅର୍ଥରାଶିର ସମୟୋଚିତ ସୁବିନିଯୋଗ କରିବା ଉପରେ ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ ଗୁରୁତ୍ୱାରୋପ କରିଥିଲେ ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ସଚିବ ବଳବନ୍ତ ସିଂ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ କୁମାର ଝା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) ଉମା ନନ୍ଦଉରି, ଓଡ଼ିଶା ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ସଦସ୍ୟ ସଚିବ ତଥା ପରିବେଶ ନିର୍ଦ୍ଦେଶକ କେ. ଏସ. ପ୍ରଦୀପ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ, ଜଳସମ୍ପଦ ବିଭାଗର ଅତିରିକ୍ତ ଶାସନ ସଚିବ ଉପସ୍ଥିତ ରହି ସୁଚିନ୍ତିତ ପରାମର୍ଶମାନ ଦେଇଥିଲେ । ବହୁ ବନଖଣ୍ଡ ଅଧିକାରୀ ଆଭାସି ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ ।

# ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଜାତୀୟ ପୋଷଣ ସପ୍ତାହ-୨୦୨୫ ଆରମ୍ଭ

**ଅନୁଗୁଳ, ନ୍ୟୁଜ ବ୍ୟୁରୋ**




ଜିନ୍ଦଲ ଷ୍ଟିଲର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଅନୁଗୁଳ ଜିଲ୍ଲାର ନତଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଡ଼ମହିତଳା ଗ୍ରାମରେ ଏକ ଉଦଘାଟନୀ କାର୍ଯ୍ୟକ୍ରମ ସହିତ ଜାତୀୟ ପୋଷଣ ସପ୍ତାହ ୨୦୨୫ର ଶୁଭାରମ୍ଭ ହୋଇଛି। ସନ୍ତୁଳିତ ପୁଷ୍ଟିସାର, ସୁସ୍ଥ ଖାଦ୍ୟ ଅଭ୍ୟାସ ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ସଚେତନତା ସୃଷ୍ଟି କରି କୁପୋଷଣ, ରକ୍ତହୀନତା, ବୟସ ଅନୁସାରେ ଓଜନ ଏବଂ ଉଚ୍ଚତା ବୃଦ୍ଧି ସମ୍ପର୍କରେ ଜାଗରଣ ସୃଷ୍ଟି କରିବା ହେଉଛି ଏହାର ମୂଳଲକ୍ଷ୍ୟ। ଉଦଘାଟନୀ ଦିବସରେ ଏକ ସ୍ୱାସ୍ଥ୍ୟ ତଥା ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୧୦୦ରୁ ଅଧିକ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଆଇସିଡିଏସ ଛେଣ୍ଡିପଦାର ସହଯୋଗରେ ଆୟୋଜିତ ଏହି ଶିବିରରେ ସନ୍ତୁଳିତ ଖାଦ୍ୟ, ହାତ ଧୋଇବା ଅଭ୍ୟାସ ଏବଂ ଦୈନନ୍ଦିନ ପରିଷ୍କାର ପରିଚ୍ଛନ୍ନତାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ସ୍ଥାନୀୟ ଅଂଚଳରେ ଉପଲବ୍ଧ ଖାଦ୍ୟ ସାମଗ୍ରୀକୁ କିପରି ସୁଲଭ ଏବଂ ପୁଷ୍ଟିକର ଖାଦ୍ୟରେ ପରିଣତ କରାଯାଇପାରିବ ତାହା ପ୍ରଦର୍ଶନୀରେ ଜରିଆରେ ଗ୍ରାମବାସୀଙ୍କୁ ଅବଗତ କରାଯାଇଥିଲା। ଏହି ଅଧିବେଶନ ଅବସରରେ ସଜନା ଗଛ ରୋପଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଛେଣ୍ଡିପଦାର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ସୁଷମା ସେଠି, ଆଇସିଡିଏସ ପର୍ଯ୍ୟବେକ୍ଷକ ଶ୍ରୀମତୀ କାମିନୀ ବାଳା ସାହୁ, ସିଏସଆର ବିଭାଗର ଅନୁଗୁଳ ମୁଖ୍ୟ ଶ୍ରୀ ଜୟନ୍ତ କୁମାର ମହାନ୍ତି, ସିଏସଆର ଟିମର ସଦସ୍ୟ ଏବଂ ଅଙ୍ଗନୱାଡି କର୍ମୀଙ୍କ ଉପସ୍ଥିତିରେ ଉଦଘାଟନ କରାଯାଇଥିଲା । ସପ୍ତାହବ୍ୟାପୀ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସାମାଜିକ ଏବଂ ଆଚରଣଗତ ପରିବର୍ତ୍ତନ ଆଣିବା ଉପରେ ଗୁରୁତ୍ୱ ଦିଆଯିବ। ସେହିପରି ପ୍ରସବ ପୂର୍ବର ଯତ୍ନ, ସର୍ବୋତ୍ତମ ସ୍ତନ୍ୟପାନ ଅଭ୍ୟାସ, ପରିପୂରକ ଖାଦ୍ୟ, ରକ୍ତହୀନତା ନିୟନ୍ତ୍ରଣ, ଅଭିବୃଦ୍ଧିରେ ତଦାରଖ, ସନ୍ତୁଳିତ ଖାଦ୍ୟ, ବିବାହର ସଠିକ ବୟସ ଏବଂ ପରିମଳ ବ୍ୟବସ୍ଥା ଆଦି ପ୍ରମୁଖ କ୍ଷେତ୍ର ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ । ଜୀବନର ପ୍ରଥମ ୧୦୦୦ ଦିନ ବିଷୟରେ ମଧ୍ୟ ସଚେତନତା ସୃଷ୍ଟି କରାଯିବ, କାରଣ ଶିଶୁର ସାମଗ୍ରିକ ବିକାଶ ପାଇଁ ଏହି ସମୟକୁ ମହତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ । ଏଥିସହିତ କୁପୋଷଣ ରୋକିବା ଉଦ୍ଦେଶ୍ୟରେ ଜିନ୍ଦଲ ଫାଉଣ୍ଡେସନ 'ଚିରଞ୍ଜୀବ' ଏବଂ 'ସ୍ନେହ' ଭଳି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛି, ଯାହା ଓଡ଼ିଶା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡରେ ଦୁର୍ବଳ ବର୍ଗର ପୁଷ୍ଟିକର ଆବଶ୍ୟକତାକୁ ପୂରଣ କରୁଛି ଏବଂ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷରୁ ଅଧିକ ଲୋକଙ୍କୁ ପୋଷଣ ପ୍ରଦାନ କରିପାରିଛି। ଆନିମିଆ ମୁକ୍ତ ଭାରତ ଅଭିଯାନ ଅଧୀନରେ, ଜିନ୍ଦଲ ଫାଉଣ୍ଡେସନ ସାରା ଭାରତରେ ୮ ଲକ୍ଷରୁ ଅଧିକ ଝିଅଙ୍କୁ ମଧ୍ୟମ ଏବଂ ଗୁରୁତର ରକ୍ତହୀନତା ସମସ୍ୟାରୁ ଉଦ୍ଧାର କରିପାରିଛି ।

ଭୁବନେଶ୍ୱର
୦୩ ସେପ୍ଟେମ୍ବର,
ବୁଧବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27





କଲିକତା ଗଣେଶ ପୂଜା-୨୦୨୫ : ବିଭିନ୍ନ ମଣ୍ଡପରେ ପୂଜା ପାଉଛନ୍ତି ବିଘ୍ନବିନାଶକ ଗଣପତି ବାବା।
(ଫଟୋ : ସମ୍ବାଦ କଳିକା)

# ପତିତପାବନ ବାନା ଉପରେ ବସିଲା ଚିଲ୍



**ପୁରୀ ୦୨/୦୯ ନ୍ୟୁଜ ବ୍ୟୁରୋ**

ମହାପ୍ରଭୁ ଦେଲେ କି ବଡ଼ ସଂକେତ ? ଆଗକୁ ଆସୁଛି କି ମହାବିପତ୍ତି। ଏମିତି ଅନେକ ଚର୍ଚ୍ଚା ଏବେ ଶୁଣିବାକୁ ମିଳୁଛି। କାରଣ ଶ୍ରୀମନ୍ଦିର ନୀଳଚକ୍ର ପତିତପାବନ ବାନା ଉପରେ ବସିଛି ଚିଲ। ସେପଟେ ଚିଲ ବସିବା ନେଇ ଅନେକ କଳ୍ପନା ଜଳ୍ପନା ଶୁଣିବାକୁ ମିଳିଛି । ସୂଚନା ଅନୁଯାୟୀ, ମଙ୍ଗଳବାର ମଧ୍ୟାହ୍ନରେ ଏକ ଚିଲ ଶ୍ରୀମନ୍ଦିର ଉପରେ ବୁଲିଥିଲା। କିଛି ସମୟ ବୁଲିବା ପରେ ପତିତପାବନ ବାନା ଉପରେ ବସିଥିଲା। ପ୍ରାୟ ୫ ମିନିଟ ଧରି ବସିବା ପରେ ପୁଣି ଉଡ଼ିଯାଇଥିଲା। ଶ୍ରୀମନ୍ଦିର ସେବାୟତ, ଭକ୍ତ ଏହାକୁ ଦେଖି ଚକିତ ହୋଇପଡିଥିଲେ। ତେବେ ପତିତପାବନ ବାନା ଉପରେ ଚିଲ ବସିବା ଶୁଭ କି ଅଶୁଭ ତାହାକୁ ନେଇ ଅନେକ ପ୍ରଶ୍ନ ଉଠିଛି। କିଛି ସେବାୟତ ଏହାକୁ ମହାପ୍ରଭୁଙ୍କ ବଡ଼ ସଂକେତ ବୋଲି କହିଛନ୍ତି। ଚିଲ ପତିତପାବନ ବାନା ଉପରେ ବସିଲେ ଦେଶରେ ବିପର୍ଯ୍ୟୟ ଘଟିଥାଏ। ଭୂମିକମ୍ପ, ଭୂସ୍ଖଳନ, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟାୟ ସହ ଖାଦ୍ୟାଭାବ, ଗୃହଯୁଦ୍ଧ ବୃଦ୍ଧି ପାଇଥାଏ ବୋଲି ସେବାୟତ କହିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ଏପ୍ରିଲ୍ ମାସରେ ପୁରୀ ଶ୍ରୀମନ୍ଦିରରେ ଦେଖିବାକୁ ମିଳିଥିଲା ବିରଳ ଦୃଶ୍ୟ । ଚିଲ ନେଇଯାଇଥିଲା ପତିତପାବନ ବାନା। ଏହି ଦୃଶ୍ୟ ଦେଖି ଭକ୍ତମାନେ କିଛି ସମୟ ପାଇଁ ଚିଲଟିକୁ ଚାହିଁ ରହିଥିଲେ। ତେବେ ଶ୍ରୀମନ୍ଦିର ନୀଳଚକ୍ରରେ ପ୍ରତ୍ୟେକ ଦିନ ବାନା ପରିବର୍ତ୍ତନ କରାଯାଉଥିବା ବେଳେ ବିଭିନ୍ନ ସମୟରେ ନୀଳଚକ୍ର ଉପରେ ଚିଲ ବସିଥିବାର ନଜିର ମଧ୍ୟ ଆସିଛି । ଚିଲଟିକୁ ଦେଖି ଏମିତି ଲାଗୁଥିଲା ସତେ ଯେମିତି ସବୁ ଖୁସି ଆଜି ତା'କୁ ମିଳିଯାଇଛି।

## ଆରଜେଡି -କଂଗ୍ରେସ ଉପରେ ବର୍ଷିଲେ ପ୍ରଧାନମନ୍ତ୍ରୀ

# 'ମୋର ମା'ଙ୍କ ଅପମାନ, ଦେଶର ପ୍ରତି ମା'ଙ୍କ ଅପମାନ

**ନୂଆଦିଲ୍ଲୀ,୨।୯**

'ମା' ହେଉଛି ଆମର ଦୁନିଆ ଓ ସ୍ୱାଭିମାନ। କିଛି ଦିନ ପୂର୍ବରୁ ଏହି ପରମ୍ପରା ସମୃଦ୍ଧ ବିହାରରେ କ'ଣ ଘଟିଲା ମୁଁ କଳ୍ପନା ମଧ କରି ନଥିଲି। ବିହାରରେ ଆରଜେଡି-କଂଗ୍ରେସର ମଞ୍ଚରୁ ମୋ ମା'ଙ୍କୁ ଗାଳି ଦିଆଯାଇଥିଲା। ଏହି ଗାଳି କେବଳ ମୋ ମା'ଙ୍କ ପ୍ରତି ଅପମାନ ନୁହେଁ। ଏହା ଦେଶର ମା', ଭଉଣୀ ଏବଂ ଝିଅଙ୍କର ଅପମାନ। ମୁଁ ଜାଣେ... ଏହା ଦେଖିବା ଏବଂ ଶୁଣିବା ପରେ ଆପଣ ସମସ୍ତଙ୍କୁ, ବିହାରର ପ୍ରତ୍ୟେକ ମା' କେତେ ଖରାପ ଅନୁଭବ କରିଥିବେ! ମୁଁ ଜାଣେ, ମୋ ହୃଦୟରେ ମଧ ସେହି ଯନ୍ତ୍ରଣା ଅଛି ଯେପରି ବିହାରର ଲୋକମାନେ ଅନୁଭବ କରୁଛନ୍ତି।' ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବିହାରର ଲୋକମାନଙ୍କୁ ଏହି ଅପମାନର ଜବାବ ଦେବାକୁ ମଧ ନିବେଦନ କରିଛନ୍ତି। ବିହାରରେ ରାଜ୍ୟ ଜୀବିକା ନିଧି ସାଖ ସହକାରୀ ସଂଘ ଲିମିଟେଡର ଶୁଭାରମ୍ଭ ବେଳେ ଭର୍ଚ୍ୟୁଆଲ କାର୍ଯ୍ୟକ୍ରମରେ ରାଜ୍ୟର ଜୀବିକା ଦିଦିଙ୍କୁ ଏହି ଉପହାର ଦେଇଛନ୍ତି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ। ଏହି ଅବସରରେ ଶ୍ରୀ ମୋଦୀ କଂଗ୍ରେସ-ଆରଜେଡିକୁ ତାଙ୍କ ମା'ଙ୍କୁ ଗାଳି ଦେଇଥିବା ନେଇ ବର୍ଷିଥିଲେ। ସେ କହିଥିଲେ ମୋର ଏହା କେବଳ ମୋ ମା'ଙ୍କ ଅପମାନ ନୁହେଁ ପୁରା ଦେଶର ମା'ଙ୍କ ଅପମାନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ମା'ଙ୍କୁ ମନେପକାଇ ଖୁବ୍ ଇମୋସନାଲ ହୋଇପଡିଛନ୍ତି। ସେ କହିଛନ୍ତି, ମୋ ମା' ଆମ ସମସ୍ତଙ୍କୁ ଖୁବ୍ ଗରିବ ଅବସ୍ଥାରେ ଲାଳନପାଳନ କରିଛନ୍ତି। ସେ କେବେ ନିଜ ପାଇଁ ନୂଆ ଶାଢୀଟିଏ କିଣିନଥିଲେ। ଆମ ପରିବାର ପାଇଁ ସବୁବେଳେ ସଞ୍ଚୟ କରି ରଖୁଥିଲେ। ମୋ ମା' ଭଳି, ମୋ ଦେଶର କୋଟି କୋଟି ମା' ପ୍ରତିଦିନ ତପସ୍ୟା କରନ୍ତି। ଆପଣ ସମସ୍ତେ ଜାଣନ୍ତି, ଏବେ ମୋର ମା'ର ଶରୀର ତ ଏ ଦୁନିଆରେ ନାହିଁ। ୧୦୦ ବର୍ଷ ପୂରଣ କରି ନିକଟରେ ସେ ଆମମାନଙ୍କୁ ଛାଡି ଚାଲିଗଲେ। ମୋ ମା'ଙ୍କର ରାଜନୀତି ସହ କୌଣସି ସମ୍ପର୍କ ନାହିଁ, ଯାହାଙ୍କର ଶରୀର ଏ ଦୁନିଆରେ ନାହିଁ। ମୋର ସେହି ମା'ଙ୍କୁ ଆରଜେଡି-କଂଗ୍ରେସ ଗୋଟିଏ ମଞ୍ଚରେ ଏକାଠି ଗାଳିଦେଉଛନ୍ତି। ଏହା ଖୁବ୍ ଦୁଃଖ, କଷ୍ଟ ଓ ପୀଡା ଦେଉଥିବା ଘଟଣା। ସେହି ମା' କ'ଣ ଭୁଲ କରିଛି, ତାକୁ ଖରାପ ଭାଷାରେ ଗାଳି ଦେଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହୁରି କହିଛନ୍ତି, ଜଣେ ଗରିବ ମା'ର ତପସ୍ୟା ତା' ପୁଅର କଷ୍ଟକୁ ରାଜ ପରିବାରରେ ଜନ୍ମିତ ଯୁବରାଜ ବୁଝିପାରିବେନି। ଏହି ପ୍ରଭାବଶାଳୀ ଲୋକ ସୁନା-ରୁପାର ଚାମଚ ନେଇ ଜନ୍ମ ହୋଇଛନ୍ତି। ଦେଶ ଓ ବିହାର କ୍ଷମତା ଏମାନଙ୍କୁ ନିଜ ପରିବାରର ଉତ୍ତରାଧିକାରୀ ଭାବରେ ମିଳିଛି। ତାଙ୍କୁ ଲାଗୁଛି ଚୌକି ତାଙ୍କୁ ମିଳିବା ଦରକାର, କିନ୍ତୁ ଦେଶର ଜନତା ଜନାର୍ଦ୍ଦନ ଜଣେ ଗରିବ ମା'ର ପୁଅକୁ ଆଶୀର୍ବାଦ ଦେଇ ପ୍ରଧାନସେବକ କରିଦେଇଛି। ଏହି କଥା କିଛି ପ୍ରଭାବଶାଳୀ ଲୋକଙ୍କୁ ହଜମ ହେବନି। କେହି ପଛୁଆ ବା ଅତି ପଛୁଆ ଆଗକୁ ଯଦି ବଢିଯାଏ ତେବେ କଂଗ୍ରେସକୁ ସହ୍ୟ ହେଉନି। ଏମାନଙ୍କୁ ଲାଗୁଛି ବଡ଼ ଘରର ଲୋକଙ୍କର କେବଳ ସେହି ଅଧିକାର ରହିଛି, କାମ କରୁଥିବା ଲୋକଙ୍କୁ ଏମାନେ କେବଳ ଗାଳି ଦେଉଥାନ୍ତି। ଆପଣ ସମସ୍ତଙ୍କୁ ଜଣା ପ୍ରାୟ ୫୦ରୁ ୫୫ ବର୍ଷ ହେବ ସମାଜ ଓ ଦେଶ ସେବାରେ ଲାଗିଛି। ମୁଁ ରାଜନୀତିକୁ ବହୁତ ବିଳମ୍ବରେ ଆସିଛି। ମୁଁ ପ୍ରତିଦିନ, ପ୍ରତି କ୍ଷଣ ଦେଶ ପାଇଁ ପୁରା ସମର୍ପଣ ଭାବରେ କାମ କରୁଛି। ଏଥିରେ ମୋର ମା'ଙ୍କ ବହୁତ ବଡ଼ ଭୂମିକା ରହିଛି। ମୋତେ ମା' ଭାରତୀଙ୍କ ସେବା କରିବାର ଥିଲା, ତେଣୁ ମୋତେ ଜନ୍ମ ଦେଇଥିବା ମୋର ମା' ମୋତେ ନିଜ ଦାୟିତ୍ୱରୁ ମୁକ୍ତ କରିଦେଇଛନ୍ତି। ସେ ମା'ଙ୍କ ଆଶୀର୍ବାଦରୁ ମୁଁ ଚାଲିଥିଲି। ତେଣୁ ମୋତେ ଆଜି ଏହି କଥାର ଦୁଃଖ ରହିଛି, ଯେଉଁ ମା' ମୋତେ ଦେଶ ସେବାର ଆଶୀର୍ବାଦ ଦେଇ ପଠାଇଥିଲେ, ନିଜଠାରୁ ଅଲଗା କରି ମୋତେ ଯିବାର ଅନୁମତି ଦେଇଥିଲେ ତାଙ୍କୁ ଏଭଳି ଖରାପ ଭାଷାରେ ଗାଳି କରାଯାଉଛି।

## ପଦ୍ମଶ୍ରୀ ରଜତ କୁମାର କରଙ୍କ ୯୨ ତମ ଜୟନ୍ତୀ ସମାରୋହ

# ଓଡ଼ିଆ ଭାଷା ଓ ସାହିତ୍ୟର ସଂରକ୍ଷକ ଥିଲେ ରଜତ କୁମାର କର

**ଭୁବନେଶ୍ୱର, ୦୨/୯ ନ୍ୟୁଜ ବ୍ୟୁରୋ**

ପଦ୍ମଶ୍ରୀ ରଜତ କୁମାର କର ଏକା ଧାରା ରେ ଜଣେ ପ୍ରବୀଣ ବକ୍ତା, ସାହିତ୍ୟିକ, ଲେଖକ, ଇତିହାସ ଗବେଷକ, ନାଟ୍ୟକାର, କବି ଓ ଅଭିନେତା ଥିବା ବେଳେ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରାରେ ୧୯୫୯ରୁ ୬୨ ବର୍ଷ ଧରି ଧାରାବିବରଣୀ ଦେଇ ନିଜକୁ ମହାପ୍ରଭୁଙ୍କ ଏକ ଅନନ୍ୟ ସେବକ ଭାବେ ସ୍ଥାପିତ କରିପାରି ଥିଲେ । ଓଡ଼ିଶାର ଶିକ୍ଷା ନିର୍ଦ୍ଦେଶକ ବିଚ୍ଛିନ୍ନାଞ୍ଚଳ ଜିଲ୍ଲାମାନଙ୍କରେ ଓଡ଼ିଆ ଭାଷା ଶିକ୍ଷା ଓ ପ୍ରଶିକ୍ଷଣ ପାଇଁ ତାଙ୍କର ଉଦ୍ୟମ ଆଜି ମଧ ସ୍ମରଣୀୟ ବୋଲି ବହୁ ବିଶିଷ୍ଟ ବକ୍ତା ମତ ପୋଷଣ କରିଛନ୍ତି।

ଓଡ଼ିଶାର ବରପୁତ୍ର, ଶିକ୍ଷା, ସାହିତ୍ୟ ଓ ସଂସ୍କୃତିର ତୁଙ୍ଗ ପୁରୁଷ ପଦ୍ମଶ୍ରୀ ରଜତ କୁମାର କରଙ୍କ ୯୨ତମ ଜୟନ୍ତୀ ସମାରୋହ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଗୀତଗୋବିନ୍ଦ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ ଅନୁଷ୍ଠିତ ଏହି ସମାରୋହରେ ପୂର୍ବତନ ଆରକ୍ଷୀ ମହାନିର୍ଦ୍ଦେଶକ ମନମୋହନ ପ୍ରହରାଜ ପୌରୋହିତ୍ୟ କରିଥିଲେ। ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ, କେନ୍ଦ୍ର ସାହିତ୍ୟ ଏକାଡେମୀ ସଦସ୍ୟ ଡ. ବିଜୟାନନ୍ଦ ସିଂହ ମୁଖ୍ୟ ବକ୍ତାଭାବେ ଏବଂ ନିଖିଳ ଉତ୍କଳ ରାଜ୍ୟ ପାଲାଗାୟକ ସଂଘର ସୁଦର୍ଶନ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇ ବାଗ୍ମୀ ରଜତ କରଙ୍କ ପ୍ରତିଭାଦୀପ୍ତ ଜୀବନୀ ଓ ସାହିତ୍ୟ କୃତି ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ସ୍ୱାଗତ ଭାଷଣ ଦେବା ସହିତ ଭାରତୀୟତା ଓ ଉତ୍କଳୀୟ ଚେତନାର ଅଭ୍ୟୁତ୍ଥାନ ଦିଗରେ ଡ. ରଜତ କରଙ୍କ ଉଦ୍ୟମ ଓ ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ।

ମୁଖ୍ୟ ଅତିଥି ପ୍ରଫେସର ଆଚାର୍ଯ୍ୟ ପଦ୍ମଶ୍ରୀ ରଜତ କରଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିବା ସହ ରଜତ କରଙ୍କ ସହ ତାଙ୍କର ରେଭେନ୍ସା ବେଳର ସ୍ମୃତି ସବୁ ସ୍ମରଣ କରି କହିଥିଲେ ବାଲ୍ୟକାଳରୁ ରଜତ ବାବୁ ସାହିତ୍ୟ ପ୍ରତି ସଂଗ୍ରାମ କରି ଗୁରୁଦେବ ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ଦ୍ୱାରା ସ୍ଥାପିତ କଳିଙ୍ଗ ଭାରତୀ ମାଧ୍ୟମରେ ଭଞ୍ଜ ସାହିତ୍ୟ ଓ ରୀତି ଯୁଗୀୟ ସାହିତ୍ୟର ପ୍ରସାର କରି ଅପୂର୍ବ ସ୍ପୃହାର ସହ ଜୀବନର ଶେଷ ଯାଏ ଏହି ସଂଗ୍ରାମ ଜାରିରଖିଥିଲେ । ସେ କହିଥିଲେ ଛାତ୍ରାବସ୍ଥାରୁ ପାଠପଢା ବେଳେ ରଜତ କର ଜଣେ ଅତ୍ୟନ୍ତ ସୁବକ୍ତା ଥିଲେ। ତାଙ୍କ ବକ୍ତବ୍ୟରେ ସମସ୍ତ ଶ୍ରୋତାମଣ୍ଡଳୀକୁ ମନ୍ତ୍ରମୁଗ୍ଧ କରି ବାନ୍ଧି ରଖିବାର ସାମର୍ଥ୍ୟ ତାଙ୍କ ପାଖରେ ଥିଲା। ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ 'କଳିଙ୍ଗ ଭାରତୀ' ଅନୁଷ୍ଠାନ ଜରିଆରେ ରଜତ କର ଓ ହୃଦାନନ୍ଦ ରାୟ ଓଡ଼ିଆ ଭାଷା ସାହିତ୍ୟକୁ ପ୍ରତିଷ୍ଠିତ କରିବା ପାଇଁ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ଓଡ଼ିଶାରେ ଲୁପ୍ତପ୍ରାୟ ପାଲା ସଂସ୍କୃତିକୁ ପୁନରୁଦ୍ଧାର ଓ ପୁନର୍ଜୀବିତ କରାଇବାରେ ତାଙ୍କର ବିଶେଷ ଅବଦାନ ରହିଥିଲା। ତାଙ୍କର ବ୍ୟକ୍ତିତ୍ୱର ମହାନୁଭବତାର ଅଧିକ ପରିପ୍ରକାଶ ଓ ପ୍ରଚାର ହେଲେ ଓଡ଼ିଆ ସାହିତ୍ୟ ଆହୁରି ଅଧିକ ସମୃଦ୍ଧ ହୋଇପାରିବ ବୋଲି ସେ କହିଥିଲେ। ସେହିପରି ଓଡ଼ିଆ ଭାଷାକୁ ସଂକୀର୍ଣ୍ଣତାରୁ ବାହାର କରି ବିଶ୍ୱସ୍ତରୀୟ କରାଇବା ଲାଗି ଉଦ୍ୟମ ହେବା ଦରକାର, ହେଲେ ସେଭଳି ଉଦ୍ୟମ ଏପର୍ଯ୍ୟନ୍ତ ହୋଇପାରି ନାହିଁ। ଅତ୍ୟଧିକ ଜଗନ୍ନାଥ ପ୍ରେମ ଯୋଗୁଁ ଆମେ ଓଡ଼ିଆ ଆଞ୍ଚଳିକ ଚିନ୍ତାଧାରାରେ ରହିଯାଉଛେ। ଓଡ଼ିଶାର ଓଡ଼ିଆ ଲୋକମାନେ ଏପର୍ଯ୍ୟନ୍ତ ଉଦ୍‌ବୁଦ୍ଧ, ପ୍ରେରିତ କିମ୍ବା ଜାଗ୍ରତ ହୋଇପାରିନାହାଁନ୍ତି। ଓଡ଼ିଆ ସାହିତ୍ୟକୁ ଆଧୁନିକୀକରଣ କରିବା ଦିଗରେ ଅଧିକ ଚିନ୍ତା ଓ ଆଲୋଚନାର ଜରୁରୀ ଆବଶ୍ୟକତା ରହିଛି। ଏଦିଗରେ ଓଡ଼ିଶା ସାହିତ୍ୟ ଏକାଡେମୀର ଉଦ୍ୟମକୁ ପ୍ରଫେସର ଆଚାର୍ଯ୍ୟ ପ୍ରଶଂସା କରିଥିଲେ।

ମୁଖ୍ୟବକ୍ତା କେନ୍ଦ୍ର ସାହିତ୍ୟ ଏକାଡେମୀ ସଦସ୍ୟ ଡ. ସିଂହ ପଦ୍ମଶ୍ରୀ ରଜତ କୁମାର କରଙ୍କୁ ଜଣେ ପ୍ରଚଣ୍ଡ ବାଗ୍ମୀ ଏବଂ ଜାଜ୍ୱଲ୍ୟମାନ ଅନୁଷ୍ଠାନ ବୋଲି ବର୍ଣ୍ଣନା କରିବା ସହ ତାଙ୍କ ଦିବ୍ୟ ପ୍ରତିଭାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଓ ଉପାସକ ଭାବେ ସମାଜ ଓ ଜାତୀୟ ଜୀବନ ପାଇଁ ସେ ନିଜକୁ ଉତ୍ସର୍ଗ କରି ଓଡ଼ିଆ ଭାଷା ସାହିତ୍ୟ ବାଣୀଭଣ୍ଡାରକୁ ସମୃଦ୍ଧ କରିଥିଲେ। ଓଡ଼ିଆମାନଙ୍କ ସର୍ବଶ୍ରେଷ୍ଠ ପରିଚୟ ଶ୍ରୀଜଗନ୍ନାଥଙ୍କ ଉପରେ ତାଙ୍କର ଗବେଷଣା, ରଚନା ଓ ପାଣ୍ଡିତ୍ୟପୂର୍ଣ୍ଣ ବାଖ୍ୟା ମଧ ଅତ୍ୟନ୍ତ ଉଚ୍ଚକୋଟିର ଥିଲା। ଶ୍ରୀଜଗନ୍ନାଥ ସଂସ୍କୃତି, ଚେତନାର ବିସ୍ତାର ଓ ଅଗ୍ରଗତିରେ ସେ ଥିଲେ ଅଗ୍ରଣୀ ପ୍ରତିଭା। ଅନନ୍ତକାଳ ପାଇଁ ସେ ତାଙ୍କର ପ୍ରତିଭା ନିମନ୍ତେ ସ୍ମରଣୀୟ ହୋଇ ରହିବେ ବୋଲି ଡ. ସିଂହ କହିଥିଲେ। ପାଲା ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ସହ ପାଲକଳାକାର ମାନଙ୍କ ସଂରକ୍ଷଣରେ ପଦ୍ମଶ୍ରୀ କରଙ୍କ ଭୂମିକା ଲାଗି ଜାତି ତାଙ୍କ ପାଖରେ ସଦା ଋଣୀ ରହିବ ବୋଲି ସମ୍ମାନିତ ଅତିଥି ବରିଷ୍ଠ ପାଲାଗାୟକ ଶ୍ରୀ ସୁଦର୍ଶନ ମହାପାତ୍ର କହିଥିଲେ।

ସ୍ମୃତି ସଂସଦ ତରଫରୁ ଡାକ୍ତର ଅଂଶୁମାନ କର ପଦ୍ମଶ୍ରୀ କରଙ୍କ କାଳଜୟ ସୃଷ୍ଟିମାନଙ୍କୁ ପ୍ରକାଶ କରିବା ଏବଂ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ମୃତି ସଂସଦ ଭାଷା ସାହିତ୍ୟ ସଂରକ୍ଷଣ ଦିଗରେ କରିବାକୁ ଥିବା କାର୍ଯ୍ୟକ୍ରମ ସବୁର ସୂଚନା ରଖିଥିଲେ। ଇଂ ରଣଜୀତ କର ଅତିଥି ପରିଚୟ ଦେଇ ଥିବା ବେଳେ ଅଧ୍ୟାପକ ଡ଼.ରାଜୀବ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବରିଷ୍ଠ ଶିକ୍ଷାବିତ ପଣ୍ଡିତ ନଗେନ୍ଦ୍ର କୁମାର ମହାପାତ୍ର ବେଦ ପାଠ ଓ କବିତା ପାଠ କରିଥିଲେ। ଗାୟକ ଉଦୟଭାନୁ ଅମରେନ୍ଦ୍ର ପଟ୍ଟନାୟକ ଓ ସାଥି ମାନେ ପାଲା ପରିବେଷଣ କରିଥିବା ବେଳେ ଅନୁଷ୍ଠାନ ତରଫରୁ ପାଲାଗାୟକ ଓ ତାଙ୍କ ସହଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷା, ସାହିତ୍ୟ, ସଂଗୀତ ଓ ସୃଜନରେ ପରିପୂର୍ଣ୍ଣ ସ୍ୱର୍ଗତ ପଦ୍ମଶ୍ରୀ ରଜତ କରଙ୍କ ବହୁମୁଖୀ ପ୍ରତିଭା ବିଷୟରେ ସଭାରେ ଉପସ୍ଥିତ ଅନେକ ବିଶିଷ୍ଟ ପାଲାଗାୟକ, ସାହିତ୍ୟିକ, ସମ୍ପାଦକ ଓ ଗବେଷକ ମାନେ ଆଲୋଚନା କରି ଥିଲେ। ଶ୍ରୀମତୀ ସାଗରିକା ପ୍ରହରାଜ ସଭା ପରିଚାଳନା କରିଥିବା ବେଳେ, ନିବେଦିତା କର, ଦେବସ୍ମିତା ମହାପାତ୍ର ଓ ଅଂଶୁମିତା, ଡାକ୍ତର ଉପେନ୍ଦ୍ର ନାୟକ, ପ୍ରଭାତ କୁମାର ନନ୍ଦ, ପୀତବାସ ରାଉତରାୟ, ଶ୍ରୀମତୀ ତପସ୍ୱିନୀ କର, ଅଶୋକ କୁମାର ଦାଶ, ଡାକ୍ତର ଦୀପକ ରାଜ, ଅମୂଲ୍ୟ କୁମାର ସ୍ୱାଇଁ, ପ୍ରଦୀପ କର, ଡ଼ ଅନୁପ ମାର୍ଥା, ଜ୍ଞାନରଞ୍ଜନ ନନ୍ଦ ଆଦି ସ୍ମୃତି ସଂସଦର ସଭ୍ୟମାନେ ସହଯୋଗ କରିଥିବା ବେଳେ ବହୁ ବୁଦ୍ଧିଜୀବୀ ଓ ରଜତ ପ୍ରେମୀ ସାହିତ୍ୟ ଅନୁରାଗୀ ଉପସ୍ଥିତ ଥିଲେ।



## ଖୁବ୍‌ଶୀଘ୍ର ଆବଣ୍ଟନ ହେବ ବରମୁଣ୍ଡା ବସ୍ ଟର୍ମିନାଲ କିଓସ୍କୋ

# ପୁରୁଣା ଦୋକାନୀଙ୍କୁ ଲଟେରି ମାଧ୍ୟମରେ ଦିଆଯିବ ଦୋକାନ

**ଭୁବନେଶ୍ୱର,୦୨/୦୯ ନ୍ୟୁଜ ବ୍ୟୁରୋ**

ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ମିଳିବ କିଓସ୍କୋ ସେବା । ପୁରୁଣା ବସ୍‌ଷ୍ଟାଣ୍ଡରେ ଦୋକାନ କରିଥିବା ଦୋକାନୀଙ୍କୁ ଦୋକାନ ମିଳିବ । ଦୋକାନ ଆବଣ୍ଟନ ପାଇଁ ଲଟେରି କରାଯିବ । ଏନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଉପାଧ୍ୟକ୍ଷ ଡ. ଏନ୍ ତିରୁମାଳା ନାଏକ ।

ସେ କହିଛନ୍ତି, ଦୋକାନ ଆବଣ୍ଟନକୁ ନେଇ ଦୋକାନୀଙ୍କ ମଧ୍ୟରେ ଥିବା ଅନ୍ତର୍ଦ୍ୱନ୍ଦ୍ୱ ଦୂର ହୋଇଛି। ଦୋକାନ ଆବଣ୍ଟନ ଲାଗି ଲଟେରି କରାଯିବ। ୧୦ ଦିନ ଭିତରେ ଲଟେରି ମାଧ୍ୟମରେ ୧୨୦ ଦୋକାନ ଆବଣ୍ଟନ କରାଯିବ । ବସ୍ ଟର୍ମିନାଲରେ ପାଖାପାଖି ଲକ୍ଷେ ବର୍ଗ ମିଟର କମର୍ସିଆଲ ସ୍ପେସ୍ ରହିଛି । ଏହାର ଉନ୍ନତି ପାଇଁ ପ୍ରତି ବର୍ଗ ମିଟରକୁ ୫୨ ଟଙ୍କା ହିସାବରେ ଗୋଟିଏ ଏଜେନ୍ସିକୁ ଦିଆଯାଇଛି । ଏଜେନ୍ସି ଉନ୍ନତୀକରଣ କାମ କରିବ । ଖୁବ୍‌ଶୀଘ୍ର ସେହି ଏଜେନ୍ସିକୁ ୱାର୍କ ଅର୍ଡର ଦିଆଯିବ । କିଛି ଷ୍ଟ୍ରକଚରରେ ପରିବର୍ତ୍ତନ କରାଯିବ । ଯେଉଁ ସୁବିଧା ସୁଯୋଗ ଯୋଗାଇବା ଲକ୍ଷ୍ୟ ନେଇ ବସ୍ ଟର୍ମିନାଲ ଆରମ୍ଭ ହୋଇଥିଲା ସବୁ ସୁବିଧା ସୁଯୋଗ ଯାତ୍ରୀଙ୍କୁ ମିଳିବ ବୋଲି ସୂଚନା ମିଳିଛି।



# ବୈଜ୍ଞାନିକଙ୍କ ଚେତାବନୀ: ମଝି ଆକାଶରେ ବଢ଼ିବ ଟର୍ବ୍ୟୁଲାନ୍ସ, ବିଶ୍ୱ ତାପାୟନ ଯୋଗୁ ସୁଗମ ହେବନି ବିମାନ ଯାତ୍ରା

**ନୂଆଦିଲ୍ଲୀ ୨/୯**



ମଝି ଆକାଶରେ ଥିବାବେଳେ ପାଣିରେ ମାଛ ଛଟ୍‌ପଟ୍ ହେବା ଭଳି ହଠାତ୍ ବିମାନ ଯଦି ଝଟ୍‌କାର ଶିକାର ହୁଏ ତେବେ ତାହା ଟର୍ବ୍ୟୁଲାନ୍ସ । ବିମାନ ଉଡ଼ାଣରେ ଏହା ଅନ୍ୟତମ ସବୁଠୁ ଭୟାନକ ଓ ବିପଦପୂର୍ଣ୍ଣ ମୁହୂର୍ତ୍ତ । ଏବେ ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି ଯେ, ଏଭଳି ଘଟଣା ଆହୁରି ବଢ଼ିବ ଏବଂ ଆହୁରି ସାଧାରଣ ହେବ । ବିଶ୍ୱ ତାପନ ଏହାର କାରଣ ।

ବ୍ରିଟେନର ୟୁନିଭର୍ସିଟି ଅଫ୍ ରିଡିଂର ଗବେଷକଙ୍କ ଦ୍ୱାରା କରାଯାଇଥିବା ସଦ୍ୟ ଅଧ୍ୟୟନରୁ ଏହି ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି । ଅଧ୍ୟୟନରୁ ଜଣାପଡ଼ିଛି ଯେ, ଜଳବାୟୁ ପରିବର୍ତ୍ତନ ଉପରେ ହେଉଥିବା ଜେଟ୍ ଷ୍ଟ୍ରିମ୍ (ପୃଥିବୀ ବାୟୁମଣ୍ଡଳର ପ୍ରାୟ ୩୦ ହଜାର ଫୁଟ ଉଚ୍ଚରେ ପ୍ରବାହିତ ଶକ୍ତିଶାଳୀ ପବନର ଧାରା), ପୃଥିବୀକୁ ପରିକ୍ରମା କରୁଥିବା ଓ ମହାଦେଶମାନଙ୍କରେ ବିମାନର ମାର୍ଗଦର୍ଶନ କରୁଥିବା ଶକ୍ତିଶାଳୀ ପବନର ଧାରାରେ ବ୍ୟାଘାତ ସୃଷ୍ଟି କରୁଛି। ଅଧ୍ୟୟନ ଅନୁସାରେ ଏହି ପରିବର୍ତ୍ତନ ବାୟୁମଣ୍ଡଳକୁ ଲଗାତାର ଅସ୍ଥିର କରୁଛି । ଏହା ଦ୍ୱାରା ଯାତ୍ରୀ ଓ ବିମାନ ଚାଳକ ଦଳଙ୍କ ପାଇଁ ଟର୍ବ୍ୟୁଲାନ୍ସର ବିପଦ ବଢୁଛି ।

ଏହି ବିଶ୍ୱବିଦ୍ୟାଳୟ ପୂର୍ବ ଅଧ୍ୟୟନରୁ ଦର୍ଶାଇଥିଲା ଯେ ୧୯୭୯ରୁ ୨୦୨୦ ମସିହା ମଧ୍ୟରେ ଗମ୍ଭୀର ବିମାନ ଟର୍ବ୍ୟୁଲାନ୍ସ ଘଟଣା ୫୫ ପ୍ରତିଶତ ବଢ଼ିଛି । ଆଟ୍‌ମୋସଫିୟରିକ୍ ସାଇନସେସ୍ ପତ୍ରିକାରେ ପ୍ରକାଶିତ ସଦ୍ୟ ଅଧ୍ୟୟନ ଆକଳନ କରିଛି, ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ଜେଟ୍ ଷ୍ଟ୍ରିମ୍ ପବନର ଧାରାରେ ପରିବର୍ତ୍ତନ ୧୬ରୁ ୨୭ ପ୍ରତିଶତ ବୃଦ୍ଧି ହୋଇପାରେ। ସେହିପରି ମୋଟାମୋଟି ବାୟୁମଣ୍ଡଳୀୟ ସ୍ଥିରତା ୧୦ରୁ ୨୦ ପ୍ରତିଶତ ହ୍ରାସ ହୋଇପାରେ । ଉଭୟ ଗୋଲାର୍ଦ୍ଧରେ ଏହି ପରିବର୍ତ୍ତନ ହୋଇପାରେ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଅଧ୍ୟୟନର ମୁଖ୍ୟ ଲେଖକ ଜୋଆନା ମେଡିରୋସ୍ କହିଛନ୍ତି, ଶକ୍ତିଶାଳୀ ପବନ ଧାରାରେ ବ୍ୟାଘାତ ଓ ଦୁର୍ବଳ ବାୟୁମଣ୍ଡଳୀୟ ସ୍ଥିରତା କ୍ଲିୟର-ଏୟାର ଟର୍ବ୍ୟୁଲାନ୍ସ (ସିଏଟି) ସ୍ଥିତିକୁ ଦର୍ଶାଉଛି । ଏହା ଟର୍ବ୍ୟୁଲାନ୍ସର ଏକ ନିର୍ଦ୍ଦିଷ୍ଟ ବିପଦପୂର୍ଣ୍ଣ ରୂପ । କାରଣ କୌଣସି ଚେତାବନୀ ବିନା ଏହି ଘଟଣା ଘଟେ ଏବଂ ରାଡାର ମଧ୍ୟ ଏହାକୁ ଚିହ୍ନଟ କରିପାରେ ନାହିଁ । ଟର୍ବ୍ୟୁଲାନ୍ସ ଝଡ଼ ଦ୍ୱାରା ସୃଷ୍ଟି ହେଉଥିବା ବେଳେ ସିଏଟି ବା ପାଇଲଟ୍ ଓ ଯାତ୍ରୀ ପ୍ରସ୍ତୁତ ନ ଥିବାବେଳେ କ୍ଲିୟର-ଏୟାର ଟର୍ବ୍ୟୁଲାନ୍ସର ସମ୍ମୁଖୀନ ହୋଇଥାନ୍ତି । ଫଳରେ ଧନ-ଜୀବନ ହାନିରୁ ରକ୍ଷା ପାଇବା କଷ୍ଟକର ହୋଇପଡ଼େ । ଅଧ୍ୟୟନର ନିଷ୍କର୍ଷରେ ପହଞ୍ଚିବା ପାଇଁ ଗବେଷକମାନେ ୨୬ ବିଶ୍ୱସ୍ତରୀୟ ଜଳବାୟୁ ମଡେଲ ଉପରେ ନିର୍ଭର କରିଥିଲେ । ଅଧ୍ୟୟନରୁ ଜଣାପଡ଼ିଲା, ଅଧିକାଂଶ ବ୍ୟବସାୟିକ ଜେଟ୍‌ଗୁଡ଼ିକର ଯାତାୟାତ ଉଚ୍ଚତା-ପ୍ରାୟ ୩୫ ହଜାର ଫୁଟ ଉଚ୍ଚରେ ଉତ୍ତାପନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ କେନ୍ଦ୍ରିତ ଥାଏ । ଅଧ୍ୟୟନର ସହ-ଲେଖକ ତଥା ଅଗ୍ରଣୀ ବାୟୁମଣ୍ଡଳୀୟ ବୈଜ୍ଞାନିକ ପଲ୍ ୱିଲିୟମ୍ସଙ୍କ ଅନୁସାରେ, ଟର୍ବ୍ୟୁଲାନ୍ସ ପାଇଲଟ୍ ଓ ଯାତ୍ରୀଙ୍କୁ ଗମ୍ଭୀର ଆଘାତ ଦେଇଛି, ମୃତ୍ୟୁର କାରଣ ମଧ ହୋଇଛି । ଅଧ୍ୟୟନରୁ ସ୍ପଷ୍ଟ ହେଉଛି ଯେ ବିମାନ ଯାତ୍ରା ପାଇଁ ଭବିଷ୍ୟତର ଆକାଶ ସୁରକ୍ଷିତ ଓ ସୁଗମ ହୋଇନପାରେ।

## ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅଣଛାତ୍ର ଚିନ୍ତା

# ୪ ସୁଦ୍ଧା ହଷ୍ଟେଲ ଖାଲି କରିବାକୁ କଡ଼ା ନିର୍ଦ୍ଦେଶ



**ଭୁବନେଶ୍ୱର,୦୨/୦୯ ନ୍ୟୁଜ ବ୍ୟୁରୋ**

ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଘାରିଛି ଅଣଛାତ୍ର ଚିନ୍ତା। କର୍ତ୍ତୃପକ୍ଷଙ୍କୁ କଲବଲ କରିସାରିଲେଣି ଅଣଛାତ୍ର। ସନ୍ଧ୍ୟା ହେବା ମାତ୍ରେ ହଷ୍ଟେଲରେ ଜମୁଛି ନିଶାଡ଼ିଙ୍କ ଆଡ୍ଡା। କର୍ତ୍ତୃପକ୍ଷ ବାରମ୍ବାର ପୁଲିସ ଲଗାଇ ତଡୁଛନ୍ତି, ପୁଣି ସ୍ଥିତି ପୂର୍ବ ଅବସ୍ଥାକୁ ଫେରୁଛି। କିନ୍ତୁ ଏଥର ଅଣଛାତ୍ରଙ୍କୁ ବିଦା କରିବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରିଛନ୍ତି । ଆସନ୍ତା ୪ ତାରିଖ ସୁଦ୍ଧା ହଷ୍ଟେଲ ଖାଲି କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଗତ ସୋମବାର ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି ହଷ୍ଟେଲ୍ ୱାର୍ଡେନ୍ କାର୍ଯ୍ୟାଳୟ ପକ୍ଷରୁ ହଷ୍ଟେଲ୍-୧, ହଷ୍ଟେଲ୍-୨, ହଷ୍ଟେଲ୍-୩ ଖାଲି କରିବାକୁ ଅଣଛାତ୍ରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏପରିକି ଯେଉଁ ଛାତ୍ରଙ୍କୁ ହଷ୍ଟେଲ୍ ଆବଣ୍ଟନ କରାଯାଇଛି, ସେମାନେ ଯେପରି କୌଣସି ବ୍ୟକ୍ତିଙ୍କୁ ହଷ୍ଟେଲକୁ ନଆଣନ୍ତି ଓ କାହାକୁ ନରଖନ୍ତି ଧ୍ୟାନ ଦେବାକୁ କୁହାଯାଇଛି। ଏଥିରେ ଖିଲାପ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଅଭିଯୋଗ ଆସିଥିଲା ଯେ, ଅନେକ ଛାତ୍ର ହଷ୍ଟେଲ ପାଇବା ପରେ ବାହାର ଲୋକଙ୍କୁ ବିକ୍ରି କରୁଛନ୍ତି । ତେଣୁ ହଷ୍ଟେଲ୍ ଖାଲି କରିବାକୁ ଗତ ମାସ ୧୧ ତାରିଖରେ ଏକ ନୋଟିସ୍ କରାଯାଇଥିଲା। ଫକୀରମୋହନ ଛାତ୍ରାବାସରୁ ବିଦ୍ୟୁତ୍ ଓ ପାଣି ସଂଯୋଗ ମଧ କାଟି ଦିଆଯାଇଥିଲା । ଏମିତି ଆଗରୁ ଦେଖିବାକୁ ମିଳିଛି, ଅନେକ ଥର ପୁଲିସ ଲଗାଇ ହଷ୍ଟେଲ ଖାଲି କରିଛନ୍ତି କର୍ତ୍ତୃପକ୍ଷ। ହେଲେ ଏଥିରେ ସୁଧାର ଆସୁନି।